

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୩୮ ଭୁବନେଶ୍ୱର ଶୁକ୍ରବାର, ଜାନୁୟାରୀ ୩୧.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.138 Bhubaneswar, Friday, January 31, 2025


## ଆମେରିକା ବିମାନ-ହେଲିକପ୍ଟର ଦୁର୍ଘଟଣା, ୬୪ ମୃତ



ୱାସିଂଟନ,୩୦/୧ : ଆମେରିକା ୱାସିଂଟନ୍ ଡିସିର ପୋଟୋମାକ୍ ନଦୀ ଉପରେ ମଝି ଆକାଶରେ ବିମାନ ଓ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ପରେ କେହି ଜୀବିତ ନଥିବା ଅନୁମାନ କରାଯାଉଛି। ରୋନାଲ୍ଡ ରେଗାନ୍ ଜାତୀୟ ବିମାନବନ୍ଦର ନିକଟରେ ବିମାନଟି ମୁହାଁମୁହିଁ ଧକ୍କା ହେବା ସମୟରେ ଆମେରିକୀୟ ଏୟାରଲାଇନ୍ସ ବିମାନରେ ୬୪ ଜଣ ଏବଂ ସାମରିକ ହେଲିକପ୍ଟରରେ ୩ ଜଣ ଥିଲେ। ଜରୁରୀକାଳୀନ ସେବା ମୁଖ୍ୟ ଜନ୍ ଡୋନେଲି କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୨୮ଟି ମୃତଦେହ ମିଳିଛି। ସେଠାକାର ପରିବହନ ସଚିବ କହିଛନ୍ତି, ଉଭୟ ବିମାନ ଓ ହେଲିକପ୍ଟରରେ ଅଭିଜ୍ଞ ପାଇଲଟ ଥିଲେ ଏବଂ ଦୁର୍ଘଟଣା ପୂର୍ବରୁ ସବୁକିଛି ସ୍ୱାଭାବିକ ଥିଲା, କିନ୍ତୁ ନିଶ୍ଚିତ ଭାବରେ କିଛି ଘଟିଲା। ଇତି ମଧ୍ୟରେ ଦୁର୍ଘଟଣାର କାରଣ ଜାଣିବା ଲାଗି ଅନୁସନ୍ଧାନ ଆରମ୍ଭ ହୋଇଛି। ଯାତ୍ରୀବାହୀ ବିମାନ ବିମାନବନ୍ଦର ନିକଟବର୍ତ୍ତୀ ହେଉଥିବା ବେଳେ ସେହି ସ୍ଥାନରେ ହେଲିକପ୍ଟର କାହିଁକି ଉଡୁଥିଲା ବୋଲି ଅନୁସନ୍ଧାନକାରୀମାନେ ଜାଣିବାକୁ ଚାହିଁଛନ୍ତି। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ସମାନ ପ୍ରଶ୍ନ କରିଥିଲେ ଯେ ହେଲିକପ୍ଟର କାହିଁକି ଉପରକୁ କିମ୍ବା ତଳକୁ ଗଲାନାହିଁ, କିମ୍ବା ଅନ୍ୟ ଦିଗକୁ ମୁହାଁଇଲା ନାହିଁ। ସେନା ହେଲିକପ୍ଟର ସହ ଯାତ୍ରୀବାହୀ ବିମାନ ଧକ୍କା ହେବା ପରେ ବିମାନଟି ୩ ଖଣ୍ଡ ହୋଇ ନଦୀ ମଧ୍ୟକୁ ଖସିପଡିଥିଲା। ଦୁର୍ଘଟଣାରେ କେହି ବି ଜୀବିତ ନଥିବା ସେଠାକାର ଅଗ୍ନିଶମ ଅଧିକାରୀ କହିଛନ୍ତି। ପ୍ରବଳ ଥଣ୍ଡା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସୂଚନା ମିଳିଛି।

# ଆଜିଠୁ ବଜେଟ୍ ଅଧିବେଶନ ଆରମ୍ଭ, ୧ରେ ଆଗତ ହେବ ବଜେଟ୍

ନୂଆଦିଲ୍ଲୀ, ୩୦/୧ : ଆସନ୍ତାକାଲିଠୁ ଆରମ୍ଭ ହେବ ପାର୍ଲାମେଣ୍ଟ ବଜେଟ୍ ଅଧିବେଶନ । ତା ପୂର୍ବରୁ ଆଜି ବସିଥିଲା ସର୍ବଦଳୀୟ ବୈଠକ । ଚଳିତ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ନେଇ ସବୁ ଦଳର ସହଯୋଗ ଲୋଡିଛନ୍ତି କେନ୍ଦ୍ର ସରକାର । ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି ନଡ୍ଡାଙ୍କ ସମେତ ସବୁ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ । ଗୃହକୁ କିଭଳି ସୁରୁଖୁରୁରେ ପରିଚାଳନା କରାଯିବ ସେନେଇ ବିରୋଧୀଙ୍କ ସହଯୋଗ ଲୋଡ଼ିଛନ୍ତି ସରକାର ।ସେପଟେ ବିରୋଧୀ ଚଳିତ ଅଧିବେଶନରେ ଦରଦାମ ବୃଦ୍ଧି, ନିଯୁକ୍ତି ଆଦି ବିଭିନ୍ନ ପ୍ରସଙ୍ଗ ଉଠାଇବାକୁ ସଜବାଜ ହୋଇଛନ୍ତି । ଆସନ୍ତାକାଲି ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଫେବ୍ରୁଆରୀ ୧ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ସୋମବାରରୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ଆଲୋଚନା ଆରମ୍ଭ ହେବ ।ଚଳିତ ଥର ଦୁଇଟି ପର୍ଯ୍ୟାୟରେ ସଂସଦର ବଜେଟ୍ ଅଧିବେଶନ ଚାଲିବ । ଆସନ୍ତାକାଲିଠୁ ଫେବ୍ରୁଆରୀ ୧୩ ଯାଏ ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଚାଲିବ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ତାରିଖ ଯାଏ ଚାଲିବ । ଅଷ୍ଟମ ଥର ଅର୍ଥମନ୍ତ୍ରୀ ଭାବରେ ସଂସଦରେ ବଜେଟ୍ ଉପସ୍ଥାପନ କରିବେ ନିର୍ମଳା ସୀତାରମଣ । ସେ ଦେଶବାସୀଙ୍କୁ କି ଉପହାର ଦେବେ ତା ଉପରେ ସମସ୍ତଙ୍କର ନଜର ରହିଛି । ବିଶେଷ କରି ନିର୍ମଳାଙ୍କ ପେଡ଼ିରେ ମଧ୍ୟବିତ୍ତ ଓ ଆୟକରଦାତାଙ୍କ ପାଇଁ କ'ଣ ରହିଛି ତାକୁ ଅପେକ୍ଷା । ସେହିପରି ଶିକ୍ଷ ଜଗତ, ଗରିବ, ଚାଷୀ ଓ ମହିଳାଙ୍କ ପାଇଁ କଣ ଘୋଷଣା କରିବେ ସରକାର ତାକୁ ସମସ୍ତେ ଅନାଇ ବସିଛନ୍ତି । ସେହିପରି ପାର୍ଲାମେଣ୍ଟ ବଜେଟ୍ ଅଧିବେଶନରେ ଆଗତ ହୋଇପାରେ ସଂଶୋଧିତ ୱାକଫ ବିଲ୍ । ତା ପୂର୍ବରୁ ଯୁଗ୍ମ ସଂସଦୀୟ କମିଟି ବାଚସ୍ପତି ଓମ୍ ବିର୍ଲାଙ୍କୁ ରିପୋର୍ଟ ହସ୍ତାନ୍ତର କରିଛି । ଜେପିସି ଅଧ୍ୟକ୍ଷ ଜଗଦମ୍ବିକା ପାଲ୍ ଓ ଅନ୍ୟ ସଦସ୍ୟ ବାଚସ୍ପତିଙ୍କୁ ଭେଟି ୬୫୫ ପୃଷ୍ଠା ସମ୍ବଳିତ ରିପୋର୍ଟ ପ୍ରଦାନ କରିଛନ୍ତି । ଗତକାଲି ବହୁମତ ଆଧାରରେ ଜେପିସି ପ୍ୟାନେଲ୍ ରିପୋର୍ଟକୁ ଗ୍ରୀନ୍ ସିଗନାଲ୍ ଦେଇଥିଲା । ଏହାପରେ ଲୋକସଭା ବାଚସ୍ପତିଙ୍କୁ ରିପୋର୍ଟ ଦିଆଯାଇଛି । ଏଥିରେ ବାଚସ୍ପତିଙ୍କ ମୋହର ବାଜିବା ପରେ ଗୃହରେ ଆଗତ ହୋଇପାରେ । ୱାକଫ୍ ବିଲ୍ ୧୯୯୫ରେ ୧୪ଟି ସେକ୍ସନରେ ସଂଶୋଧନ କରାଯାଇଛି । ୨୦୨୪ ଅଗଷ୍ଟ ୮ ତାରିଖରେ ଲୋକସଭାରେ ଆଗତ ହୋଇଥିଲା ୱାକଫ୍ ସଂଶୋଧିତ ବିଲ୍ । ଏହାପରେ ଅଧିକ ସଂଶୋଧନ ପାଇଁ ଯୁଗ୍ମ ସଂସଦୀୟ ବୋର୍ଡକୁ ପଠାଯାଇଥିଲା ବିଲ୍ । ୱାକଫ୍ ୧୯୯୫ ଆଇନରେ ମୋଟ୍ ୪୪ଟି ସଂଶୋଧନ ବିରୋଧୀ ଓ କମିଟି ଦ୍ୱାରା ପ୍ରସ୍ତାବ ଦିଆଯାଇଥିଲା। ଭୋଟିଂ ପରେ ୧୪ଟି ସଂଶୋଧନ କରାଯାଇଛି ।

## ଗାଡ଼ି ଫିଟନେସ ଯାଞ୍ଚ କରିବ ଏଟିଏସ



କଟକ, ୩୦/୧ : ଆଉ ଗାଡ଼ି ଫିଟନେସ ପରୀକ୍ଷା ପାଇଁ ରହିବନି ମାନୁଆଲ ମୂଲ୍ୟାୟନ। ଏଣିକି ଗାଡ଼ି ଫିଟନେସ ଯାଞ୍ଚ କରିବ ଏଟିଏସ। ଏଭଳି ଏକ ପଦକ୍ଷେପ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଛି। ଆଜିଠାରୁ କଟକ ଆରଟିଓରେ ଗାଡ଼ି ଫିଟନେସ ଯାଞ୍ଚ ପାଇଁ ଏଟିଏସ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଥିବାବେଳେ ଖୁବ ଶୀଘ୍ର ରାଜ୍ୟର ୨୧ଟି ଆରଟିଓରେ ଏଟିଏସ ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।ରାଜ୍ୟ ସରକାରଙ୍କ ପକ୍ଷରୁ ଗାଡ଼ି ଫିଟନେସ ପରୀକ୍ଷାକୁ ସ୍ୱଚ୍ଛ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟରେ ସ୍ୱୟଂକ୍ରୀୟ ଯାନ ପଞ୍ଜୀକୃତ ବ୍ୟବସ୍ଥା ଏଟିଏସ ପଞ୍ଜୀକୃତ ହୋଇଛି। ଏଣିକି ଗାଡ଼ି ଫିଟନେସ ଯାଞ୍ଚ କରିବ ଏଟିଏସ । କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ) ଅଧୀନରେ ରାଜ୍ୟର ପ୍ରଥମ ଏଟିଏସ କାର୍ଯ୍ୟକ୍ଷମ ହୋଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ବୈଷୟିକ ଜ୍ଞାନ କୌଶଳରେ ଗାଡ଼ିଗୁଡ଼ିକର ଫିଟନେସ ପରୀକ୍ଷା କରାଯିବ। ପୂର୍ବରୁ ଫିଟନେସ ପାଇଁ ଅବସ୍ଥାପିତ ଅଧିକାରୀ ଗାଡ଼ିର ଯାଞ୍ଚ କରୁଥିଲେ। କିନ୍ତୁ ଏଟିଏସ ଦ୍ୱାରା ଯୋଗ୍ୟ ନ ଥିବା ଗାଡ଼ି ସ୍ୱୟଂକ୍ରିୟ ପଦ୍ଧତିରେ ବାଦ ପଡ଼ିବେ ବୋଲି ଜଣାପଡ଼ିଛି।

## ରାଜଘାଟରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୩୦/୧ : ଆଜି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୭ତମ ଶ୍ରାଦ୍ଧ ବାର୍ଷିକୀ। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ରାଜଘାଟଠାରେ ଗାନ୍ଧିଜୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଷ୍ଟ୍ରପତି ପୁଷ୍ପମାଲ୍ୟ ଅର୍ପଣ କରି ଗାନ୍ଧିଜୀଙ୍କୁ ଶ୍ରଦ୍ଧାସୁମନ ଜଣାଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ରାଜଘାଟଠାରେ ପହଞ୍ଚି ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୋଦୀଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଚିଫ୍ ଅଫ ଡିଫେନ୍ସ ଷ୍ଟାଫ(ସିଡିଏସ) ଏବଂ ତିନି ସେନାର ମୁଖ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ମଧ୍ୟ ଏକ ପୋଷ୍ଟ କରି ଗାନ୍ଧିଜୀଙ୍କୁ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ମୋଦୀ ଲେଖିଛନ୍ତି, ବାପୁଙ୍କୁ ତାଙ୍କ ପୁଣ୍ୟ ତିଥିରେ ଶ୍ରଦ୍ଧାଞ୍ଜଳି ଜଣାଉଛି। ତାଙ୍କ ଆଦର୍ଶ ଆମକୁ ଏକ ବିକଶିତ ଭାରତ ଗଢ଼ିତୋଳିବାରେ ପ୍ରେରଣା ଦେଉଛି। ଦେଶ ପାଇଁ ଜୀବନ ବଳି ଦେଇଥିବା ସମସ୍ତ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି ଏବଂ ସେମାନଙ୍କ ସେବା ଓ ତ୍ୟାଗର ସ୍ମୃତିଚାରଣ କରୁଛି।

## ପ୍ରତି ଜିଲ୍ଲାରେ ହେବ ସମ୍ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ



ଭୁବନେଶ୍ୱର,୩୦/୧ : ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ କରିବା ନିମନ୍ତେ ସମ୍ ହେଲ୍ଥ କେୟାର ସର୍ଭିସେସ୍ ପକ୍ଷରୁ ଏକ ବିସ୍ତୃତ ଯୋଜନା ହାତକୁ ନିଆଯାଇଛି । ତୃଣମୂଳ ସ୍ତରର ଲୋକଙ୍କୁ ସୁଲଭ ତଥା ଗୁଣବତା ବିଶିଷ୍ଟ ସ୍ୱାସ୍ଥ୍ୟ ସେବା ଦେବାକୁ ପ୍ରତି ଜିଲ୍ଲାରେ ଏହି ସଂସ୍ଥା ପକ୍ଷରୁ ୫୦ ଶଯ୍ୟା ବିଶିଷ୍ଟ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ୍ ସ୍ଥାପନ କରାଯିବ । ଏହି ପରିପ୍ରେକ୍ଷୀରେ ସଂସ୍ଥା ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଗୃହୀତ ହୋଇଛି ବୋଲି ବୁଧବାର ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଘୋଷଣା କରାଯାଇଛି । ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଓ ସ୍ୱାସ୍ଥ୍ୟ ବିଭାଗର କମିସନର କମ୍ ସେକ୍ରେଟାରୀ ଶ୍ରୀମତି ଏସ୍. ଅଶ୍ୱତିଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଥିଲା । ଉଭୟ ପ୍ରାଇମେରୀ ଏବଂ ସେକେଣ୍ଡାରୀ ସ୍ୱାସ୍ଥ୍ୟ ସେବା ସହ ଏହି ହସ୍ପିଟାଲ୍ ଗୁଡ଼ିକରେ ଅତ୍ୟାଧୁନିକ ଡାଇଗ୍ନୋସିସ୍ ଲ୍ୟାବ୍, ବୟୋଜ୍ୟେଷ୍ଠଙ୍କ ଲାଗି ସ୍ୱତନ୍ତ୍ର ଯତ୍ନ, ଫାର୍ମାସୀ, ଟ୍ରମା କେୟାର, ଇମର୍ଜେନ୍ସି ଏବଂ ଫିଜିଓଥେରାପି ସୁବିଧା ପ୍ରଦାନ କରାଯିବ । ଏଥି ନିମନ୍ତେ ୧୦୦୦ କୋଟି ଟଙ୍କାର ନିବେଶ ହେବ ଓ ୯୦୦ ଲୋକଙ୍କ ଲାଗି ସିଧାସଳଖ ଓ ୬୦୦୦ ଲୋକଙ୍କ ନିମନ୍ତେ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସମ୍ ହେଲ୍ଥକେୟାରର ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀ ଅନୁରାଗ ନାୟକ ସୂଚନା ଦେଇଛନ୍ତି । ଶ୍ରୀ ନାୟକ କହିଛନ୍ତି ଲୋକେ ସ୍ୱାସ୍ଥ୍ୟ ସେବା ଲାଗି ଭୁବନେଶ୍ୱର ଓ କଟକ ଭଳି ବଡ଼ ସହରଗୁଡ଼ିକ ଉପରେ ନିର୍ଭରଶୀଳ ହେଉଛନ୍ତି । ଲୋକଙ୍କ ନିକଟରେ ଉତମ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଦିଗରେ ଏଭଳି ଉଦ୍ୟମ ଆରମ୍ଭ ହୋଇଛି ।

## ମହାକୁମ୍ଭ ମେଳାକୁ ବସ୍ ସେବା ବାତିଲ କଲା ଓଡ଼ିଶା



ଭୁବନେଶ୍ୱର,୩୦/୧ : ମହାକୁମ୍ଭକୁ ଓଡ଼ିଶାରୁ ଯାଉଥିବା ଓଏସଆରଟିସିର ସ୍ୱତନ୍ତ୍ର ବସ୍ ବାତିଲ୍ ହୋଇଛି। ଫେବୃଆରୀ ୪ ତାରିଖ ଯାଏଁ ଓଏସଆରଟିସିର ସ୍ୱତନ୍ତ୍ର ବସ୍ ବାତିଲ୍ କରାଯାଇଛି। ଅପ୍ରୀତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଏସଆରଟିସି ପକ୍ଷରୁ ଗୁରୁବାର ଏହି ନିଷ୍ପତ୍ତି ନିଆଯାଇଛି। ଟଙ୍କା ଫେରସ୍ତ ପାଇଁ ୯୯୩୭୫୪୭୭୭୩କୁ ଯୋଗାଯୋଗ କରିବା ପାଇଁ ସୂଚନା ଦିଆଯାଇଛି। ଯେଉଁମାନେ ଆଗୁଆ ଟିକେଟ୍ କରିଥିଲେ, ସେମାନେ ଯୋଗାଯୋଗ କରି ପାରିବେ। ସୂଚନାନୁଯାୟୀ ମୌନୀ ଅମାବାସ୍ୟାରେ ଅମୃତ ସ୍ନାନ ପୂର୍ବରୁ ପ୍ରବଳ ଜନ ସମାଗମ ହେତୁ ମହାକୁମ୍ଭ ମେଳାରେ ବଡ ଅଘଟଣ ଘଟିଥିଲା। ପ୍ରୟାଗରାଜ ସଙ୍ଗମ ସ୍ଥଳ ନିକଟରେ ଦଳାଚକଟା ଘଟଣାରେ ଏପର୍ଯ୍ୟନ୍ତ ୩୦ ଜଣଙ୍କ ମୃତ୍ୟୁ ହୋଇଥିବା ଉତ୍ତରପ୍ରଦେଶ ସରକାର ସ୍ପଷ୍ଟ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନା ରହିଛି। ଦଳାଚକଟାରେ ୯୦ରୁ ଅଧିକ ଶ୍ରଦ୍ଧାଳୁ ଆହତ ହୋଇଥିବା ସୂଚନା ମିଳିଛି।

## ଅଫେରା ପଥରେ ୫ ଯୁବକ

### ରକ୍ତରେ ଭିଜିଲା ରାଜରାସ୍ତା; ୨ ଦୁର୍ଘଟଣାରେ ଗଲା ୫ ଜୀବନ

ଭୁବନେଶ୍ୱର,୩୦/୧ : ଆଜି ଦୁଇଟି ସ୍ଥାନରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଯେଉଁଥିରେ ଯାଇଛି ୫ ଯୁବକଙ୍କ ଜୀବନ। ଜଣେ ଗୁରୁତର ଆହତ ହୋଇ ମେଡିକାଲ୍ ବେଡ୍‌ରେ ଜୀବନ ସହିତ ସଂଘର୍ଷ କରୁଛନ୍ତି। ଆଜି ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ବରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ଘଟିଛି। ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ବଦେନବାହାଲ ଗାଁରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ। ତେଣୁ ଖେଳ ଦେଖିବାକୁ ଯାଇଥିଲେ ବାଜେନମୁଣ୍ଡା ଗାଁର ପଦ୍ମମନ ଥପା, ପଦ୍ମଲୋଚନ ଥପା ଓ ଆକାଶ ପୋଡ଼। ସମସ୍ତେ ଗୋଟିଏ ବାଇକ୍‌ରେ ଯାଇଥିଲେ। ଖେଳ ଦେଖି ଅପରାହ୍ନରେ ସମସ୍ତେ ଘରକୁ ଫେରୁଥିଲେ। ତେବେ ମହୁଲପାଲି ବ୍ରିଜ ଉପରେ ସେମାନଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସମସ୍ତଙ୍କୁ ଉଦ୍ଧାର କରାଯାଇ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଠିକ୍ ସେମିତି ଆଉ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥରେ ଘଟିଥିଲା। ଆଜି ଅପରାହ୍ନରେ ହାଇୱାଟି କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ପଛ ପାର୍ଶ୍ୱରୁ ଏକ ବାଇକ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ତେବେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମୃତ ଯୁବକ ଦୁଇ ଜଣ ହେଲେ ନଦୁଆଁ ଗାଁର ସିପୁନ ଖଟୁଆ ଓ ଟୁନୁ ଖଟୁଆ। ଆଉ ଆହତ ଯୁବକ ହେଲେ ସେହି ଗାଁର ଦୀପକ ଦେହୁରୀ ବୋଲି ଜଣାପଡ଼ିଛି। ଘଷିପୁରା ଥାନା ପୋଲିସ ଘଟଣାସ୍ଥଳରେ ଗାଡ଼ି ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ମହାକୁମ୍ଭ ମୃତ୍ୟୁ ମାମଲା:ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟ



ନୂଆଦିଲ୍ଲୀ, ୩୦/୧ : ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭରେ ଘଟିଥିବା ଦୁଃଖଦ ଘଟଣା ପରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି, ଯେଉଁଥିରେ ଦେଶର ବିଭିନ୍ନ ସ୍ଥାନରୁ ଆସୁଥିବା ତୀର୍ଥଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇବା ପାଇଁ ତୁରନ୍ତ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି। ଜାନୁଆରି ୨୯ ତାରିଖ ସକାଳେ ସଙ୍ଗମ ଅଞ୍ଚଳରେ ଘଟିଥିବା ଏହି ଦଙ୍ଗାରେ ଅତି କମରେ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୦ରୁ ଅଧିକ ଆହତ ହୋଇଛନ୍ତି। ପ୍ରୟାଗରାଜରେ ସୁବିଧା କେନ୍ଦ୍ର ପ୍ରତିଷ୍ଠା କରି ତୀର୍ଥଯାତ୍ରୀଙ୍କ ସୁରକ୍ଷା ନିର୍ଦ୍ଦେଶାବଳୀ ସମ୍ପର୍କରେ ଅତ୍ୟାବଶ୍ୟକ ସୂଚନା ପ୍ରଦାନ କରିବାକୁ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ବିଶାଲ ତିୱାରୀ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରିଛନ୍ତି।ଏହି ଆବେଦନରେ ପର୍ଯ୍ୟଟକମାନଙ୍କୁ ରାସ୍ତା ଏବଂ ନିର୍ଦ୍ଦେଶାବଳୀରେ ଯାତାୟାତ କରିବାରେ ସାହାଯ୍ୟ କରିବା ପାଇଁ ବହୁଭାଷୀ ଘୋଷଣା ଏବଂ ପ୍ରଦର୍ଶନ ବୋର୍ଡର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି, ଯାହା ଦ୍ୱାରା ଦ୍ୱନ୍ଦ୍ୱ ହ୍ରାସ ପାଇବ ଏବଂ ବିଭିନ୍ନ ଭାଷାଗତ ପୃଷ୍ଠଭୂମିର ଲୋକଙ୍କ ପାଇଁ ଏକ ସୁରକ୍ଷିତ ଅନୁଭୂତି ସୁନିଶ୍ଚିତ କରାଯାଇପାରିବ। ମହାକୁମ୍ଭ ସମୟରେ ମେଡିକାଲ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଉତ୍ତରପ୍ରଦେଶ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ସମସ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଡାକ୍ତର ଏବଂ ନର୍ସଙ୍କୁ ନେଇ ଛୋଟ ଛୋଟ ଡାକ୍ତରୀ ଦଳ ନିୟୋଜିତ କରିବାକୁ ଆବେଦନକାରୀ ପ୍ରସ୍ତାବ ଦେଇଛନ୍ତି। ଏଥିସହ ଯେଉଁ ଅଧିକାରୀ ଓ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଏହି ଘଟଣା ଘଟିଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନରେ ଦାବି କରାଯାଇଛି। ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଛି ଯେ, ସୁପ୍ରିମକୋର୍ଟ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ଉତ୍ତରପ୍ରଦେଶ ରାଜ୍ୟକୁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ସେମାନଙ୍କ ଅବହେଳା ପାଇଁ ଦାୟୀ ବ୍ୟକ୍ତି, କର୍ତ୍ତୃପକ୍ଷ ଏବଂ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

### ୩୭ଟି ବଦଳି ନିର୍ଦ୍ଦେଶ ହୋଇନି କାର୍ଯ୍ୟକାରୀ: ମାନୁନାହାନ୍ତି ଅଫିସର

# କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଲେ ସରକାର

ଭୁବନେଶ୍ୱର,୩୦/୧ : ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଫିସରମାନଙ୍କ ବଦଳି ହେଉଛି ସତ କିନ୍ତୁ ସେହି ବଦଳି ନିର୍ଦ୍ଦେଶକୁ ଅଫିସରମାନେ ମାନୁନାହାନ୍ତି । କେଉଁଠି ସମ୍ପୃକ୍ତ ଅଫିସରଙ୍କୁ ରିଲିଭ୍ କରାଯାଉନି ତ କେଉଁଠି ସେହି ଅଫିସରମାନେ ନିଜ ପଦ ରଖିବା ପାଇଁ ନାନାଦି କସରତ କରୁଛନ୍ତି । ଯେଉଁଥିପାଇଁ ଗତ ୨୦୨୪ ଜୁଲାଇ ୨ତାରିଖରୁ ଚଳିତମାସ ୨୪ତାରିଖ ମଧ୍ୟରେ ମୋଟ ୩୭ଟି ବଦଳି ନିର୍ଦ୍ଦେଶ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରିନି । ଏଭଳି ପ୍ରଶାସନିକ ସଙ୍କଟକୁ ଦେଖି ମୋହନ ମାଝୀଙ୍କ ସରକାର କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି । ଆଉ ବଦଳି ହୋଇଥିବା ଅଫିସରମାନଙ୍କୁ ଚଳିତମାସ ୩୧ତାରିଖ ସୁଦ୍ଧା ରିଲିଭ୍ ନକଲେ ତାକୁ ସରକାରଙ୍କ ନିର୍ଦ୍ଦେଶର ଅବମାନନା ଭାବେ ବିବେଚନା କରାଯାଇ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗୀୟ ସଚିବ, ବିଭାଗୀୟ ମୁଖ୍ୟ ଓ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ବଦଳି ନିର୍ଦ୍ଦେଶ ଆଧାରରେ ଓଏଏସ୍ ଅଫିସରମାନଙ୍କୁ ରିଲିଭ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ବାରମ୍ବାର ତାଗିଦ୍ ସତ୍ତ୍ୱେ ବରିଷ୍ଠ ଓଏଏସ୍ ଅଫିସରମାନଙ୍କ ବଦଳିକୁ ସେମାନଙ୍କର ଉପରିସ୍ଥ କର୍ତ୍ତୃପକ୍ଷମାନେ କାର୍ଯ୍ୟକାରୀ କରୁନଥିବା ଦେଖିବାକୁ ମିଳିଛି । ବଦଳି ହୋଇଥିବା ଅଧିକାଂଶ ଅଫିସର



ନିଜର ବର୍ତ୍ତମାନ ସ୍ଥାନରୁ ରିଲିଭ୍ ହୋଇନଥିବା ଅବା ନୂଆ ଦାୟିତ୍ୱ ଗ୍ରହଣ କରିନଥିବା ଦେଖିବାକୁ ମିଳିଛି ।ଏହି ବଦଳି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାନଯିବା ଦ୍ୱାରା ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର କାର୍ଯ୍ୟକାରିତା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲୋକଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଗୁରୁତର ପ୍ରଶାସନିକ ସମସ୍ୟା ସୃଷ୍ଟି ହୋଇଛି । ଏହାବ୍ୟତୀତ ବଦଳି ନିର୍ଦ୍ଦେଶ ସତ୍ତ୍ୱେ ଅଫିସରମାନେ ଦୀର୍ଘଦିନ ଧରି ରିଲିଭ୍ ହେଉନଥିବାରୁ ବଦଳିର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନି । ଏହା ଖୋଲାଖୋଲି ସରକାରୀ ନିର୍ଦ୍ଦେଶର ଅବମାନନା, ଯାହାକି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ କରୁଛି ବୋଲି ଶ୍ରୀ କୁମାର କହିଛନ୍ତି ।ସେ ଜୁଲାଇ ୨ରୁ ଜାନୁୟାରୀ ୨୪ତାରିଖ ମଧ୍ୟରେ ରାଜ୍ୟ ସରକାର ଜାରି କରିଥିବା ୩୭ଟି ବଦଳି ବିଜ୍ଞପ୍ତିର ବିସ୍ତୃତ ତାଲିକା ଦେଇ ବଦଳି ହୋଇଥିବା ଅଫିସରମାନଙ୍କୁ ଜାନୁୟାରୀ ୩୧ତାରିଖ ଅପରାହ୍ନ ସୁଦ୍ଧା ରିଲିଭ୍ କରିବା ନିମନ୍ତେ ସେମାନଙ୍କର କଣ୍ଟ୍ରୋଲିଂ ଅଥରିଟିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ସେମାନେ ୩୧ତାରିଖ ସୁଦ୍ଧା ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନକରିବେ ତା'ହେଲେ ବଦଳି ହୋଇଥିବା ଅଫିସରମାନେ ଫେବୃୟାରୀ ୧ତାରିଖ ମଧ୍ୟାହ୍ନ ସୁଦ୍ଧା ରିଲିଭ୍ ହେଲେ ବୋଲି ଧରିନିଆଯିବ । ଆଉ ରିଲିଭ୍ ହୋଇଥିବା ଅଫିସରମାନେ ରିଲିଭ୍ ହେବାର ଦୁଇଦିନ ମଧ୍ୟରେ ନିଜର ନୂଆ ଦାୟିତ୍ୱ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏହି ନିର୍ଦ୍ଦେଶକୁ ପାଳନ ନକଲେ ସମ୍ପୃକ୍ତ ଅଫିସରମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଶ୍ରୀ କୁମାର ଚେତାଇ ଦେଇଛନ୍ତି । ସେ ୨୦୨୪ ଜୁଲାଇ ମାସର ୮ଟି ବଦଳି ନିର୍ଦ୍ଦେଶ, ଅଗଷ୍ଟ ମାସର ୬ଟି ବଦଳି ନିର୍ଦ୍ଦେଶ, ସେପ୍ଟେମ୍ବର ମାସର ୩ଟି, ଅକ୍ଟୋବର ମାସର ୨ଟି, ନଭେମ୍ବର ମାସର ୫ଟି, ଡିସେମ୍ବର ମାସର ୪ଟି ଓ ଚଳିତ ଜାନୁୟାରୀ ମାସର ୪ଟି ବଦଳି ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ତାଗିଦ୍ କରିଛନ୍ତି ।ସୂଚନାଯୋଗ୍ୟ, ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଫିସରମାନଙ୍କ ଦାୟିତ୍ୱ ଓ ସ୍ଥାନ ଅଦଳବଦଳ କରୁଥିଲେ ମଧ୍ୟ ସେମାନେ ନିଜର ଉପରିସ୍ଥ କର୍ତ୍ତୃପକ୍ଷ(ଆଇଏଏସ୍ ଅଫିସର)ମାନଙ୍କ ସହଯୋଗରେ ଦୀର୍ଘଦିନ ଧରି ରିଲିଭ୍ ହେଉନଥିବା ଓ ବଦଳି ନିର୍ଦ୍ଦେଶକୁ ବାତିଲ ପାଇଁ ପ୍ରୟାସ କରୁଥିବା ଚର୍ଚ୍ଚା ହେଉଛି ।

# ପର୍ଯ୍ୟଟନ କ୍ଷେତ୍ରରେ ୮୧୫୩ କୋଟିର ନିବେଶ

ଭୁବନେଶ୍ୱର ,୩୦/୧: 'ଉତ୍କର୍ଷ ଓଡ଼ିଶା'ର ଦ୍ୱିତୀୟ ଦିବସ ଅଧିବେଶନରେ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଇସ୍ ଏବଂ ୱେଡ଼ିଙ୍ଗ ପର୍ଯ୍ୟଟନର ଆର୍ଥିକ ଅଭିବୃଦ୍ଧିର ପଥ ଭାବେ ଉପସ୍ଥାପନ କରାଯାଇଥିଲା। ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ, ପ୍ରଦର୍ଶନୀ ଏବଂ ବିବାହ ପର୍ଯ୍ୟଟନର ବର୍ଦ୍ଧିତ ସମ୍ଭାବନାକୁ ଖୋଜିବା ପାଇଁ ଏହି ଅଧିବେଶନ ଶିଳ୍ପ ଜଗତର ଅଂଶୀଦାର, ନେତାଏବଂସରକାରୀ ଅଧିକାରୀମାନଙ୍କୁ ଏକାଠି କରିଥିଲା।ଏହି ଅଧିବେଶନ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀପ୍ରଭାତୀ ପରିଡ଼ା, ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଏବଂ ପର୍ଯ୍ୟଟନ ବିଭାଗର କମିସନରତଥା ଶାସନ ସଚିବ ଶ୍ରୀ ବଲୱନ୍ତ ସିଂହଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଫଳତାର ସହିତ ଉଭୟ ଘରୋଇ ଏବଂ ଆନ୍ତର୍ଜାତୀୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଓଡ଼ିଶାର ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଆଧୁନିକ ସୁବିଧାର ଏକ ଅନନ୍ୟ ମିଶ୍ରଣ ପ୍ରଦାନ କରୁଛି। ଓଡ଼ିଶା କେବଳ ଦେଶ ଭିତରେ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳୀ ହୋଇ ରହି ନାହିଁ, ବରଂ ଏହାର ଉଚ୍ଚମାନର ପର୍ଯ୍ୟଟନସୁବିଧା ଏବଂ ଅସାଧାରଣ ଆତିଥ୍ୟ ସେବା ପ୍ରତି ଆକର୍ଷିତ ହୋଇ ଏକ ବିଶ୍ୱସ୍ତ ଅନ୍ତର୍ଜାତୀୟ ଗ୍ରାହକ ମଣ୍ଡଳୀ ମଧ୍ୟ ନିର୍ମାଣ କରିଛି। ଏହା ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ପାଇଁ ଉପଯୁକ୍ତ ସମୟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ବୈଶ୍ୱିକ ସମ୍ପର୍କ, ସାଂସ୍କୃତିକ ବିନିମୟ ଏବଂ ପରିବେଶ ସଚେତନ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଓଡିଶାରେ ଶିଳ୍ପର ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ସହ ଓଡିଶା ଭିଜନ ୨୦୩୬ ଅନୁସାରେ ଇଜ୍ ଅଫ୍ ଡୁଇଙ୍ଗ ବିଜିନେସ୍ ପାଇଁ ରାଜ୍ୟର ଦୃଢ଼ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ସେ କହିଲେ, ରାଜ୍ୟ ପାଇଁ ପର୍ଯ୍ୟଟନ




କ୍ଷେତ୍ର ଏକ ଶୀର୍ଷ ପ୍ରାଥମିକତା, ଯେଉଁଥିରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି କ୍ଷେତ୍ରକୁ ଅଧିକ ନିବେଶକଅଭିବୃଦ୍ଧି ଏବଂ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ମଧ୍ୟ ଜାରିରହିଛି । ପର୍ଯ୍ୟଟନ ବିଭାଗର କମିଶନରତଥା ଶାସନ ସଚିବ ଶ୍ରୀ ବଲବନ୍ତ ସିଂହକହିଛନ୍ତିଯେ "ଓଡ଼ିଶାରେ ପର୍ଯ୍ୟଟନର ଅଭିବୃଦ୍ଧି ବାହକ ହେବ ବିବିଧ ପର୍ଯ୍ୟଟନ ଅଭିଜ୍ଞତା, ସକ୍ରିୟ ପର୍ଯ୍ୟଟନ ନୀତି ସୁବିଧା ଏବଂ ନିରନ୍ତର ପ୍ରୋତ୍ସାହନ ଅଭିଯାନ। ତାଙ୍କ ଉପସ୍ଥାପନାରେ ଓଡ଼ିଶା ପର୍ଯ୍ୟଟନର ପ୍ରସ୍ତାବ, ନିବେଶଯୋଗ୍ୟ ଲ୍ୟାଣ୍ଡ ବ୍ୟାଙ୍କ ଏବଂ ଓଡ଼ିଶାକୁ ଏକ ପ୍ରମୁଖ ପ୍ରଦର୍ଶନୀ ଏବଂ ବିବାହ ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରିବା ପାଇଁ ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା। ଏହି ଅଧିବେଶନରେ ୮୧୫୩ କୋଟି ମୂଲ୍ୟର ୧୨୧ଟି ପ୍ରକଳ୍ପ ପାଇଁ ନିବେଶ ଘୋଷଣା ମଧ୍ୟ କରାଯାଇଥିଲା, ଯାହା ହୋଟେଲ, ମନୋରଞ୍ଜନ ପାର୍କ, ଜଳକ୍ରୀଡା, କାରାଭାନ କ୍ୟାମ୍ପିଂ ଏବଂ ରିସର୍ଟରେ ଆତିଥ୍ୟ ସମ୍ଭାବନା ଉପରେ ଦୃଢ଼ ବିଶ୍ୱାସକୁ ସୂଚିତ କରିଥିଲା। ଉଲ୍ଲେଖନୀୟ ଯେ, କୋରାପୁଟ, ଗଜପତି, ମୟୂରଭଞ୍ଜ, ସୁନ୍ଦରଗଡ଼, କେଉଁଝର, ପୁରୀ, ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର ଭଳି ଅଞ୍ଚଳରେ ୨୩ଟି ରିସର୍ଟ ପ୍ରକଳ୍ପର ବିକାଶ ପାଇଁ ୨୩୮୭ କୋଟି ଟଙ୍କା ପ୍ରତିଶ୍ରୁତି ଦିଆଯାଇଛି। ପୁରୀ, ସମ୍ବଲପୁର, ପାରାଦୀପ, ଗୋପାଳପୁର, ଗଞ୍ଜାମ, ଭୁବନେଶ୍ୱରରେ ୪୭ଟି ହୋଟେଲ ପ୍ରକଳ୍ପ ମୋଟ ୩୭୯୨ କୋଟି ଟଙ୍କା ନିବେଶ ପ୍ରତିଶ୍ରୁତି ଦିଆଯାଇଛି। ଏହା ବ୍ୟତୀତ, ୩୦ଟି ମୋଟେଲ/ ଡବ୍ଲୁଏସି (ପଥପ୍ରାନ୍ତ ସୁବିଧା କେନ୍ଦ୍ର) ପ୍ରକଳ୍ପ ୨୪୬ କୋଟି ଟଙ୍କା ବିନିଯୋଗକୁ ଆକର୍ଷିତ କରିଛି, ଯାହା ଉନ୍ନତ ପର୍ଯ୍ୟଟନ ସେବା ପାଇଁ ଭିତ୍ତିଭୂମିକୁ ବୃଦ୍ଧି କରିଛି। ଅଭିନବ ଏବଂ ଦୁଃସାହସିକ ପର୍ଯ୍ୟଟନ କ୍ଷେତ୍ର ମଧ୍ୟ ଆକର୍ଷଣୀୟ ହୋଇଛିଯାହା ପୁରୀ, ଖୋର୍ଦ୍ଧା, ଚିଲିକା, ସୁନ୍ଦରଗଡ଼, କଟକରେ ୯ଟି ଜଳକ୍ରୀଡା ଏବଂ କ୍ରୁଜ୍ ପ୍ରକଳ୍ପରେ ୫୫୪ କୋଟି ଟଙ୍କା ନିବେଶର ସୁଯୋଗ ମିଳିଛି ଏବଂ ୪ଟି ଦୁଃସାହସିକ କ୍ରୀଡ଼ା ପଦକ୍ଷେପରେ କୋରାପୁଟ ଏବଂ ସୁନ୍ଦରଗଡ଼ରେ ୨୩ କୋଟି ଟଙ୍କା ନିବେଶର ଲକ୍ଷ୍ୟ ରହିଛି। ବହୁ-ଉପଯୋଗୀ ଆତିଥ୍ୟ କେନ୍ଦ୍ର ଉପରେ ଅତିରିକ୍ତ ଧ୍ୟାନ ଦେବା ଦ୍ୱାରା ୧୦୬୦ କୋଟି ଟଙ୍କା ପ୍ରତିଶ୍ରୁତି ମିଳିଛି। କାରାଭାନ ଏବଂ କ୍ୟାମ୍ପିଂ ପର୍ଯ୍ୟଟନ ପ୍ରତି ବଢୁଥିବା ଆଗ୍ରହ ସହିତ, ରାଜ୍ୟ ଯଥାକ୍ରମେ ୫୮ କୋଟି ଏବଂ ୨.୯୫ କୋଟି ଟଙ୍କାର ନିବେଶ ହାସଲ କରିଛି। ଏହି ବିବିଧ ନିବେଶ ଯୋଜନାଗୁଡ଼ିକ ଏକ ସ୍ପନ୍ଦନଶୀଳ ଏବଂ ସ୍ଥାୟୀ ପର୍ଯ୍ୟଟନ ପରିଦୃଶ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶାର ରଣନୈତିକ ଦୃଷ୍ଟିକୋଣକୁ ଉଜ୍ଜ୍ୱଳ କରିଥାଏ। କ୍ଷେତ୍ରୀୟ ପର୍ଯ୍ୟଟନ ଅଧିବେଶନର ଏକ ପ୍ରମୁଖ ଆକର୍ଷଣ ଥିଲା ଓଡ଼ିଶା ପର୍ଯ୍ୟଟନ ଏବଂ ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର। ଏହି ସହଭାଗୀତା ନୂତନ ସଂଗ୍ରହାଳୟ ଏବଂ ବ୍ୟାଖ୍ୟା କେନ୍ଦ୍ର ବିକାଶ କରି ରାଜ୍ୟର ସାଂସ୍କୃତିକ ପର୍ଯ୍ୟଟନକୁ ସମୃଦ୍ଧ କରିବା, ଓଡ଼ିଶାର ସଂଗ୍ରହାଳୟ ପ୍ରଦାନକୁ ଆହୁରି ବୃଦ୍ଧି କରିବା ଏବଂ ଏକ ପ୍ରମୁଖ ସାଂସ୍କୃତିକ ଗନ୍ତବ୍ୟସ୍ଥଳ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖିଛି। ଏହି ଆଲୋଚନାକ୍ରମରେ ବିଶେଷଜ୍ଞ ଭାବରେ IATO ପଶ୍ଚିମବଙ୍ଗ ଚାପ୍ଟରର ଅଧ୍ୟକ୍ଷ ଏବଂ ଇମ୍ପ୍ରେସନ ଟୁରିଜିମ୍ ସର୍ଭିସେସ୍ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଏବଂ ସିଇଓ ଶ୍ରୀ ଦେବଜିତ ଦତ୍ତା ପରିଚାଳନା କରିଥିଲେ, ଯେଉଁଥିରେ ଏକ ବିଶିଷ୍ଟ ବିଶେଷଜ୍ଞ ଦଳ – MHRIL ର ଉପ-ସଭାପତିଶ୍ରୀ ଅମିତ୍ ମହାଜନ, ବାଣିଜ୍ୟ ବିକାଶ – ଦକ୍ଷିଣ ଏସିଆରେଡିସନ ହୋଟେଲ୍ସ ଗ୍ରୁପ୍ ଶ୍ରୀ ଦାଭାଶିଷ ଶ୍ରୀବାସ୍ତବ, ଆସ୍କଟ୍ ହୋଟେଲ୍ସର କଣ୍ଟ୍ରି ହେଡ୍ଶ୍ରୀ ବିକାଶ ରାୟ, ଦକ୍ଷିଣ ଏବଂ ପୂର୍ବ ITC ହୋଟେଲ୍ସ ଲିମିଟେଡ୍ ର ଉପାଧ୍ୟକ୍ଷ ଶ୍ରୀ ଜୁବିନ୍ ସୋଙ୍ଗାଡୱାଲା, IHCL ର ପୂର୍ବତନ ଉପାଧ୍ୟକ୍ଷ ଶ୍ରୀ ଦିନେଶ ଚଡ୍ଢା, ବୈଠକ ଏବଂ ପ୍ରୋତ୍ସାହନ ଏବଂ ପୂର୍ବତନ ଉପାଧ୍ୟକ୍ଷ – ICPB ଶ୍ରୀ ଅମରେଶ ତିୱାରୀ ଏବଂ 7X ୱେଡିଂସର ପ୍ରତିଷ୍ଠାତା ଶ୍ରୀ ଦେବାଙ୍ଗ ଶାହ ସାମିଲ ଥିଲେ।

## କୃଷି କ୍ଷେତ୍ରରେ ୧୨୮୯ କୋଟି ଟଙ୍କାର ନିବେଶ



ଭୁବନେଶ୍ୱର,୩୦/୧ : ଉତ୍କର୍ଷ ଓଡ଼ିଶାର ଦ୍ୱିତୀୟ ଦିବସରରେ 'କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ– ଓଡ଼ିଶାରେ ନିରନ୍ତର ଖାଦ୍ୟ ଓ ଅଭିବୃଦ୍ଧି' ଶୀର୍ଷକ ଆଲୋଚନା ହୋଇଯାଇଛି । ଏହି ଅଧିବେଶନରେ ମୋଟ ୧୭ଟି ଏମ୍ଓୟୁ ସ୍ୱାକ୍ଷରିତ ହେବା ସହ ପ୍ରାୟ ୧୨୮୯ କୋଟି ଟଙ୍କାର ନିବେଶ ପାଇଁ ନିବେଶକମାନେ ସହମତି ପ୍ରଦାନ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଧିବେଶନରେ ନିବେଶକମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଆମକୁ ବିକଶିତ ଓଡ଼ିଶା ଗଠନ କରିବାକୁ ହେବ । ଏଥି ପାଇଁ ଜୈବିକ କୃଷି, ଜଳବାୟୁ ସହନଶୀଳ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା ଆବଶ୍ୟକ । କୃଷି କ୍ଷେତରୁ ବଜାର ମୂଲ୍ୟ ପର୍ଯ୍ୟନ୍ତ ସବୁଥିରେ ଅଭିବୃଦ୍ଧି ହେବା ଦରକାର । ତେଣୁ ଆପଣମାନେ ଓଡ଼ିଶାରେ, ବିଶେଷ କରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନିବେଶ କରି ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିବର୍ତ୍ତିତ କରନ୍ତୁ । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଏମ୍ଏସ୍ଏମ୍ଇ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ ଏବଂ ସମ୍ଭାବନାରେ ଭରପୂର । କୃଷି, ପନିପରିବା, ମସଲା ଇତ୍ୟାଦି ଉତ୍ପାଦନରେ ଓଡ଼ିଶାର ପ୍ରଦର୍ଶନ ଉଲ୍ଲେଖନୀୟ । ଅଧିକ ପୁଞ୍ଜିନିବେଶ ଓଡ଼ିଶାକୁ ଆହୁରି ସଶକ୍ତ କରିବ । ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକ କହିଥିଲେ ଯେ ଓରମାସ୍ ଓଡ଼ିଶା ଜୀବିକା ମିଶନ ଜରିଆରେ ଓଡ଼ିଶାର ଗ୍ରାମ୍ୟ ଅର୍ଥନୀତି ସଶକ୍ତ ହେଉଛି । ଏହାକୁ ଅଧିକ ସଶକ୍ତ କରିବା ପାଇଁ ଉଦ୍ୟୋଗୀମାନେ ଆଗେଇ ଆସନ୍ତୁ । ଅତିଥିମାନଙ୍କ ଦ୍ୱାରା ଶୀତଳଭଣ୍ଡାର ପୁସ୍ତିକା ଉନ୍ମୋଚିତ ହୋଇଥିଲା । ଆନୁଷ୍ଠାନିକ ଭାବେ ଆଜିଠାରୁ ୫୮ଟି ଶୀତଳ ଭଣ୍ଡାର ଖୋଲାଯିବା ଯୋଜନା ଲାଗୁ କରାଗଲା । ଏହି ଅବସରରେ ରାଜ୍ୟ ସରକାର ୧୭ଟି କମ୍ପାନୀ ସହ ଏମ୍ଓୟୁ ସ୍ୱାକ୍ଷର କରିଥିଲେ । ଏହା ଦ୍ୱାରା ୧୨୮୯ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ପଥ ପ୍ରଶସ୍ତ ହୋଇଛି । ଏଫ୍ପିଓ ଉପରେ ଏକ କଫି ଟେବୁଲ ପୁସ୍ତିକା ଉନ୍ମୋଚିତ ହୋଇଥିଲା । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଉଦ୍ୟୋଗୀଙ୍କୁ ବିଭିନ୍ନ ବ୍ୟବସାୟ ତଥା ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରାୟ ୫୦ ପ୍ରତିଶତ ପର୍ଯ୍ୟନ୍ତ ସବ୍ସିଡି ପ୍ରଦାନ କରାଯାଉଛି । କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ନିଖିଲ ପୱନ୍ କଲ୍ୟାଣ ଓ ଶିଳ୍ପ ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ରେଡ୍ଡୀ ଅଧିବେଶନରେ ଉପସ୍ଥିତ ଥିଲେ ।

## ବୟନ, ପୋଷାକ ଶିଳ୍ପ କ୍ଷେତ୍ରରେ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୩୦/୧ : ବୟନଶିଳ୍ପ, ପୋଷାକ ଶିଳ୍ପ, ରେଶମ ଶିଳ୍ପ ଏବଂ ହସ୍ତତନ୍ତ କ୍ଷେତ୍ରରେ ବିକାଶ ଓ ସମୃଦ୍ଧି ପାଇଁ ଅପାର ସମ୍ଭାବନା ଆଣିଛି ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ -୨୦୨୫ । ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଶିଳ୍ପ ମହାକୁମ୍ଭ 'ଉତ୍କର୍ଷ ଓଡ଼ିଶା' ନୂଆ ଉର୍ଜା ଯୋଗାଇବ । ଆଜି ମୋଟ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଫଳରେ ୩୬ଟି ୟୁନିଟରେ ୭୭୬୨ କୋଟି ଟଙ୍କାର ପୁଞ୍ଜି ନିବେଶ ସୁରକ୍ଷିତ ହୋଇଛି । ଏହା ଯୋଗୁଁ ରାଜ୍ୟରେ ୨୨୦୦୦ ପ୍ରତ୍ୟକ୍ଷ ଏବଂ ୬୬୦୦୦ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । "ଦ ଇମରଜିଙ୍ଗ ଡେଷ୍ଟିନେସନ ଫର ଟେକ୍ସଟାଇଲସ୍, ଆପାରେଲସ୍ ଆଣ୍ଡ ହାଣ୍ଡଲୁମସ୍" (ବୟନ, ପୋଷାକ, ଏବଂ ହସ୍ତତନ୍ତ ପାଇଁ ସମ୍ଭାବନାର କ୍ଷେତ୍ର) ଶୀର୍ଷକ ପ୍ରଥମ ଅଧିବେଶନରେ ମାନ୍ୟବର ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ କହିଥିଲେ ଉଦ୍ୟୋଗୀଙ୍କୁ ସୁହାଇବା ଭଳି ନୀତି, ଦୃଢ଼ ଭିତ୍ତିଭୂମି, ଆବଶ୍ୟକୀୟ କଞ୍ଚାମାଲ, ଦକ୍ଷତାସମ୍ପନ୍ନ ମାନବ ସମ୍ବଳ, ସୁଦକ୍ଷ ବୁଣାକାର ଓ ଡବଲ ଇଂଜିନ୍ ସରକାର ଆମର ଶକ୍ତି । ତେଣୁ ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ଆମ ରାଜ୍ୟରେ ବିପୁଳ ସୁଯୋଗ ରହିଛି । ବୟନ ଶିଳ୍ପ ଏବଂ ହସ୍ତତନ୍ତ କ୍ଷେତ୍ରରେ ପୁଞ୍ଜି ନିବେଶ ହେଉଛି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ "ପୂର୍ବୋଦୟ" ଦୃଷ୍ଟିକୋଣର ଏକ ନିରନ୍ତର ଅନୁସରଣ ବୋଲି କହିଥିଲେ ମାନ୍ୟବର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ଚନ୍ଦ୍ର ପୂଜାରୀ । ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଓଡ଼ିଶାରେ ଥିବା ବ୍ୟାପକ ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ । ୮ଟି ଜିଆଇ ଟ୍ୟାଗ୍ ମାନ୍ୟତାପ୍ରାପ୍ତ ହସ୍ତତନ୍ତ ବସ୍ତ୍ର ଓଡ଼ିଶାର ଗରିମାମୟ ହସ୍ତତନ୍ତ ପରମ୍ପରାର ନିଦର୍ଶନ ବୋଲି କହିଥିଲେ । ଅଧିକ ପୁଞ୍ଜି ନିବେଶ ହେଲେ ଭିତ୍ତିଭୂମି, ବଜାର ଏବଂ ଦକ୍ଷତା ବିକାଶରେ ବୃଦ୍ଧି ହେବା ସହ ବୁଣାକାର ଏବଂ କାରିଗରମାନଙ୍କ ଆର୍ଥିକ ସଶକ୍ତିକରଣରେ ସହାୟକ ହେବ ବୋଲି ମତ ବ୍ୟକ୍ତ କରିଥିଲେ । ଏହି ଅଧିବେଶନରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଛୁଆ ବର୍ଗ ଓ ସଂଖ୍ୟା ଲଘୁ କଲ୍ୟାଣ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭାରତ ସରକାରଙ୍କ ବୟନ




କମିଶନର ଶ୍ରୀମତୀ ରୂପ ରାଶି ପ୍ରମୁଖ ଯୋଗ ଦେଇଥିଲେ । ସଂଶୋଧିତ ଓଡ଼ିଶା ପୋଷାକ ଏବଂ ବୈଷୟିକ ବୟନ ନୀତି-୨୦୨୨ (OATTP-୨୦୨୨)ର କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଉନ୍ମୋଚିତ ହୋଇଥିଲା । ଶ୍ରୀ ମା ଟେକ୍ସଟାଇଲ୍ସ, ମା ବନଦୁର୍ଗା ଟେକ୍ସଟାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍, ପ୍ରତିମା ଆଗ୍ରୋ ସ୍ପିନିଂ ମିଲ୍ସ, ତିଳୋତ୍ତମା ପ୍ରୋପ୍ରାଇଟର୍ସ, ଅରୁନ୍ଧତୀ ବାନ୍ଧକଳା, ଅନୁଭବ ନିଟ୍ୱେୟାର, ସେଡ୍ରା ଫିଲଷ୍ଟେନ୍ ଭଳି ପ୍ରମୁଖ ଶିଳ୍ପ ସହିତ ୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ଯାହା ଭବିଷ୍ୟତର ପ୍ରଗତି ଏବଂ ବିକାଶ ପାଇଁ ପଥ ପ୍ରସ୍ତୁତ କରିବ । ଉଲ୍ଲେଖଯୋଗ୍ୟ ଯେ, ଏହି ଅବସରରେ ଏଓ ପରର ପଦକ୍ଷେପ ଏବଂ ରେଶମ ଚାଷ କ୍ଷେତ୍ରରେ ମୋଡାଲ୍ ଇକୋ-ରେସ୍ ସଂରକ୍ଷଣ ଉପରେ ଟେକ୍ସଟାଇଲ୍ସ କମିଟି/ SIDBI ଏବଂ କେନ୍ଦ୍ରୀୟ ରେଶମ ବୋର୍ଡ଼ ସହ ୨ ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଅପାର ସମ୍ଭାବନାର କ୍ଷେତ୍ର ପାଲଟିଥିବା ବୟନ, ପୋଷାକ, ହସ୍ତତନ୍ତ ଏବଂ ରେଶମ ଚାଷରେ ବିପୁଳ ପୁଞ୍ଜି ନିବେଶ ପାଇଁ ପ୍ରମୁଖ ଶିଳ୍ପପତି, ଉଦ୍ୟୋଗପତି ଓ ଅଂଶୀଦାରମାନଙ୍କୁ ମଞ୍ଚାସୀନ ଅତିଥିମାନେ ଆହ୍ୱାନ ଦେଇଥିଲେ । ମେସର୍ସ ସାହି ଏକ୍ସପୋର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ମେସର୍ସ ସାହାନା ଗ୍ରୁପ୍, ଟ୍ରାଇମେଟ୍ରୋ (ରଚଓଉ ଗ୍ରୁପ୍), ୱେଲସ୍ପୁନ୍ ୱାର୍ଲ୍ଡ ଲିମିଟେଡ୍ ଇଣ୍ଡୋରାମା ସିନ୍ଥେଟିକ୍ସ, ଗଇଝ ହୋଲ୍ଡିଂସ୍ ଭଳି ପ୍ରତିଷ୍ଠିତ ପୋଷାକ ଶିଳ୍ପସଂସ୍ଥାମାନେ ଏହି ଅଧିବେଶନରେ ଅଂଶଗ୍ରହଣ କରିଥିଲେ । Karuna Silk and Technical Textiles – Odisha's Tryst with Ethics and Sectoral Utilities (କରୁଣା ସିଲ୍କ ଏବଂ ବୈଷୟିକ ବୟନଶିଳ୍ପ : ନୈତିକତା ଓ କ୍ଷେତ୍ରୀୟ ଉପଯୋଗିତାକୁ ନେଇ ଓଡ଼ିଶାର ପ୍ରୟାସ) ଶୀର୍ଷକ ଅଧିବେଶନରେ ବୟନ ମନ୍ତ୍ରାଳୟର ଉପ-ମହାନିର୍ଦ୍ଦେଶକ ଶ୍ରୀ ଅଖିଳେଶ କୁମାର; ଶ୍ରୀଲଙ୍କା ଏମଏଏସ୍ ହୋଲ୍ଡିଂସ୍ ର ସିଇଓ ଶ୍ରୀ ମଲିକ ଅହମଦୀନ; ଟ୍ରିମେଟ୍ରୋ (EPIC ଗ୍ରୁପ୍)ର ସିଇଓ ଶ୍ରୀ ସୁରଜ କାଲରା; ଇଣ୍ଡୋରାମା ସିନ୍ଥେଟିକ୍ସର ପରାମର୍ଶଦାତା ଶ୍ରୀ ଆର କେ ଭିଜ; ୱେଲସ୍ପୁନ୍ ୱାର୍ଲ୍ଡ ଲିମିଟେଡ୍ ର ନିର୍ଦ୍ଦେଶକ ଏବଂ ସିଇଓ ଶ୍ରୀ ଉପଦୀପ ସିଂହ ଚଡ୍ଡ଼ା, ସାହି ଏକ୍ସପୋର୍ଟସ୍ ର ପରାମର୍ଶଦାତା (ବାଣିଜ୍ୟ) ଶ୍ରୀ ଆରପି ଗୋଏଲ, ଅରୁନ୍ଧତୀ ଗ୍ରୁପ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବ୍ରହ୍ମାନନ୍ଦ ମେହେର, ଶ୍ରୀ ମୁକେଶ କୁମାର ନାୟକ, ପରିଚାଳନା ନିର୍ଦ୍ଦେଶକ, ସେଡ୍ରା ଫିଲଷ୍ଟେସନ୍ସ, ଭୁବନେଶ୍ୱର; ଶ୍ରୀ ଧନଞ୍ଜୟ ସାହୁ, ସିଜିଏମ୍-ପେଟ୍ରୋକେମିକାଲ୍ସ, ଆଇଓସିଏଲ୍, ନୂଆଦିଲ୍ଲୀ; ଶ୍ରୀ ପି. ଶିବକୁମାର, ସଦସ୍ୟ ସଚିବ, କେନ୍ଦ୍ରୀୟ ରେଶମ ବୋର୍ଡ, ବେଙ୍ଗାଲୁରୁ; ଶ୍ରୀ ଡି. ଏସ. କାସାରେ, ନିର୍ଦ୍ଦେଶକ, କାସାରେ ବନ୍ ସିଲ୍କ ମିଲ୍ ପ୍ରାଇଭେଟ୍ ଲିମିଟେଡ୍, ରାୟପୁର; ଡକ୍ଟର କାର୍ତ୍ତିକ ନେଓଗ୍, ନିର୍ଦ୍ଦେଶକ, କେନ୍ଦ୍ରୀୟ ମୁଗା ଓ ଏରି ରେଶମ ଗବେଷଣା କେନ୍ଦ୍ର, ଆସାମ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଗ୍ନିଶମ ବିଭାଗକୁ କାରଣ ଦର୍ଶାଅ ନୋଟିସ୍

କଟକ,୩୦/୧: କୌଣସି ଅନୁଷ୍ଠାନକୁ କେବେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ଦିଆଗଲା,ସାର୍ଟିଫିକେଟ୍ ?ର ଅବଧି କେତେଦିନ ରହିଛି ସେ ସଂକ୍ରାନ୍ତରେ ସ୍ପଷ୍ଟ ଭାବେ କିଛି ସାର୍ଟିଫିକେଟ୍ ଉଲ୍ଲେଖ କରାଯାଉ ନାହିଁ। ଫଳରେ ଏହି ସାର୍ଟିଫିକେଟ୍ କେବଳ ଏକ ଔପଚାରିକତାରେ ପରିଣତ ହୋଇଛି। ବିଭିନ୍ନ ମେଡିକାଲକୁ ଦିଆଯାଉଥିବା ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପ୍ରସଙ୍ଗରେ ହାଇକୋର୍ଟ ଏଭଳି ଭାବେ ଉଦ୍‌ବେଗ ପ୍ରକାଶ କରିବା ସହ ଅଗ୍ନିଶମ ବିଭାଗକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ। କେନ୍ଦ୍ରାପଡ଼ାର ହେଲଥ୍ କେୟାର ହସ୍ପିଟାଲ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତିଏସ୍.କେ. ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଆହୁରିମଧ୍ୟ ଅଗ୍ନିଶମ ଡିଜି ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କିପରି ରହିଛି ସେ ସଂକ୍ରାନ୍ତରେ ଏକ ବିସ୍ତୃତ ସତ୍ୟପାଠ ଦାଖଲ କରିବେ। ଉଭୟ ଘରୋଇ ଏବଂ ସରକାରୀ ହସ୍ପିଟାଲ ସଂକ୍ରାନ୍ତରେ ସତ୍ୟପାଠ ଜରିଆରେ ଜଣାଇବେ। ପ୍ରତ୍ୟେକ ହସ୍ପିଟାଲର ଅଡିଟ୍ ରିପୋର୍ଟ ଆସନ୍ତା ଚାରିମାସ ମଧ୍ୟରେ ଅଦାଲତରେ ଦାଖଲ କରାଯିବ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ଶୁଣାଣି ଆସନ୍ତା ଫେବ୍ରୁଆରୀ ୧୯କୁ ଧାର୍ଯ୍ୟ ହୋଇଛି।

## ଓଡ଼ିଆ ଚଳଚ୍ଚିତ୍ର ଜଗତର ଇତିହାସ କାଳଜୟୀ ଏବଂ ଏହାର ଭବିଷ୍ୟତ ଉଜ୍ଜ୍ୱଳ ଓ ସ୍ୱର୍ଣ୍ଣିମ : ମନ୍ତ୍ରୀ ସମ୍ପଦ ସ୍ୱାଇଁ




ଭୁବନେଶ୍ୱର,୩୦/୧: ୧୯୩୬ ମସିହାରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର "ସୀତା ବିବାହ" ଓଡ଼ିଆ ଚଳଚ୍ଚିତ୍ର ଜଗତର ମୂଳଦୁଆ ସ୍ଥାପନ କରିଥିଲା। ୧୯୭୪ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଓଡ଼ିଶାରେ ଚଳଚ୍ଚିତ୍ର ଶିଳ୍ପର ମାନ୍ୟତା ମିଳିଲା। ବିଗତ କିଛି ବର୍ଷରେ ବହୁ ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ସ୍ତରରେ ମଧ୍ୟ ଖ୍ୟାତି ଓ ପ୍ରସିଦ୍ଧି ଲାଭ କରିଛି। ଓଡ଼ିଆ ଚଳଚ୍ଚିତ୍ର ଜଗତର ଇତିହାସ କାଳଜୟୀ ଏବଂ ଆଗାମୀ ଭବିଷ୍ୟତ ହେଉଛି ସ୍ୱର୍ଣ୍ଣିମ ଓ ଉଜ୍ଜ୍ୱଳ ବୋଲି କହିଛନ୍ତି ଓଡ଼ିଶା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସେ ଆହୁରି ମଧ୍ୟ କହିଥିଲେ ଯେ, ଓଡ଼ିଆ ଚଳଚ୍ଚିତ୍ର ହେଉଛି ଆମ ଓଡ଼ିଆ ସମାଜ ଓ ସଂସ୍କୃତିର ଏକ ନିଚ୍ଛକ ପ୍ରତିଫଳନ। ଏହାର ଉନ୍ନତି ଓ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ ଆମ ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିବ ବୋଲି ମୁଁ ଆଶା କରୁଛି। ପ୍ରକାଶଯୋଗ୍ୟ ଯେ, ଭୁବନେଶ୍ୱର ଜନତା ମଇଦାନ ଠାରେ ଆୟୋଜିତ ହେଉଥିବା ଉତ୍କର୍ଷ ଓଡ଼ିଶା- ମେକଇନ୍ ଓଡ଼ିଶା କନକ୍ଲେଭରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିବେଶର ବିଭିନ୍ନ ଦିଗ ଏବଂ ସୁଯୋଗ ସୃଷ୍ଟି ସମ୍ବନ୍ଧରେ ଆଲୋଚନା କରିବା ପାଇଁ ଏକ ଅଧିବେଶନର ଆୟୋଜନ କରାଯାଇଥିଲା। ଏହି ଅଧିବେଶନରେ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଯାଜପୁର କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ ମିଶ୍ର, ନିର୍ଦ୍ଦେଶକ ଶ୍ରୀ ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ଫିଲ୍ମ ଡେ଼ଭେଲପମେଣ୍ଟ କର୍ପୋରେସନର ମ୍ୟାନେଜିଙ୍ଗ ଡ଼ାଇରେକ୍ଟର ଶ୍ରୀ ସମର୍ଥ ବର୍ମା ଉପସ୍ଥିତ ଥିଲେ। ଅଧିବେଶନରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସଶକ୍ତ ଓ ସମୃଦ୍ଧ କରିବା ପାଇଁ ଏକ ଆଲୋଚନା ଚକ୍ରର ଆୟୋଜନ ମଧ୍ୟ କରାଯାଇଥିଲା ଯେଉଁଥିରେ ବିଧାୟକ ଆକାଶ ଦାସ ନାୟକଙ୍କ ସମେତ ଚଳଚ୍ଚିତ୍ର ଶିଳ୍ପ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଅମିତାଭ ଗୁହା ଠାକୁରତା, ପ୍ରମୋଦ ଅରୋରା, ଶିବାଶିଷ ସରକାର, ରାଜେଶ ଶର୍ମା ପ୍ରମୁଖ ଯୋଗଦେଇଥିଲେ।

## ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ବର୍ତ୍ତମାନର ସମୟ ହିଁ ପ୍ରକୃଷ୍ଟ ସମୟ : ପ୍ରଭାତୀ ପରିଡ଼ା

ଭୁବନେଶ୍ୱର,୩୦/୧: ଓଡ଼ିଶାକୁ ଏକ ସମୃଦ୍ଧ ଓ ଶିଳ୍ପୋନ୍ନତ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଆରମ୍ଭ ହୋଇଯାଇଛି ଉତ୍କର୍ଷ ଓଡ଼ିଶା-ମେକଇନ୍ ଓଡ଼ିଶା କନକ୍ଲେଭ। ଭୁବନେଶ୍ୱର ଜନତା ମଇଦାନ ଠାରେ ଆୟୋଜିତ ହେଉଥିବା ଏହି କନକ୍ଲେଭରେ ଦେଶ-ବିଦେଶରୁ ଅନେକ ଶିଳ୍ପପତି ଓ ପୁଞ୍ଜିନିବେଶକମାନେ ଯୋଗଦେଇଛନ୍ତି। ଉତ୍କର୍ଷ ଓଡ଼ିଶା-ମେକଇନ୍ ଓଡ଼ିଶା କନକ୍ଲେଭର ଆଜି ଦ୍ୱିତୀୟ ଦିନରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ନିବେଶର ବିଭିନ୍ନ ଦିଗ ଏବଂ ସୁଯୋଗକୁ ନେଇ ଏକ ଅଧିବେଶନର ଆୟୋଜନ କରାଯାଇଥିଲା। ଉକ୍ତ ଅଧିବେଶନରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, କଳା, ଭାସ୍କର୍ଯ୍ୟ,ସ୍ଥାପତ୍ୟ,ଐତିହ୍ୟ ଏବଂ ସଂସ୍କୃତି ସମୃଦ୍ଧ ରାଜ୍ୟ ହେଉଛି ଆମ ଓଡ଼ିଶା। ମନ୍ଦିରମାଳିନୀ ରାଜ୍ୟ ଓଡ଼ିଶାରେ ବିଶ୍ୱ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ଲିଙ୍ଗରାଜ ମନ୍ଦିର ଆଦି ଅନେକ ପ୍ରସିଦ୍ଧ ମନ୍ଦିର ରହିଛି। ଏଥିସହ ପ୍ରାକୃତିକ ଶୋଭାରେ ବିମଣ୍ଡିତ ଆମ ରାଜ୍ୟ ଓଡ଼ିଶା ବନରାଜି, ଅଭୟାରଣ୍ୟ, ନଦୀ, ହ୍ରଦ, ସମୁଦ୍ର ଏବଂ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ପରିପୂର୍ଣ୍ଣ। ଓଡ଼ିଶାରେ




ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ହେବା ଦ୍ୱାରା ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଏଥିସହିତ ଆମ ବିକାଶର ଯାତ୍ରା ଆହୁରି ମଧ୍ୟ ଅଗ୍ରସର ହୋଇପାରିବ। ତେଣୁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ବର୍ତ୍ତମାନର ସମୟ ହିଁ ପ୍ରକୃଷ୍ଟ ସମୟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମତପ୍ରକାଶ କରିଥିଲେ। ଆଜିର ଅଧିବେଶନରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ କ୍ଷେତ୍ରକୁ ନେଇ ରହିଥିବା ବିଭିନ୍ନ ଲକ୍ଷ୍ୟ ସମ୍ବନ୍ଧରେ ଆଲୋଚନା କରିଥିବାବେଳେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଲୱନ୍ତ ସିଂ ବିଭାଗର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ, କାର୍ଯ୍ୟକ୍ରମ, ଯୋଜନା ଓ ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କମ୍ପାନୀ ଯଥା ଆଟମୋସ୍ଫିୟର ହସପିଟାଲିଟି ପ୍ରା. ଲିମିଟେଡ଼, ଉତ୍କଳ ବିଲଡ଼ରସ୍ ଲିମିଟେଡ଼, ଏସ. ଏନ. ଏମ ହୋଟେଲ ଆଣ୍ଡ ରିସର୍ଟ୍ସ ଲିମିଟେଡ଼, ପ୍ରଭୁକୃପା ଇଷ୍ଟେଟ ଆଣ୍ଡ ପ୍ରୋପରଟିସ, କାମନାଥ ହୋଟେଲସ୍ ଇଣ୍ଡିଆ ଲିମିଟେଡ଼, ଆଶୀର୍ବାଦ ଇଞ୍ଜିନିଅରିଙ୍ଗ ଆଣ୍ଡ କନଷ୍ଟ୍ରକସନ୍ ଲିମିଟେଡ଼, ଏ. କେ ଦାସ ଆସୋସିଏଟ, କାଶଭି ହଲିଡ଼େ, ଆଇଟିସି ଲିମିଟେଡ଼ ଆଦି ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

# ବିଶ୍ୱାସରେ ବିଷ ଦେଇ ମାଲିକଙ୍କୁ ଲୁଟିଲା ଡ୍ରାଇଭର

## ୨୪ ଘଣ୍ଟାରେ ୪ ଅଭିଯୁକ୍ତଙ୍କୁ ଧରିଲା ବାରିପଦା ସଦର ପୋଲିସ



ବାରିପଦା,୩୦/୧ (ନି.ପ୍ର): ଦୀର୍ଘ ୧୦ ବର୍ଷ ଧରି ଜଣେ ଡ୍ରାଇଭର ତାର ମାଲିକଙ୍କ ଘରେ ନିଜ ପରିବାର ଭଳି ରହୁଥିଲେ ହେଲେ ରାତାରାତି ମାଲେମାଲ ହେବା ନିଶାରେ ମାଲିକଙ୍କ ବିଶ୍ୱାସରେ ବିଷ ଦେଇ ଫିଲ୍ମ ଷ୍ଟାଇଲରେ ମାଲିକଙ୍କ ସୁନା ଅଳଙ୍କାର ଛୀନତାଇ କରି ଫେରାର ହୋଇଯିବା ଭଳି ଘଟଣା ଦେଖିବାକୁ ମିଳିଛି ବାରିପଦା ସହରରେ । ବାରିପଦା ସହରର ନାମୀ ଦାମୀ ସୁନା ବ୍ୟବସାୟୀ ସ୍ୱରୂପ ଦାସ ଗତ ୨୨ ତାରିଖ ଦିନ ତାଙ୍କ ଡ୍ରାଇଭର ସହ ବାଲେଶ୍ୱର ତାଙ୍କ ଦୋକାନକୁ ଯାଉଥିବା ସମୟରେ ୩ ଜଣ ଯୁବକ ବାଇକରେ ଆସି ତାଙ୍କୁ ମାର ଧର କରିବା ସହ ଛୁରୀ ଦେଖାଇ ତାଙ୍କ ପାଖରୁ ୧୦୦ ଗ୍ରାମରୁ ଉର୍ଦ୍ଧ୍ୱ ସୁନା ଗହଣା ସହ ନଗଦ ଦୁଇ ଲକ୍ଷରୁ ଅଧିକ ଟଙ୍କା ଲୁଟି ଫେରାର ହୋଇ ଯାଇଥିଲେ । ଏନେଇ ଶ୍ରୀ ଦାସ ବାରିପଦା ସଦର ଥାନା ରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏହି ଘଟଣାରେ କେଶ ନଂ ୩୦ ତା ୨୩/୧/୨୫ ରିଖ ମୂଳେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ବାରିପଦା ସଦର ପୋଲିସ ୨୪ ଘଣ୍ଟା ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ଡ୍ରାଇଭର ସଂଜୀବ ସାହୁ ଓରଫ ଜିତୁ (୩୪) କୁ ଧରିବାରେ ସକ୍ଷମ ହୋଇଥିବା ବେଳେ,ଏଥିରେ ସଂପୃକ୍ତ ଅନ୍ୟ ତିନି ଜଣ ବନ୍ଧୁ ବିବେକ ବେହେରା ଓରଫ ଶାକୁ (୨୯), ଅନୁଭବ କର ଓରଫ ମନୁ (୨୦) ଜୟଦେବ ଦାସ ଓରଫ ରାହୁଲ କୁମାର ଦାସ ଓରଫ କାଠିଆ (୩୨) ଙ୍କୁ ମଧ୍ୟ ଧରିବାରେ ସକ୍ଷମ ହୋଇଛି । ଆଜି ଚାରି ଜଣ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବାର ବାରିପଦା ସଦର ଏସଡିପିଓ ସୁଜିତ ପ୍ରଧାନ ଏବଂ ବାରିପଦା ସଦର ଥାନା ଅଧିକାରିଣୀ ମଧୁସ୍ମିତା ନାୟକ ସୂଚନା ଦେଇଛନ୍ତି ।

# ନୂଆପଡ଼ା ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ଓଡ଼ିଶା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ



ନୂଆପଡ଼ା, ୩୦/୧ (ନି.ପ୍ର):ନୂଆପଡା ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା,କ୍ରୀଡା ଓ ଯୁବ ସେବା,ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି । ପୁରୀ ଦୁର୍ଗ ରେଳରେ ଆସି ଖରୀଆର ରୋଡରେ ଓହ୍ଲାଇଥିବା ବେଳେ ନୂଆପଡ଼ା ସର୍କିଟ ହାଉସ ରେ ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ କରିଥିଲେ । ଆଜି କୋମନା ଠାରେ ୪୬ ତମ ନିଖିଳ ଉତ୍କଳ ଶ୍ରୀ ଅରବିନ୍ଦ ମହିଳା ପାଠାଚକ୍ର ସମ୍ମିଳନୀରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । କୋମନା ବ୍ଲକ କାର୍ଯ୍ୟାଳୟ ରେ ଭୂମି ପୂଜନ ଉତ୍ସବରେ ସାମିଲ ହୋଇ ଥିଲେ । ପରେ ଖଡିଆଳ ଠାରେ ଚଲାନପଡା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଯୋଗଦାନ କରି କ୍ରୀଡାବିତ୍ ଏବଂ ଖେଳାଳିଙ୍କୁ ଉତ୍ସାହିତ କରିଛନ୍ତି । ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଯୋଗଦାନ କରି ଏକାଡେମୀ କମ୍ପ୍ଲେକ୍ସ କୁ ଉଦ୍ଘାଟନ କରିବା ସହ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପିଏମ୍ ଉସା ଯୋଜନା ରେ ପାଞ୍ଚ କୋଟି ଟଙ୍କା ଶିକ୍ଷା ଭିତ୍ତିଭୂମି ଉଦ୍ଘାଟନ କରିଛନ୍ତି । ଅଗ୍ରେସନ ଧର୍ମଶାଳା ରେ ଅଭିଯୋଗ ଗ୍ରହଣ କରିବା ସହ କର୍ମକର୍ତ୍ତା ସମ୍ମିଳନୀ ଯୋଗଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପିଏମ୍ ଉସା ଯୋଜନା ରେ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ କୁ ୨୦ କୋଟି ଟଙ୍କା ଆର୍ଥିକ ଅନୁଦାନ ଦେଇଥିବା ବେଳେ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ କୁ ୫ କୋଟି ଟଙ୍କା ଆର୍ଥିକ ସହାୟତା ଦିଆଯାଇଥିବା ପ୍ରକାଶ କରିଥିଲେ । ଏହି ଉଦ୍ଘାଟନ ଉତ୍ସବରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ , ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, କଲେଜ୍ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା ଓ ପରିଚାଳନା ସଭାପତି ବିଶ୍ୱଜିତ ପାଢୀ ଧନ୍ୟବାଦ ଦେଇଥିଲେ । ସେହିପରି ସିନାପାଲି ଓ ବୋଡ଼େନ ରେ କର୍ମକର୍ତ୍ତା ସମ୍ମିଳନୀରେ ଯୋଗଦାନ କରି କର୍ମକର୍ତ୍ତାମାନଙ୍କୁ ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକଳାପକୁ ଲୋକ ମାନଙ୍କ ପାଖରେ ବୁଝାଉଥିଲେ ।

# ଆରପାରିରେ ଶିମିଳିପାଳର କାଇଚଟଣୀ ଗବେଷକ ଇଂ ନୟାଧର ପଢିଆଲ



ବାରିପଦା,୩୦/୧ (ନି.ପ୍ର): ଆରପାରିରେ ଶିମିଳିପାଳର କାଇଚଟଣୀ ଗବେଷକ ଇଂ ନୟାଧର ପଢିଆଲ । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ହୃଦରୋଗ ଜନିତ ଚିକିତ୍ସା ଚାଲିଥିବା ଅବସ୍ଥାରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି । କରୋନା କାଳରେ ସାଧାରଣରେ ଶିମିଳିପାଳର କାଇଚଟଣୀର ଔଷଧୀୟ ଗୁଣ ବିଷୟରେ ଅବଗତ କରାଇବା ସହ ତାଙ୍କ ପ୍ରଚେଷ୍ଟାରେ କାଇଚଟଣୀକୁ ଭାରତ ସରକାରଙ୍କ ପକ୍ଷରୁ ଜିଆଇ ଟ୍ୟାଗ ମାନ୍ୟତା ମିଳିପାରିଥିଲା । ବାରିପଦା ପୂର୍ତ୍ତ ବିଭାଗରେ ସେ ସହକାରୀ ଯନ୍ତ୍ରୀ ଭାବରେ କାର୍ଯ୍ୟରତ ଥିଲେ ମଧ୍ୟ ସେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହ ଯୋଡିତ ହୋଇ ଅନେକ ଉତ୍ସର୍ଗୀକୃତ ସେବା ପ୍ରଦାନ କରୁଥିଲେ । ସେ ଜଣେ ଉଚ୍ଚକୋଟୀର ଓ ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ । ତାଙ୍କ ବିୟୋଗରେ ସାରା ଜିଲ୍ଲା ରେ ଶୋକର ଛାୟା ଖେଳି ଯାଇଛି ।

# ଏଏମସିଏସ ମହାବିଦ୍ୟାଳୟ ରେ ବାର୍ଷିକ ଉତ୍ସବ

ଟିକାବାଲି, ୩୦/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଟିକାବାଲି ଏଏମସିଏସ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ପ୍ରଥମେ ମହାବିଦ୍ୟାଳୟ ଗଠନର ଇତିହାସ ଏବଂ ଛାତ୍ର ଛାତ୍ରୀ ମାନଙ୍କ କୃତିତ୍ୱ ସଫଳତା ବିଷୟରେ ବିବରଣୀ ପଠନ କରିବା ସହିତ ମହାବିଦ୍ୟାଳୟ ରେ ଏକ ଅଡିଟରୀୟମ ନିର୍ମାଣ କରିବା ସହିତ ଅଟନମସ କଲେଜ ଭାବରେ ସ୍ୱୀକୃତି ଦେଇ ଶିକ୍ଷା କୁ ଅଗ୍ରସର ହେବାକୁ ନିମନ୍ତ୍ରିତ ମୁଖ୍ୟ ଅତିଥି ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ । ଅଧ୍ୟକ୍ଷଙ୍କ ଦାବିକୁ ସାଂସଦ ରାଜ୍ୟସଭା ଆଗ୍ରହର ସହିତ ଗ୍ରହଣ କରି ରାଜ୍ୟସଭା ପାଣ୍ଠି ରୁ କମ୍ପୁଟର ଦଶଗୋଟି, ଏବଂ ଅଡିଟରୀୟମ ନିର୍ମାଣ ପାଇଁ ଅର୍ଥ ସହାୟତା ଯୋଗାଇବା ପାଇଁ ପ୍ରତିଶୃତି ଦେଇଥିଲେ । ଏତଦ ବ୍ୟତୀତ ସାଂସଦ ମହୋଦୟ ଛାତ୍ର ଛାତ୍ରୀଙ୍କୁ ଏକ ଆଦର୍ଶ ମଣିଷ ଗଠନ ଏବଂ ଇଂଲିଶ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଅତି କମରେ ଏକ ଘଣ୍ଟା ପର୍ଯ୍ୟନ୍ତ ପରସ୍ପର ସହିତ ଇଂଲିଶ ରେ କଥା ବାର୍ତ୍ତା ହେବାକୁ ପରାମର୍ଶ ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ସୁଜିତ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ଘୁ.ଉଦୟଗିରି ପ୍ରଫୁଲ ଚନ୍ଦ୍ର ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କହଁର,ବିଜେପି ରାଜ୍ୟ ଅନୁସୁଚିତ ଜାତି ଉପସଭାପତି ରାମବିଶ ଦିଗାଲ, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ, ସାଂସଦ ପ୍ରତିନିଧି ଜିତେନ୍ଦ୍ର ଡାକୁଆ, ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ବୃନ୍ଦ ଯୋଗଦେଇଥିଲେ । ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ କୁ ସମ୍ପର୍ଣ କରିବାରେ ସହଯୋଗ କରିଥିଲେ, ଅଧ୍ୟାପକ ନରେନ୍ଦ୍ର ଦିଗାଲ, ଓ ଅଧ୍ୟାପକ ବନମାଳୀ ବେହେରା, ଙ୍କ ସମେତ ସମସ୍ତ ମହାବିଦ୍ୟାଳୟ କର୍ମଚାରୀ ।

# ସମତାର ସ୍ୱର 'ସବୁଜ'ର ପ୍ରତିଷ୍ଠାତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ସ୍ମୃତି ସଭା ଅନୁଷ୍ଠିତ



ବାସୁଦେବପୁର, ୩୦/୧ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୁଡ଼ାମଣି ଗ୍ରାମର ଗୌରହରି ନାୟକଙ୍କ ପୁତ୍ର ଦୂର୍ଗେଶ ନାୟକଙ୍କ ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକ ସ୍ମୃତି ସଭା ବାସୁଦେବପୁର ପଦ୍ମା ହୋଟେଲ ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ବିଜେପି ନେତା ଦୀନବନ୍ଧୁ ପତି, ସମ୍ମାନୀତ ଅତିଥି ଜିଲ୍ଲା ବିଜେପି ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ୍, ସନ୍ଥ ମହାପ୍ରସାଦ ସ୍ୱାମୀ,ଆଇନଜୀବୀ ପ୍ରଦୀପ ମହାନ୍ତି, 'ସବୁଜ' ର ସଭାପତି ଆଇନଜୀବୀ ନିରୋଦ ଦାସ, ସମ୍ପାଦକ ଆନନ୍ଦ ଶଙ୍କର ଦାସ ଏବଂ ବାଇଚଡେଇର ସମ୍ପାଦକ ବିକାଶ କୁମାର ଶତପଥୀ, ସମାଜସେବୀ ନାରୀ ନେତ୍ରୀ ରୁନୁ ଅପା ପ୍ରମୁଖ ଉପସ୍ଥିତ ରହିବା ସହିତ ଦୂର୍ଗେଶ ନାୟକ ଙ୍କ ଫଟୋ ରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଉକ୍ତ ସଭାରେ ପୂର୍ଣ୍ଣୀମା ମହାନ୍ତି ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନକରିଥିବା ବେଳେ ବିକାଶ ଶତପଥୀ ସଂଯୋଜନା କରିଥିଲେ । ଦୂର୍ଗେଶ ନାୟକ (ଲିନୁ) ଜଣେ ବହୁମୁଖି ପ୍ରତିଭାର ଅଧିକାରୀ ଭାବେ ବହୁତ କମ ସମୟ ମଧ୍ୟରେ ନିଜର ପ୍ରତିଭା ଦେଖିଥିଲେ । ବୃକ୍ଷ ରୋପଣ ଠାରୁ ଆରମ୍ଭ କରି ରକ୍ତଦାନ, ଅଭିନୟ ପରି ବିଭିନ୍ନ କାର୍ଯ୍ୟକ୍ରମମାନ କରିବା ସହିତ ସମତାର ସ୍ୱର ସବୁଜ ପରି ଏକ ସାମାଜିକ ସଙ୍ଗଠନ ପ୍ରତିଷ୍ଠା କରି ବାସୁଦେବପୁର ଏବଂ ଓଡିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଗତବର୍ଷ ଏହି ସମୟରେ କୌଣସି କାର୍ଯ୍ୟକ୍ରମରେ ଜାମ୍ମୁ କାଶ୍ମୀର ଯାଇଥିଲେ ସେଠାରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ପ୍ରତିଭାମୟ ଜୀବନ ଦୀପ ସବୁଦିନ ପାଇଁ ଲିଭି ଯାଇଥିଲା । ଆଗକୁ ବହୁତ କିଛି କରିବାର ଆଶା ନେଇ ଆଗକୁ ବଢୁଥିବା ଲିନୁ ଙ୍କର ଏହି ଅକାଳ ବିୟୋଗରେ ପରିବାର ଲୋକଙ୍କ ସହିତ ସହଯୋଗୀ ମାନେ ସ୍ତବ୍ଧ ହୋଇଯାଇଥିଲେ । ଏହି ପରି ଜଣେ ମହାନ ବ୍ୟକ୍ତିତ୍ୱ ଙ୍କୁ ହରାଇ ବାସୁଦେବପୁର ବାସୀଙ୍କ ଏକ ଅପୂରଣୀୟ କ୍ଷତି ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ । ଶେଷରେ ହେମନ୍ତ ସନ୍ଦବିଗ୍ରହ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଗୌଡିୟ ବେଦାନ୍ତ ବିଦ୍ୟାଳୟର ଅନନ୍ୟ କାର୍ଯ୍ୟକ୍ରମ 'ଉନ୍ନନା'





ବେଗୁନିଆପଡା, ୩୦/୧ (ନି.ପ୍ର):ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଅଙ୍ଗାର ଗାଁ ସ୍ଥିତ ଗୌଡିୟ ବେଦାନ୍ତ ବିଦ୍ୟାଳୟର ବାର୍ଷିକ ମହୋତ୍ସବ 'ଉନ୍ନନା' ଶନିବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ଉନ୍ନତ ପ୍ରେରଣା, ଜାଗ୍ରତ ଚେତନା ଓ ସମୃଦ୍ଧ ଭବିଷ୍ୟ ସର୍ଜନା କୁ ନେଇ ଏହି ନିଆରା କାର୍ଯ୍ୟକ୍ରମ 'ଉନ୍ନନା' ରବିବାର ଦିନ ଉଦଯାପିତ ହେବାକୁ ଥିବା ବେଳେ ଏହି କାର୍ଯ୍ୟକ୍ରମରେ ଗୌଡିୟ ବିଦ୍ୟାଳୟର ସମ୍ପାଦକ ପ୍ରଫେସର ନିରଜ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନରେ ପାରମାର୍ଥିକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଖଲ୍ଲିକୋଟ ଆର ସି ଏମ ମହାବିଦ୍ୟାଳୟର ଅଧ୍ୟାପକ ଡ଼ଃ ବିଷ୍ଣୁ ପ୍ରସାଦ ଦାଶ, ଅଙ୍ଗାର ଗାଁ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ପ୍ରସନ୍ନ କୁମାର ନାୟକ, ଏହି ଅନୁଷ୍ଠାନର ସଭାପତି ରମଣୀ ମୋହନ ଦାଶ ମହାରାଜ, ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ଓ ରମେଶ ଚନ୍ଦ୍ର ସ୍ୱାଇଁ, ସ୍ୱତନ୍ତ୍ର ଅତିଥି ଭାବେ ବୃନ୍ଦାବନ ଦାଶ ମହାରାଜ ଯୋଗ ଦେଇଥିବା ବେଳେ, ବିକାଶ ରଞ୍ଜନ ସାହୁ, ଗୌଡିୟ ବେଦାନ୍ତ ବିଦ୍ୟାଳୟର ସମ୍ପାଦକ ଚନ୍ଦନ କୁମାର ଜେନା ଅନୁଷ୍ଠାନ ଉପରେ ଏହାର କଳେବର ନେଇ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଗ୍ରାମାଞ୍ଚଳରେ ଏପରି ପାରମ୍ପରିକ ଗୁରୁକୁଳ ଭଳି ଶିକ୍ଷାନୁଷ୍ଠାନ ଖୋଲିବାର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସଭା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଜ୍ଞାନାନନ୍ଦ ସାଗର ପରିଚାଳନା କରିଥିଲେ ।

# ଦୁଇ ସାଙ୍ଗଠନିକ ଜିଲ୍ଲା ପାଇଁ ବିଜେପିର ଜିଲ୍ଲା ସଭାପତି ଘୋଷିତ

## ମୟୁରଭଞ୍ଜ ପୂର୍ବରେ ନିହାର ମୋଦୀ ପଶ୍ଚିମରେ ଜୁରି ଲାଲ ମହାନ୍ତଙ୍କ ନାମ ଘୋଷଣା



ବାରିପଦା,୩୦/୧ (ନି.ପ୍ର):ବିଜେପି ମୟୂରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲା ସଭାପତି ଭାବେ ନିହାର ମୋଦିଙ୍କ ନାମ ସହ ଆଠ ଜଣ ରାଜ୍ୟ ପରିଷଦ ସଦସ୍ୟ ଙ୍କ ନାମ ଘୋଷଣା କରାଯାଇଛି । ସାରସକଣାରେ ଜନ୍ମିତ ନିହାର ୧୯୯୨ ମସିହାର ଜାନୁଆରୀ ୧ରେ ବିଜେପିରେ ଯୋଗ ଦେଇଥିଲେ । ପ୍ରଥମେ ଉଦଳାରେ ସେ ୧୯୯୨ ମସିହାରେ କାଉନସିଲର ଭାବେ କାର୍ଯ୍ୟ କରୁଥିଲେ । । ଏହାପରେ ଜିଲ୍ଲା ଯୁବ ମୋର୍ଚ୍ଚାରେ ରହିବାପରେ ଜିଲ୍ଲା ସମ୍ପାଦକ, ପରେ ୨୦୧୦ ରୁ ୨୦୧୪ ପର୍ଯ୍ୟନ୍ତ ଜିଲ୍ଲା ସଭାପତି ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ଏହା ପରେ ରାଜ୍ୟ କାର୍ଯ୍ୟକାରିଣୀ ସଦଶ୍ୟ ଭାବେ ମଧ ଦାୟିତ୍ୱ ଗ୍ରହଣ କରିଥଲେ । ୨୦୧୯ ଏବଂ ୨୦୨୪ ନିର୍ବାଚନରେ ବାରିପଦା ପ୍ରଭାରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ । ପରେ ପରେ ବାଲେଶ୍ୱର ଜିଲ୍ଲାର ଡିଆରଓ ମଧ ରହିଥିଲେ । ଶ୍ରୀ ମୋଦୀ ପୁଣି ଆଜି ମୟୂରଭଞ୍ଜ ଜିଲ୍ଲା ସଭାପତି ଭାବେ କାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଥିବାରୁ ଦଳର କର୍ମକର୍ତ୍ତା ଏବଂ କର୍ମୀ ମହଲରେ ଉତ୍ସାହ ଦେଖା ଯାଇଛି । ଆଜି ବାରିପଦା ଠାରେ ତାଙ୍କୁ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଙ୍କ ସହିତ ଜିଲ୍ଲା ର ସାଂସଦ, ବିଧାୟକ ପୂର୍ବତନ ଜିଲ୍ଲା ସଭାପତି ଏବଂ ବରିଷ୍ଠ ନେତା ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ସେହିପରି ମୟୂରଭଞ୍ଜ ପଶ୍ଚିମ ସାଙ୍ଗଠନିକ ଜିଲ୍ଲା ପାଇଁ ମଧ ଜିଲ୍ଲା ସଭାପତି ଚୟନ କରାଯାଇଛି । । ଜୁରିଲାଲ ମହାନ୍ତଙ୍କ ନାମ ଆଜି ମୟୂରଭଞ୍ଜ ସାଂସଦଙ୍କ ଉପସ୍ଥିତରେ ରାଇରଙ୍ଗପୁର ଠାରେ ଘୋଷଣା କରାଯାଇଛି । ଜୁରିଲାଲ ଦୀର୍ଘ ଦିନ ହେଲା ବିଜେପି ସହିତ ଯୋଡ଼ିତ ହେଇ ତୃଣମୂଳ ସ୍ତରରେ କାର୍ଯ୍ୟ କରିଆସୁଛନ୍ତି । ତାଙ୍କୁ ମଧ ଦଳ ପକ୍ଷରୁ ବରିଷ୍ଠ ନେତା ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି ।

# ଗୋପୀନାଥ ଜିଉ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ଓଡଗାଁ,୩୦/୧ (ନି.ପ୍ର): ଓଡଗାଁ ବ୍ଲକ କୁରୁମବାଙ୍କତରା ଗୋପୀନାଥ ଜିଉ କ୍ରିକେଟ କ୍ଲବ ପଡିଆରେ କ୍ଲବ ତାର ୧୬ ତମ କ୍ରିକେଟ ଟୁର୍ନାମେଣ୍ଟ ଉତଘାଟିତ କରିଛି । ଉତଘାଟନ କାର୍ଯ୍ୟକ୍ରମ ରେ କୁରୁମବାଙ୍କତରା ଗ୍ରାମ ର ସମାଜସେବି କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ଖେଳାଳି ଅଭୟ କୁମାର ସାହୁ, ସତ୍ୟବାଦୀ ସାହୁ ଏବଂ ଓଡଗାଁ ଆଦର୍ଶ ଥାନା ପୋଲିସ ସବ ଇନ୍ସପେକ୍ଟର ଚକ୍ରଧର ସିଂ ଏବଂ କ୍ଲବ ର ସିନିଅର ଖେଳାଳି ମାନେ ଉପସ୍ଥିତ ରହି ଖେଳାଳି ଏବଂ କ୍ଲବ ସଭ୍ୟ ଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଦିନ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ ରଙ୍ଗଣୀପାଟଣା ଓ ମଶାବାରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ରଙ୍ଗଣୀପାଟଣା ମ୍ୟାଚ ବିଜୟଲାଭ କରି ସେମି ଫାଇନାଲ ରେ ପ୍ରବେଶ କରିଥିଲା. ଅନ୍ୟ ଏକ ମ୍ୟାଚରେ ଲକ୍ଷ୍ମୀପ୍ରସାଦ ଓ ରୋହିବାଙ୍କ ମଧ୍ୟରେ ରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ ରେ ଲକ୍ଷ୍ମୀପ୍ରସାଦ ବିଜୟଲାଭ କରି ସେମିଫାଇନାଲକୁ ପ୍ରବେଶ କରିଛି । ଆଜିର ମ୍ୟାଚକୁ ସୁଶାନ୍ତ କୁମାର ପାରିଡ଼ା, ପବିତ୍ର କୁମାର ସାହୁ ଏବଂ ପ୍ରଦୀପ କୁମାର ମହାପାତ୍ର ଓ ରାମ ଚନ୍ଦ୍ର ବରାଡ଼, ଅଧିନାୟକ ବବୁଲ ଲେଙ୍କା ଏବଂ ଉପଅଧିନାୟକ ଗୌତମ ରାଣା ପରିଚାଳନା କରିଥିଲେ ।

# ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ



ସାନଖେମୁଣ୍ଡି, ୩୦/୧ (ନି.ପ୍ର):ପାଟପୁର ବିଶ୍ୱାସ ରାୟ ବିଜ୍ଞାନ ମହାବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ୨୦୨୪-୨୫ ମହାବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହେଇଥିଲା । ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାରଣା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ନିର୍ବାଚନୀ ମଣ୍ଡଳୀ ର ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ପୁରୁଷୋତ୍ତମପୁର ସ୍ଥିତ ତାରା ତାରିଣୀ ମହାବିଦ୍ୟାଳୟ ର ଓଡ଼ିଆ ଅଧ୍ୟାପକ ଡ.ପ୍ରବୀର କେଶରୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ସାନଖେମୁଣ୍ଡି ବ୍ଲକ ଉପାଧ୍ୟକ୍ଷା ରିଙ୍କି ନାହାକ, ଜିଲ୍ଲା ପରିଷଦ ସଦସ୍ୟା ସୁଲତା ରାଣୀ ସ୍ୱାଇଁ, ପାଟପୁର ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ସୁଜାତା ସ୍ୱାଇଁ, ରାଧାଦେଇପୁର ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ନୀଳାଞ୍ଚଳ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ଜେନା ଛାତ୍ର ଛାତ୍ରୀ ମାନଙ୍କୁ ଜୀବନରେ ସଂଘର୍ଷର ମହତ୍ତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ରଛାତ୍ରୀ ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସୋରଡ଼ା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଡ.ହୃଷିକେଶ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ.କୈଳାଶ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁରେନ୍ଦ୍ର ଶବର ବାର୍ଷିକ ବିବରଣୀ ପାଠ କରିଥିଲେ । ଇଂରାଜୀ ଅଧ୍ୟାପକ ତ୍ରିଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା ର ବିଜେତା ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଅଧ୍ୟାପିକା ଡ.ଶାରଦା, ସରସ୍ୱତୀ ପଣ୍ଡା, ଅଧ୍ୟାପକ ସଞ୍ଜୟ ଭୂୟାଁ, ଗୌତମ ରଣା, ଅଣଶିକ୍ଷକ କର୍ମଚାରୀ କାଳିଆ ପାଢ଼ୀ, ରାଜା ସାଁ, ଶ୍ରୀକାନ୍ତ ସାହୁ, ଦୁଃଖୀଶ୍ୟାମ ରେଡ୍ଡୀ ଏବଂ ରଞ୍ଜନ ଖୁଣ୍ଟିଆ ଙ୍କ ସହ ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନା ରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ସମସ୍ତ ଛାତ୍ର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

# ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତିଗଲେ ୧୦ ଶ୍ରମିକ ଓ ତାଙ୍କ ପରିବାର

ବସ୍ତା, ୩୦/୧ (ନି.ପ୍ର): ତହସିଲ ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ଆମ୍ବକୁଡୁଚି ଗ୍ରାମରେ ବେଆଇନ ନାଲୀ ଇଟା ଭାଟି ପରିସରରେ ଅଗ୍ନିକାଣ୍ଡ । ହୁତୁହୁତୁ ହୋଇ ଜଳିଗଲା ଚାଳଛପର ନଡ଼ା କୁଟା ଘର, ଅଳ୍ପକେ ବର୍ତ୍ତିଗଲେ ୧୦ ପରିବାରର କୋଡ଼ିଏ ଶ୍ରମିକ ଓ ତାଙ୍କର ଛୋଟ ପିଲା । ପ୍ରାପ୍ତ ସୂଚନା ମୁତାବକ ଗତ କାଲି ରାତ୍ରି ପ୍ରାୟ ନଅଟା ବେଳେ ଆମ୍ବକୁଡୁଚି ସ୍ଥିତ ଟାଟା ଇଟା ଭାଟି ପରିସରରେ ଶ୍ରମିକ ମାନେ ତାଙ୍କ ପିଲା ଛୁଆ ଙ୍କୁ ଧରି ସୋଇଥିବା ବେଳେ କୌଣସି କାରଣ ବସତ୍ ଚାଳଛପର ନଡ଼ା କୁଟା ଘରେ ଅଗ୍ନିକାଣ୍ଡ ଘଟିଥିଲା । ସୌଭାଗ୍ୟ ବସତ୍ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଶ୍ରମିକ ଓ ତାଙ୍କ ପରିବାର ଲୋକେ ଓ ନିକଟରେ ଥିବା ଅନ୍ୟ ଝାଟି ମାଟି ଘରେ ଶ୍ରମିକ । ଖବର ପାଇ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକେ ନିଆଁ କୁ ଆୟତ କରିବାକୁ ଚାହିଁ ଥିଲେବି ସବୁ କିଛି ପୋଡ଼ି ପାଉଁଶ ହୋଇଯାଇଥିଲା । ସମସ୍ତ ଲୁଗାପଟା, ଆସବାପତ୍ର ସହିତ ଆଧାର କାର୍ଡ, ଭୋଟ ପରିଚୟ ପତ୍ର, ରାସନ କାର୍ଡ, ପୋଲିଓ କାର୍ଡ ,ବ୍ୟାଙ୍କ୍ ପାସ ବୁକ ଭଳି ଜରୁରୀ କାଗଜ ପତ୍ର ପୋଡି ପାଉଁଶ ହୋଇ ଯାଇଛି । ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ରୋସେଇ ସରଞ୍ଜାମ, ବାସନ କୁସନ୍ ଇତ୍ୟାଦି ଅତ୍ୟାଧିକ ଗରମରେ ବଙ୍କା ଓ ଚେପା ହୋଇଯାଇଛି । ରାତି ତମାମ ଶୀତ ରାତ୍ରୀରେ ଛୋଟ ପିଲାଙ୍କୁ ଧରି ଖୋଲା ଆକାଶ ତଳେ ରାତି କଟାଇଛନ୍ତି ଶ୍ରମିକ । ସରକାର ଓ ପ୍ରଶାସନ ର ନାକନିଶ ତଳେ ଖୋଲମ୍ ଖୋଲା ମାଳ ମାଳ ବେଆଇନ ନାଲି ଇଟାଭାଟି ଚାଲୁଥିଲେ ବି କାର୍ଯ୍ୟାନୁଷ୍ଠାନ ଶୁନ କାହିଁକି । ଶ୍ରମିକ ଙ୍କ ସ୍ୱାର୍ଥ ପାଇଁ ଶ୍ରମ ବିଭାଗ, ବ୍ଲକ ପ୍ରଶାସନ, ତହସିଲ ପ୍ରଶାସନ, ଜିଲ୍ଲା ପ୍ରଶାଶନ, ଏମିତି କି ଖୋଦ ଜିଲ୍ଲାପାଳ କାହିଁକି ଚୁପ୍ ଓ ନୀରବ ଦ୍ରଷ୍ଟା ସାଜିଛନ୍ତି । କିଛି ବଡ ଧରଣର ଅଘଟଣ ଘଟିଥିଲେ କିଏ ଦାୟୀ ରହିଥାନ୍ତି । ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ । ଏନେଇ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି କି ଘଟଣାର ତଦନ୍ତ କରାଯାଇ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ସଂପାଦକୀୟ

# ଦଳ ବଦଳ

ଆମ ଦେଶରେ ଏବେ ଦଳ ବଦଳ ରାଜନୀତିରେ ଏକ ବିପଜ୍ଜନକ ଧାରା ମୁଣ୍ଡ ଟେକୁଥିବାର ଲକ୍ଷ୍ୟ କରାଯାଉଛି । ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନୀତି, ଆଦର୍ଶ ଓ ବିଚାରଧାରାକୁ ଜନସାଧାରଣଙ୍କ ଆଗରେ ଉପସ୍ଥାପନ କରି ସେମାନଙ୍କ ସମର୍ଥନ ହାସଲ କରିବା ପରେ ଅନ୍ୟ ଏକ ଦଳକୁ ଲମ୍ଫ ପ୍ରଦାନ କରିବା ଭୋଟରଙ୍କ ପ୍ରତି ବିଶ୍ୱାସ ଘାତକତା କହିଲେ, ଅତ୍ୟୁକ୍ତି ହେବନାହିଁ । ନିର୍ବାଚନ ପୂର୍ବରୁ ଦଳ ବଦଳ କରିବା ଯେତେ ଦୋଷାବହ ନୁହେଁ, ସାଂସଦ ବା ବିଧାୟକ ଭାବରେ ଗୋଟିଏ ଦଳରୁ ନିର୍ବାଚିତ ହେବା ପରେ ସେହି ଦଳକୁ ଧୋକା ଦେଇ ସଂକୀର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ନିମନ୍ତେ ଅନ୍ୟ ଦଳରେ ସାମିଲ ହେବା ନିଶ୍ଚିତ ଭାବରେ ଏକ ଅଗଣତାନ୍ତ୍ରିକ ପଦକ୍ଷେପ । ଗତ ୨୦୧୯ ମସିହାରେ ସାଧାରଣ ନିର୍ବାଚନ ଏବଂ ପରବର୍ତ୍ତୀ ସମୟରେ କେତେକ ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିଜୟ ହାସଲ କରି ସାଂସଦ ବା ବିଧାୟକ ହୋଇଥିବା କିଛି ରାଜନେତା ଇତି ମଧ୍ୟରେ ଦଳବଦଳ କରି ଅନ୍ୟ ଦଳରେ ଯୋଗ ଦେବାର ଏକାଧିକ ଦୃଷ୍ଟାନ୍ତ ନଜରକୁ ଆସିଛି । ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ମଣିପୁର, ଆସାମ ଆଦି ରାଜ୍ୟରେ ବହୁ ବିଧାୟକ ମୂଳ ଦଳ ଛାଡ଼ିଥିବା ବେଳେ ଅଦଳ ବଦଳ ଯୋଗୁଁ କେତେକ ରାଜ୍ୟରେ ସରକାରର ପତନ ମଧ୍ୟ ଘଟିସାରିଛି । ବୁଧବାର ଦିନ ଗୋଆରେ ଏକ ବଡ଼ ଧରଣର ଦଳବଦଳ ନାଟକ ଦେଖିବାକୁ ମିଳିଛି । ଅଳ୍ପ କିଛିମାସ ପୂର୍ବେ ଏହି ରାଜ୍ୟର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ମୋଟ୍ ୪୦ଟି ଆସନ ମଧ୍ୟରୁ ବି.ଜେ.ପି.କୁ ୨୦ଟି ଆସନ ମିଳିଥିବା ବେଳେ ମୁଖ୍ୟ ବିରୋଧୀଦଳ କଂଗ୍ରେସକୁ ୧୧, ଆପ୍‌କୁ ୨ ଓ ଏମ୍.ଜି.ପି.କୁ ୨ ଓ ଅନ୍ୟମାନଙ୍କୁ ୫ଟି ଆସନ ମିଳିଥିଲା । ତେବେ କଂଗ୍ରେସ ଦଳର ଟିକେଟ୍‌ରେ ନିର୍ବାଚିତ ହୋଇଥିବା ୧୧ ଜଣଙ୍କ ମଧ୍ୟରୁ ୮ ଜଣ ବିଧାୟକ ବୁଧବାର ଦଳତ୍ୟାଗ କରି ବି.ଜେ.ପି.ରେ ଯୋଗ ଦେଇଛନ୍ତି, ଯଦ୍ୱାରା କଂଗ୍ରେସ ବିଧାୟକ ସଂଖ୍ୟା ୩କୁ ଖସି ଆସିଛି । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ରାଜ୍ୟର ଜଣେ ପ୍ରବୀଣ ତଥା ବୟୋଜ୍ୟେଷ୍ଠ କଂଗ୍ରେସନେତା ଦିଗମ୍ବର କାମାତ୍ ଏବଂ ବିରୋଧୀ ଦଳର ନେତା ପଦରେ ଅଧିଷ୍ଠିତ ମାଇକେଲ୍ ଲୋବୋ ନିଜ ଦଳ ଛାଡ଼ି ବି.ଜେ.ପି.ରେ ସାମିଲ ହେବାକୁ ପଛାଇ ନାହାନ୍ତି । ଦିଗମ୍ବର ଅତୀତରେ କଂଗ୍ରେସ ସରକାରରେ ମୁଖ୍ୟମନ୍ତ୍ରୀ ରହିଥିଲେ ଏବଂ ଏଥର କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ । ସେହିପରି ମାଇକେଲ ଲୋବେ ଯଦିଓ ନିର୍ବାଚନର ଠିକ୍ ପୂର୍ବରୁ କଂଗ୍ରେସରେ ଆସି ଯୋଗ ଦେଇଥିଲେ, ତଥାପି ଦଳ ତାଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେଇ ବିରୋଧୀ ଦଳର ନେତା ପଦରେ ବସାଇଥିଲା । ଇସ୍ତଫା ଦେବା ପରେ ମାଇକେଲ ଲୋବୋ 'କଂଗ୍ରେସ ଛାଡ଼- ବି.ଜେ.ପି.କୁ ଯୋଡ଼' ମତ ରଖି ମୂଳ ଦଳକୁ ବିଦ୍ରୂପ କରିବାକୁ ମଧ୍ୟ ପଛାଇ ନାହାନ୍ତି । ଯଦିଓ ଦୁଇ ତୃତୀୟାଂଶ ବିଧାୟକ ସମୂହ ଭାବରେ ଇସ୍ତଫା ଦେଇଥିବାରୁ ଏ କ୍ଷେତ୍ରରେ ଦଳବଦଳ ଆଇନ୍ ଲାଗୁ ହୋଇପାରିବ ନାହିଁ, ତଥାପି ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ଦୃଷ୍ଟିରୁ ଏହି ପଦକ୍ଷେପ କେତେଦୂର ଗ୍ରହଣୀୟ ତାହା ବିଚାର୍ଯ୍ୟ । ଗୋଆରେ କଂଗ୍ରେସ ନେତାମାନଙ୍କ ଆନୁଗତ୍ୟକୁ ସନ୍ଦେହ କରି ନିର୍ବାଚନ ପୂର୍ବରୁ ରାହୁଲ ଗାନ୍ଧୀ ଦଳର ସବୁ ପ୍ରାର୍ଥୀଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଦଳ ନଛାଡ଼ିବାକୁ ଶପଥ ପାଠ କରାଇଥିଲେ । ସମସ୍ତ ପ୍ରାର୍ଥୀ ଶପଥ ପତ୍ରରେ ସ୍ୱାକ୍ଷର ମଧ୍ୟ କରିଥିଲେ । ଏହାସତ୍ତ୍ୱେ ନିଜର ଶପଥ ଭଙ୍ଗ କରି ଦଳତ୍ୟାଗ କରିବାକୁ ସେମାନେ ତିଳେ ମାତ୍ର କୁଣ୍ଠାବୋଧ କରି ନାହାନ୍ତି । ଭୋଟ୍‌ଦାତାଙ୍କ ରାୟକୁ ହେୟଜ୍ଞାନ କରିବା ଓ ଦଳବଦଳ ପନ୍ଥା ଅନୁସରଣ କରିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ।

# ଶଂସୟ

**ଅନୀତା ପଟ୍ଟନାୟକ**

ସୃଷ୍ଟିକର୍ତ୍ତା ଏ ପୃଥିବୀକୁ ସୃଷ୍ଟି କଲେ । ଗ୍ରହ, ନକ୍ଷତ୍ର, ସମୁଦ୍ର, ପାଣି, ପବନ, ଆକାଶ, ଅଗ୍ନି, ପର୍ବତ, ବୃକ୍ଷଲତା ଆଦି ସୃଷ୍ଟି କଲେ । ନଦୀ ପ୍ରାନ୍ତରରେ ପାହାଡ଼ ତଳେ ଝରଣାର କୁଳୁକୁଳୁ ଶବ୍ଦ ସହିତ ସମତଳ ଓ ଉର୍ବର ସ୍ଥଳଭାଗ ଦେଲେ । ଏହା ସହିତ ମଣିଷକୁ ଶବ୍ଦ, କଥପକଥନ ଓ ଚିନ୍ତା କରିବାର ଶକ୍ତି ପ୍ରଦାନ କଲେ । ଭାବିଥିଲେ ମନୁଷ୍ୟ ଦିନେ ନା ଦିନେ ଭାବି ବ ସୃଷ୍ଟିକର୍ତ୍ତା ବିନା ସୃଷ୍ଟି କ'ଣ ସମ୍ଭବ ? ସେ ଖୋଜିବ ସୃଷ୍ଟିକର୍ତ୍ତାଙ୍କୁ ଓ ତାଙ୍କୁ ହୃଦୟଙ୍ଗମ କରିବାକୁ ଚେଷ୍ଟା କରିବ ।

ସେହିପରି କିନ୍ତୁ ହେଲାନାହିଁ । ସୃଷ୍ଟିକର୍ତ୍ତା ଦିନ ଦିନ ଧରି ତାର ଅତିପ୍ରିୟ ମନୁଷ୍ୟକୁ ଚାହିଁ ରହିଥିଲେ ମଧ୍ୟ ସେ ଆସି ପାରିଲା ନାହିଁ । ବାରମ୍ବାର ସୃଷ୍ଟିକର୍ତ୍ତାଙ୍କୁ ମନୁଷ୍ୟରୂପ ଧରି ନିଜର ଅସ୍ତିତ୍ୱର ପ୍ରମାଣ ଦେବା ପାଇଁ ଓ ଜୀବନର ଲକ୍ଷ୍ୟ ବୁଝାଇବା ପାଇଁ ଆସିବାକୁ ପଡ଼ିଲା । ବାଧ ହୋଇ ଗୀତାରେ କହିଗଲେ ମତେ ବାରମ୍ବାର ଆସିବାକୁ ପଡ଼ିବ ଓ ମୋର କୌଣସି ଅବତାରତ୍ୱକୁ ତୁମେ ଏକ ପୂର୍ଣ୍ଣଚ୍ଛେଦ ବୋଲି ଭାବିବ ନାହିଁ । 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ' । ମନୁଷ୍ୟ ମାଧ୍ୟାକର୍ଷଣ ଶକ୍ତିକୁ ଚିହ୍ନିପାରିଲା ନାହିଁ । ଆକାଶକୁ ଯାଇ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଏବଂ ସୃଷ୍ଟି ସମ୍ବନ୍ଧରେ କଳନା କରି ପାରିଲାନାହିଁ । ଦିନେ ଭଗବାନ ମଣିଷରୂପରେ ଆସି ତାଙ୍କର ସବୁଠାରୁ ବୁଦ୍ଧିମାନ ମନୁଷ୍ୟକୁ ଡାକି କହିଲେ, 'ବାପାରେ ଦିଗ୍‌ବଳୟର ଆରପଟେ କ'ଣ ଅଛି ଓ ତାଙ୍କ ନିକଟକୁ ତୁ ଯିବାକୁ ଚାହୁଁ କି ? ବୁଦ୍ଧିମାନ ଲୋକଟି ତତ୍‌କ୍ଷଣାତ ସୃଷ୍ଟିକର୍ତ୍ତାଙ୍କୁ କହିଲା ବାର୍ଦ୍ଧକ୍ୟ ହେତୁ ମତେ ବିଶେଷ କିଛି ଦୃଶ୍ୟମାନ ହେଉନାହିଁ ତେଣୁ ମୁଁ ଅଚଳ ଅବସ୍ଥାକୁ ଆସିଗଲିଣି ଆପଣ ମୋର ପତ୍ନୀ ଓ ପୁତ୍ର, କନ୍ୟା ମାନଙ୍କୁ ନେଇ ବୁଲାଇ ଆଣନ୍ତୁ । ଏହା ତାଙ୍କର ଦେଖିବା ଓ ଶିଖିବାର ବେଳ । ନିରାଶ ହୋଇ ଫେରି ଯିବାର କିଛି ଦିନରେ ସୃଷ୍ଟିକର୍ତ୍ତା ବୁଦ୍ଧିମାନ ବ୍ୟକ୍ତିର ସ୍ତ୍ରୀ ନିକଟରେ ପହଞ୍ଚି କହିଲେ ତୁମେ ସ୍ୱର୍ଗପୁର ଦେଖିବାକୁ ଚାହୁଁଛ ? ସେଠାରେ ଲୋକ କିପରି ରହୁଛନ୍ତି ଦେଖିବାକୁ ଚାହୁଁଛ ? ଯଦି ଚାହୁଁଥାଅ, ମୋ ସହିତ ଆସିପାର । ବୁଦ୍ଧିମାନ ଲୋକର ସ୍ତ୍ରୀଟି ତତ୍‌କ୍ଷଣାତ କହିଉଠିଲା ଏ ବୃଦ୍ଧା ବୟସରେ ମୋ ପାଦରେ ବଳ ନଥିବା ସମୟରେ ମୋ ହାତଟେକାକୁ ଚାହିଁଥିବା ସ୍ୱାମୀଙ୍କୁ ଛାଡ଼ି କିପରି ଯାଇପାରିବି ? ତୁମର ଡାକିବରେ ଡେରି ହୋଇଗଲାଣି ଓ ମୋର ମଧ୍ୟ ବଳପାଉନାହିଁ । ମୋର ପିଲାମାନେ ଆମ କଥା ନବୁଝି ବୁଲା ବୁଲି କରିବାକୁ ଭଲ ପାଆନ୍ତି । ତାଙ୍କୁ ନେଇଯାଇ ସ୍ୱର୍ଗପୁରୀ ଦେଖାଅ ସେମାନେ ଖୁସି ହେବେ । ଏପରି କଥା ଶୁଣି ସୃଷ୍ଟିକର୍ତ୍ତା ବାଧ ହୋଇ ମନଦୁଃଖରେ ଫେରିଗଲେ । କିଛି ଦିନ ପରେ ଫେରି ଆସି ବୁଦ୍ଧିମାନ ଲୋକଟିର ପୁଅବୋହୁଙ୍କୁ ସ୍ୱର୍ଗରାଜ୍ୟରେ ଜୀବନ ଓ ତାଙ୍କୁ ସ୍ୱର୍ଗ ବୁଲାଇ ଆଣିବାର ପ୍ରସ୍ତାବ ରଖନ୍ତେ ସେମାନେ କହିଲେ ଆମର ବେଳନାହିଁ ଆମେ କ'ଣ ସୃଷ୍ଟି ଛଡ଼ା ହୋଇଛୁ ? ଆମ ମୁକ୍ତିରେ ସ୍ୱର୍ଗ, ଭଗବାନ ସୃଷ୍ଟିକର୍ତ୍ତା ଏସବୁ ଶବ୍ଦ କିଛି ଧରୁନାହିଁ । ଏସବୁ ଶବ୍ଦ ବିଷୟରେ ବାର୍ଦ୍ଧକ୍ୟ ସମୟରେ ଚିନ୍ତା କରାଯାଏ । ସୃଷ୍ଟିକର୍ତ୍ତା ଦେଖିଲେ ବୁଦ୍ଧିମାନ ଲୋକର ନାତିଟିଏ ଗୋଟିଏ କବିତା ପରୀକ୍ଷା ପାଇଁ ଘୋଷୁଛି ଓ ବାରମ୍ବାର ଆବୃତ୍ତି କରି କହୁଛି 'ରେ ଆତ୍ମନ ନିଦ୍ରାପରିହରି ଫେଡ଼ି ଚିନ୍ତାର ଲୋଚନ କର କର ନିରୀକ୍ଷଣ ନିସ୍ତବ୍ଧ ଜୀବନସ୍ରୋତ ଧାଉଁଛି କିପରି ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରୀ' ସୃଷ୍ଟିକର୍ତ୍ତା ପିଲାଟିକୁ ପଚାରିଲେ ତୁମେ କ'ଣ କରୁଛ ? ପିଲାଟି କହିଲା ମହାଭାଗ ! ଆଜି ଆମର କବିତା ଆବୃତ୍ତି ପ୍ରତିଯୋଗିତା ଅଛି । କ'ଣ ଟିଏ ଘୋଷି ଗାଇଲେ ମୁଁ ପ୍ରଥମ ହୋଇପାରିବି ପଚାରିବାରେ ବାପା-ମାଆ କହିଲେ ଆମର ବେଳ ନାହିଁ ତୁ ତୋର ଶିକ୍ଷକଙ୍କୁ ପଚାର ଶିକ୍ଷକଙ୍କ ଘରକୁ ଯାଇ ଦେଖିଲି ଶିକ୍ଷକ ଓ ତାଙ୍କ ସ୍ତ୍ରୀଙ୍କର ଏକ ମନ୍ଦିରକୁ ଯିବା ନଯିବା ନେଇ ବିବାଦ ସୃଷ୍ଟି ହୋଇଛି । ଶିକ୍ଷକ ନିଜର କାର୍ଯ୍ୟ ବ୍ୟସ୍ତତା ପାଇଁ ତାଙ୍କର ପତ୍ନୀଙ୍କୁ ମନ୍ଦିରକୁ ନେଇ ପାରିବେ ନାହିଁ ବୋଲି ଦ୍ୱନ୍ଦ ଉପୁଜିଥିବା ସମୟରେ କବିତା ବହିଟିକୁ ମୋ ଆଡ଼କୁ ଫୋପାଡି ଦେଇ ଏଇ କବିତାଟିକୁ ଘୋଷିବା ପାଇଁ କହିଲେ । ସୃଷ୍ଟିକର୍ତ୍ତା କହିଲେ 'ଆସେ ମୁଁ ତତେ ଏହାଠାରୁ ଭଲ କବିତା ଦେବି' ପିଲାଟି ତତ୍‌କ୍ଷଣାତ କହିଲା ତୁମେ କିଛି ଜାଣିନ ଏଠାରୁ ଯାଅ ମୁଁ ଲୋକଙ୍କୁ ଟ୍ରେନରେ ବସରେ ଏହି ଗୀତ ଶୁଣୁଥିବା ଶୁଣିଛି । ଯାହା ମୋ ପକ୍ଷେ ସମ୍ଭବ ନୁହେଁ, ଯାହା ମୋ ଠାରୁ ଦୂର ଓ ଉଚ୍ଚରେ ଅଛି ଓ ଯାହା କଷ୍ଟ ତାହା ମୁଁ କରିପାରିବି ନାହିଁ । ଭଗବାନ ମନରେ ଶଂସୟ ଜାତ ହେଲା ଶବ୍ଦ ଓ ଚିନ୍ତାର ଅପପ୍ରୟୋଗକୁ ନେଇ ସେ ଚିନ୍ତିତ ହେଲେ । ଭାବିଲେ 'ଓଃ କି ଭାଷା ଡେରି ହୋଇଗଲାଣି, ବୃଦ୍ଧ ହୋଇଗଲିଣି, ପାରିବିନି, ବିଳମ୍ବ ହୋଇଗଲାଣି, ଅସମ୍ଭବ, ଦୂରରେ, ବହୁ ଉଚ୍ଚରେ, ଏସବୁ ଚିନ୍ତା ଓ ଶବ୍ଦ ଓ ଏହାର ସମାଧାନ କି କଷ୍ଟ, କି ମୂର୍ଖ ! କିଛି ବିଳମ୍ବ ହୋଇନି, କିଛି ଅନ୍ତ ନାହିଁ, କେବଳ ଆରମ୍ଭ ଅଛି । କ'ଣ କରାଯାଇପାରିବ ମଣିଷ ପାଖରୁ ଏପରି ଅପପ୍ରୟୋଗ କରୁଥିବା ଶବ୍ଦ ଓ ଚିନ୍ତାକୁ ଫେରି ଆଣିଲେ ସେ କ'ଣ ମୋ ଆଡ଼କୁ ଚାହିଁବ ? ହେଉ ଏଥର ନ ହେଲେ ନାହିଁ ଆରଥରକର ଅବତାରତ୍ୱରେ ଦେଖିବା ।

# ସବୁରି ଉପରେ ଓଡ଼ିଆ

**ସୌର ଚନ୍ଦ୍ର ମହାପାତ୍ର**

ରାଷ୍ଟ୍ରପତି ନିର୍ବାଚନ ପରେ ପରେ ପ୍ରଥମେ ସାମାଜିକ ଗଣମାଧ୍ୟମରେ ଏବଂ ପରେ କେତୋଟି ପ୍ରତିଷ୍ଠିତ ସମ୍ବାଦପତ୍ରରେ ଓଡ଼ିଶା ସମ୍ପର୍କୀୟ କିଛି ଆଲେଖ୍ୟ ପ୍ରସାରିତ ହୋଇ ଚାଲିଲା । ଏହାର ମୂଳ ବାର୍ତ୍ତା ହେଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ହିଁ ସୁଯୋଗ୍ୟ ଓଡ଼ିଆମାନେ ଦେଶର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ ହୋଇଛନ୍ତି । ଏହି ବିବରଣୀରେ ଯାହା ଲେଖା ନ ଥାଇ ସୁଦ୍ଧା ଉଚ୍ଚ ସ୍ୱରରେ ପ୍ରକଟିତ ହେଉଥିଲା ତାହା ହେଲା ଅନ୍ୟ କୌଣସି ପ୍ରଧାନମନ୍ତ୍ରୀଙ୍କ ଅମଳରେ ଓଡ଼ିଶାରେ ଏତେ ବ୍ୟକ୍ତିଙ୍କ ଏଭଳି ବନ ପଦପଦବୀରେ ଅବସ୍ଥାପିତ କରାଯାଇନଥିଲା ।

ବର୍ତ୍ତମାନ ସମଗ୍ର ଭାରତରେ ଓଡ଼ିଶାର ଗୌରବ ବଢ଼ାଉଛନ୍ତି କେତେଜଣ ବିଶିଷ୍ଟ ବ୍ୟକ୍ତି, ଯେଉଁମାନେ ବିଭିନ୍ନ କ୍ଷେତ୍ରର ସର୍ବୋଚ୍ଚ ପଦରେ ରହି ଦେଶର ସମ୍ବିଧାନିକ, ଶାସନ ଓ ପ୍ରଶାସନିକ କାର୍ଯ୍ୟକୁ ଆଗେଇ ନେଉଛନ୍ତି । ସେମାନଙ୍କ ମଧ୍ୟରେ ରହିଛନ୍ତି ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ସିଏଜି, ବଡ଼ ବଡ଼ ମନ୍ତ୍ରଣାଳୟର କ୍ୟାବିନେଟ ଓ ରାଷ୍ଟ୍ରପାହ୍ୟା ମନ୍ତ୍ରୀ, ଆଇଏମଡି, ଏନସିବି ମହାନିର୍ଦ୍ଦେଶକ ପ୍ରମୁଖ । ମେଧାଶକ୍ତି, ସଚ୍ଚୋଟତା, କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ଏବଂ ଦକ୍ଷତା ସେମାନଙ୍କୁ ଉଚ୍ଚପଦରେ ଅଧିଷ୍ଠିତ କରାଇଛି ।

ଦ୍ରୌପଦୀ ମୁର୍ମୁ ଦେଶର ପ୍ରଥମ ନାଗରିକ : ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ହୋଇଛନ୍ତି । ସେ ଏବେ ରାଇସିନା ହିଲ ବା ୩୪୦ କୋଠରୀ ବିଶିଷ୍ଟ ରାଷ୍ଟ୍ରପତି ଭବନର ୪ ମହଲାରେ ରହୁଛନ୍ତି । ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ କୁସୁମୀ ବ୍ଲକ ଉପରବେଡ଼ା ଗ୍ରାମର ବିରଞ୍ଚି ନାରାୟଣ ମୁର୍ମୁ ଏବଂ ମା'ସିନଗୋ ମୁର୍ମୁଙ୍କ ଔରସରୁ ୨୦ ଜୁନ ୧୯୫୮ ମସିହାରେ ଦ୍ରୌପଦୀ ମୁର୍ମୁ ଜନ୍ମ ଗ୍ରହଣ କରିଥିଲେ । ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ । ଏହାପରେ ୧୯୭୪ରେ ଭୁବନେଶ୍ୱରରେ ରହି ମାଟ୍ରିକ ପାସ କରିଥିଲେ । ରମାଦେବୀ ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ୧୯୭୯ରୁ ୧୯୮୩ ପର୍ଯ୍ୟନ୍ତ ଜଳସେଚନ ଓ ଶକ୍ତି ବିଭାଗରେ କିରାଣି ଭାବେ କାର୍ଯ୍ୟ କରିଥିଲେ । ୧୯୯୭ରେ ରାଇରଙ୍ଗପୁର ଏନଏସିର ୨ ନମ୍ବର ୱାର୍ଡ଼ରୁ କାଉନସିଲର ହୋଇ ଉପାଧ୍ୟକ୍ଷା ହୋଇଥିଲେ । ୨୦୦୦ ମସିହାରେ ଭାଜପା ଟିକେଟରେ ରାଇରଙ୍ଗପୁର ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ବିଜୟୀ ହେବା ସହ ଭାଜପା-ବିଜେଡ଼ି ମେଣ୍ଟ ସରକାରରେ ବାଣିଜ୍ୟ, ପରିବହନ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ହୋଇଥିଲେ । ୬ ଅଗଷ୍ଟ ୨୦୦୨ ପର୍ଯ୍ୟନ୍ତ ସେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ । ୨୦୦୪ ନିର୍ବାଚନରେ ଦ୍ୱିତୀୟ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୫ରେ ଝାଡ଼ଖଣ୍ଡର ରାଜ୍ୟପାଳ ଭାବେ ନିଯୁକ୍ତ ହୋଇ ୧୨ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ । ୨୧ ଜୁନ ୨୦୨୨ ସନ୍ଧ୍ୟାରେ ସେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିଲେ । ଗତ ଜୁଲାଇ ୨୧ରେ ରାଷ୍ଟ୍ରପତି ଭୋଟ ଗଣତି ହେବାପରେ ସେ ଦେଶର ୧୫ତମ ରାଷ୍ଟ୍ରପତି ଘୋଷିତ ହୋଇଥିଲେ ଓ ୨୫ ଜୁଲାଇରେ ଶପଥ ନେଇଥିଲେ ।

ପ୍ରଧାନ ମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ.ମିଶ୍ର : ୧୯୭୨ ବ୍ୟାଚ ଗୁଜୁରାଟ କ୍ୟାଡ଼ର ଆଇଏଏସ ଅଫିସର ପ୍ରମୋଦ କୁମାର ମିଶ୍ର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ସେ ୧୯୪୮ ଅଗଷ୍ଟ ୧୧ରେ ସମ୍ବଲପୁର ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ । ସେ ଉଭୟ ଗୁଜୁରାଟ ଏବଂ ଭାରତ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ । ଗୁଜୁରାଟ ସରକାରରେ ସେ ମେହସାଣା ଏବଂ ବଂଶକଣ୍ଠ ଜିଲ୍ଲାର ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ । କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟର ସଚିବ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଦାୟିତ୍ୱ ତୁଲାଇଛନ୍ତି । ୨୦୧୯ ଜୁନ ୧୧ରେ ତାଙ୍କୁ ମୋଦି ପୁନଃ ନିଯୁକ୍ତି ଦେଇଛନ୍ତି । କ୍ୟାବିନେଟର ଆପଏଣ୍ଟମେଣ୍ଟ କମିଟି ତାଙ୍କ ପୁନଃ ନିଯୁକ୍ତିକୁ ମୋହର ମାରିବା ପରେ ୩୧ମେ ୨୦୧୯ରୁ ତାହା ଲାଗୁ ହୋଇଛି । ସମ୍ବଲପୁର ୟୁନିଭର୍ସିଟିରେ ୧୯୭୦ରେ ପଢ଼ା ଶେଷ କରି ୟୁନିଭର୍ସିଟି ଅଫ ସସେକ୍ସ ଏବଂ ଦିଲ୍ଲୀ ସ୍କୁଲ ଅଫ ଇକୋନୋମିକ୍ସରେ ପଢ଼ା ସାରିଥିଲେ । ବହି ପଢ଼ିବାକୁ ତାଙ୍କୁ ଭଲ ଲାଗେ ।

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାସ : ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ୨୫ତମ ଗଭର୍ଣ୍ଣର ଭାବେ ଓଡ଼ିଆ ପୁଅ ଶକ୍ତିକାନ୍ତ ଦାସ ଦାୟିତ୍ୱ ତୁଲାଉଛନ୍ତି । ଏହା ପୂର୍ବରୁ ସେ ପଞ୍ଚଦଶ ଫାଇନାନ୍ସ କମିଶନର ସଦସ୍ୟ ଥିଲେ । ସେ ହେଉଛନ୍ତି ୧୯୮୦ ବ୍ୟାଚର ତାମିଲନାଡୁ କ୍ୟାଡ଼ର ଆଇଏଏସ ଅଫିସର ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏବେ ଶିକ୍ଷା, ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଛି । ସେ ବର୍ତ୍ତମାନ ନୂଆଦିଲ୍ଲୀସ୍ଥିତ ୧୯ ତିନିମୂର୍ତ୍ତି ମାର୍ଗଠାରେ ତାଙ୍କ ସରକାରୀ କ୍ୱାର୍ଟର୍ସରେ ରହୁଛନ୍ତି । ଧର୍ମେନ୍ଦ୍ର ଏବେ ମଧ୍ୟପ୍ରଦେଶରୁ ରାଜ୍ୟ ସଭା ସଦସ୍ୟ ହୋଇଛନ୍ତି । ୨୦୨୧ ଜୁଲାଇ ୭ରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପରିବର୍ତ୍ତିତ ମନ୍ତ୍ରୀମଣ୍ଡଳରେ ଧର୍ମେନ୍ଦ୍ରଙ୍କୁ କ୍ୟାବିନେଟ ପାହ୍ୟା ମିଳିଛି । ୨୦୧୪ରେ ଦେଶରେ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାରରେ ଧର୍ମେନ୍ଦ୍ରଙ୍କୁ ପ୍ରଥମେ ରାଷ୍ଟ୍ରମନ୍ତ୍ରୀ ଭାବେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ପଦ ମିଳିଥିଲା । ଏହାପରେ ୨୦୧୭ରେ ତାଙ୍କୁ ଉକ୍ତ ମନ୍ତ୍ରଣାଳୟର କ୍ୟାବିନେଟ୍ ପାହ୍ୟାକୁ ପଦୋନ୍ନତି ମିଳିଥିଲା । ଧର୍ମେନ୍ଦ୍ର ୧୯୬୯ ଜୁନ ୨୬ରେ ଅନୁଗୁଳ ଜିଲ୍ଲା ତାଳଚେର ନିକଟ ଧରମପୁର ଠାରେ ଜନ୍ମ ଗ୍ରହଣ କରିଥିଲେ । ଧର୍ମେନ୍ଦ୍ର ହେଉଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ ଏବଂ ବାସନ୍ତୀ ମଞ୍ଜରୀ ପ୍ରଧାନଙ୍କ ପୁଅ । ସେ ତାଙ୍କ ରାଜନୈତିକ ଜୀବନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ରୁ ୧୯୮୩ରୁ ଆରମ୍ଭ କରିଥିଲେ । ୧୯୯୫ରେ ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ହୋଇଥିଲେ । ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ସେ ପାଲଲହଡ଼ା ବିଧାନସଭା କ୍ଷେତ୍ରରୁ ବିଧାୟକ ଭାବେ ନିର୍ବାଚିତ ହେଲେ । ୨୦୦୪ରୁ ୨୦୦୬ ପର୍ଯ୍ୟନ୍ତ ସେ ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ । ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସେ ଦେବଗଡ଼ ଲୋକସଭା ଆସନରୁ ଏମପି ଭାବେ ନିର୍ବାଚିତ ହୋଇଥିଲେ । ୨୦୦୭ରୁ ଇତିମଧ୍ୟରେ ଛତିଶଗଡ଼, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ବିହାର, କର୍ଣ୍ଣାଟକର ପ୍ରଭାରୀ ଓ ସହ ପ୍ରଭାବୀଭାବେ ଦଳୀୟ ସଂଗଠନ କାର୍ଯ୍ୟ କରିଥିଲେ । ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ସେ ବିହାରରୁ ରାଜ୍ୟସଭା ସଦସ୍ୟଭାବେ ନିର୍ବାଚିତ ହୋଇଥିଲେ । ମୋଦି ସରକାରର ପାୱାର ଗୋଷ୍ଠୀ ମଧ୍ୟରେ ସେ ଅନ୍ୟତମ ।

ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ : ଓଡ଼ିଶା ବିଜେପିର ଅନ୍ୟତମ ବର୍ଷିଆନ ଓ ଭେଟରାନ ଅଭିଜ୍ଞ ନେତା ବିଶ୍ୱଭୂଷଣ ହରିଚନ୍ଦନ ଏବେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳଭାବେ କାର୍ଯ୍ୟରତ । ଓଡ଼ିଶାରେ ବିଜେପିକୁ ସଂଗଠିତ କରିବା, ସଶକ୍ତ କରିବା ସହ ଓଡ଼ିଶାରେ ବିଜେଡ଼ି-ବିଜେପି ମେଣ୍ଟ ଚକ୍ରରେ ସେ କ୍ୟାବିନେଟ ମନ୍ତ୍ରୀଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଓଡ଼ିଶା ରାଜନୀତିରେ ସାଲିସବିହୀନ ନେତୃତ୍ୱ ଦୀର୍ଘ ରାଜନୈତିକ ଅଭିଜ୍ଞତାର ସମସ୍ତ ଶ୍ରେୟ ବିଶ୍ୱଭୂଷଣ ବାବୁଙ୍କୁ ଦିଆଯାଇଥାଏ । ଓଡ଼ିଶାରେ ଆଜି ବିଜେପି ଯେଉଁପରି ସଶକ୍ତ ଭାବେ ପହଞ୍ଚିଛି ଏ କ୍ଷେତ୍ରରେ ବିଶ୍ୱଭୂଷଣ ବାବୁଙ୍କ ଅବଦାନ ମଧ୍ୟ ଅବିସ୍ମରଣୀୟ । କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଦାୟିତ୍ୱ ନେବା ପରେ ତାଙ୍କୁ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଦାୟିତ୍ୱ ଦିଆଯାଇଛି ।

ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ଗିରୀଶ ଚନ୍ଦ୍ର ମୁର୍ମୁ : ମୋଦି ସରକାର ଅଗଷ୍ଟ ୨୦୨୦ରେ ଗିରୀଶ ଚନ୍ଦ୍ର ମୁର୍ମୁ ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ନିଯୁକ୍ତ କରିଥିଲେ । ଜାମ୍ମୁ-କାଶ୍ମୀର ଉପରାଜ୍ୟପାଳ ଥିବା ଗିରିଶ ଚନ୍ଦ୍ର ମୁର୍ମୁ ସେହି ପଦରୁ ଇସ୍ତଫା ଦେବା ପରେ ତାଙ୍କୁ ଦେଶର ସିଏଜି ଭାବେ ନିଯୁକ୍ତି ମିଳିଥିଲା । ସିଏଜି ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ସ୍ଥାନ ପାଇବାରେ ମୁର୍ମୁ ହେଉଛନ୍ତି ପ୍ରଥମ ଓଡ଼ିଆ । ଏହାପରେ ୨୦୧୯ ଅକ୍ଟୋବର ୩୧ରେ ସେ ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ । ୨୦୨୦ ଅଗଷ୍ଟ ୬ ପର୍ଯ୍ୟନ୍ତ ସେ ଉପରାଜ୍ୟପାଳ ପଦରେ ରହିଥିଲେ । ସ୍ମିତା ଶୁକ୍ଳା ମୁର୍ମୁ ହେଉଛନ୍ତି ତାଙ୍କ ସ୍ତ୍ରୀ । ତାଙ୍କର ଗୋଟିଏ ଝିଅ ରୁଚିକା ମୁର୍ମୁ ଏବଂ ପୁଅ ରୁହାନ ମୁର୍ମୁ ଅଛନ୍ତି । ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ମହାନିର୍ଦ୍ଦେଶକ ସତ୍ୟନାରାୟଣ ପ୍ରଧାନ : ୧୯୮୮ ବ୍ୟାଚ ଝାଡ଼ଖଣ୍ଡ ଆଇପିଏସ ଅଫିସର ତଥା ଓଡ଼ିଆ ପୁଅ ସତ୍ୟ ନାରାୟଣ ପ୍ରଧାନ ଏବେ ମୋଦି ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ମୁଖ୍ୟଭାବେ ଦାୟିତ୍ୱ ତୁଲାଉଛନ୍ତି । ୨୦୨୪ ଅଗଷ୍ଟ ୩୧ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ । ୨୦୧୯ରେ ସେ ଏନଡିଆରଏଫ ଡିଜି ଭାବେ ଦାୟିତ୍ୱ ପାଇଥିଲେ ।

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ : ଓଡ଼ିଶାରେ ତିନି ରାଜ୍ୟ ସଭା ଆସନ ପାଇଁ ୨୦୧୯ ଜୁନରେ ହୋଇଥିବା ନିର୍ବାଚନରେ ଭାଜପାକୁ ଗୋଟିଏ ଆସନ ଛାଡ଼ି ଦେଇଥିଲା ବିଜେଡ଼ି । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିବା ଅଶ୍ୱିନୀ ବୈଷ୍ଣବଙ୍କୁ ଭାଜପା ଏହି ଆସନରୁ ରାଜ୍ୟ ସଭା ପଠାଇଥିଲା । ବିଜେଡ଼ି ଏବଂ ଭାଜପା ସମର୍ଥନରେ ଅଶ୍ୱିନୀ ରାଜ୍ୟ ସଭା ଯିବା ପରେ ୨୦୨୧ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ତ୍ରୀମଣ୍ଡଳ ଅଦଳବଦଳରେ ତାଙ୍କୁ ସ୍ଥାନ ଦେଇଥିଲେ । ମୋଦି ସରକାରରେ ସେବେଠାରୁ ଅଶ୍ୱିନୀଙ୍କୁ ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ଇନ୍‌ଫର୍ମେସନ ଟେକ୍ନୋଲୋଜି ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର କ୍ୟାବିନେଟ ମନ୍ତ୍ରୀ ଦାୟିତ୍ୱ ମିଳିଛି । ୨୦୦୪ ପର୍ଯ୍ୟନ୍ତ ସେ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିଲେ । ୨୦୦୬ରେ ସେ ମାର୍ମାଗୋଆ ପୋର୍ଟ ଟ୍ରଷ୍ଟର ଡେପୁଟି ଚେୟାରମ୍ୟାନଭାବେ ଦୁଇ ବର୍ଷ କାମ କରିଥିଲେ । ତାଙ୍କୁ ପାଠପଢ଼ା ଋଣ ମିଳିବା ପରେ ସେ ଏମବିଏ ପଢ଼ିବାକୁ ୟୁଏସଏ ଯାଇ ଫେରିବା ପରେ ୨୦୧୦ରୁ ସେ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ । ଏହାପରେ ୨୦୧୯ରେ ମୋଦି ସରକାରଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସେ ସାହାଯ୍ୟ କରିଥିଲେ ।

ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ : ୨୦୧୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ଭାଜପାର ଆଠଜଣ ଏମପି ବିଜୟୀ ହୋଇଥିଲେ । ସେଥିରେ ମୟୂରଭଞ୍ଜ ଲୋକ ସଭା ଆସନରୁ ବିଶ୍ୱେଶ୍ୱର ଟୁଡୁ ମଧ୍ୟ ନିର୍ବାଚିତ ହୋଇଥିଲେ । ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଦ୍ୱିତୀୟ ଥରରେ ଜୁଲାଇ ୨୦୨୧ରେ ହୋଇଥିବା ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣରେ ବିଶ୍ୱେଶ୍ୱର ଟୁଡୁଙ୍କୁ ସାମିଲ କରାଯାଇଥିଲା । ତାଙ୍କୁ ଆଦିବାସୀ ବ୍ୟାପାର ଏବଂ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଥିଲା । ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର : ୨୦୧୯ ଜୁନ ୪ରେ ଭାରତୀୟ ପାଣିପାଗ ବିଭାଗର ମୁଖ୍ୟ ମହାନିର୍ଦ୍ଦେଶକ ଭାବେ ଓଡ଼ିଆ ପୁଅ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ପାଞ୍ଚ ବର୍ଷ ପାଇଁ ନିଯୁକ୍ତି ମିଳିଛି । ଏନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ପଦବୀ ତାଲିକାରେ ତାଙ୍କ ନାମ ଯୋଡ଼ି ହୋଇଯାଇଛି । କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଓଡ଼ିଶାକୁ ଯେଉଁପରି ଭାବେ ଗୁରୁତ୍ୱ ଦେଉଛନ୍ତି ଏହା ତାର ପ୍ରମାଣ । ଏଥିପର୍ଯ୍ୟନ୍ତ ଦିଲ୍ଲୀରେ ଥିବା କୌଣସି ଦଳର ସରକାର ଓଡ଼ିଶାକୁ ଏତେଟା ଗୁରୁତ୍ୱ ଦେଇନଥିଲେ । କଳିଙ୍ଗରେ ଧ୍ୱଂସ ଲୀଳା ରଚାଇ ଦୟାନଦୀର ପାଣିକୁ ଲାଲ କରିବା ପରେ ଧର୍ମାଶୋକ କହିଥିଲେ ଯେ 'ତରବାରୀ ଜୟ ପ୍ରକୃତ ଜୟ ନୁହେଁ, ହୃଦୟର ଜୟ ହିଁ ପ୍ରକୃତ ଜୟ' । ଓଡ଼ିଶାର ପ୍ରତିଭାମାନଙ୍କୁ ଯଥୋଚିତ ସମ୍ମାନ ଓ ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁଙ୍କୁ ନିର୍ବାଚନ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାବାସୀଙ୍କ ହୃଦୟ ଜିଣିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

# ପ୍ରାଣୀ ସୁରକ୍ଷା

**ଅକ୍ଷୟ କୁମାର ରାଉତ**

ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ , ପିଆଶାଳ, ଅଶିନ, ଆମ୍ର, ପଣସ ଆଦି ବୃକ୍ଷ ପରିପୂର୍ଣ୍ଣ ଘଞ୍ଚ ଜଙ୍ଗଲ । ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ । ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ପର୍ଶୀ ହୋଇଥାଏ । ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ । ଏହି ବିଚିତ୍ର ବର୍ଣ୍ଣ ବନଭୂମିରେ ବନ୍ୟ ପଶୁ ପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ । ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟିହୁଏ ଶ୍ରୁତିମଧୁର ଓ ଭୀତଚକିତ ପରିବେଶ । ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ, ଗଧିଆ, ସରିସୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ । ଚିଡିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁ ପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ । କିନ୍ତୁ ଶିକାରୀମାନଙ୍କର ଅହେତୁକ ଶିକାର ପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିରୁ ବହୁବିଧ ବନ୍ୟଜନ୍ତୁ ସବଂଶରେ ଲୁପ୍ତ ଓ ନିଶ୍ଚିହ୍ନ ହେବାକୁ ବସିଲେଣି । ବୃକ୍ଷଲତା, ଗୁଳ୍ମଆଦି,ପଶୁପକ୍ଷୀ, ଜୀବଜନ୍ତୁମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ । ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ । ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟକୁ ବାଟ ଦେଖାଇଥାଆନ୍ତି । ଶିକାରୀମାନଙ୍କର ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେ ଠାରୁ ସତର୍କ ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ ।

ବନ୍ୟ ପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହେଉଅଛି । ବନ୍ୟଜନ୍ତୁ ସଂରକ୍ଷଣ ନିମିତ୍ତ ଭାରତ ବର୍ଷରେ ୧୦୪ ଟି ଜାତୀୟ ଉଦ୍ୟାନ ତା'ର ଆୟତନ ୪୩.୭୧୬ ଲକ୍ଷ୍ମ୨ ଓ ୫୬୬ ଟି ଅଭୟାରଣ୍ୟ ଯାହାର କ୍ଷେତ୍ରଫଳ ୧୨୨୪୨୦ ଲକ୍ଷ୍ମ୨ ଅଟେ । ସମୟ କ୍ରମେ ଏସବୁର ବୃଦ୍ଧି ଘଟୁଛି । ଓଡ଼ିଶାର ୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ । ଓଡ଼ିଶାରେ ୧୯ ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି । ଆମ ଭାରତ ବର୍ଷରେ ୫୨ ଟି ବ୍ୟାଘ୍ର ସଂରକ୍ଷଣ ଏବଂ ୩୨ ଟି ହାତୀ ସଂରକ୍ଷନ ରହିଅଛି । ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିଲାବେଳେ ହାତୀମାନଙ୍କ ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି । ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୂରଭଞ୍ଜ(ରଜ), ମହାନଦୀ (ରଜ) ସମ୍ବଲପୁର (ରଜ) ଓ ଚନ୍ଦକା ହାତୀ ଅଭ୍ୟାରଣ୍ୟ ରହିଛି ।

କେନ୍ଦ୍ର ସରକାର ବନ୍ୟଜନ୍ତୁମାନଙ୍କ ସୁରକ୍ଷା ପାଇଁ The Indian Board For Wildlifର ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି । ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ । ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟ ଜନ୍ତୁ ସପ୍ତାହ ପାଳନ କରାଯାଏ । ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସରଂକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି । ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭ୍ୟାରଣ୍ୟ, ଗୁଜୁରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଳଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟ ବର୍ତ୍ତୀ କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁର ଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗ ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଜି ଅଭୟାରଣ୍ୟ, ମାନ୍ଦ୍ରାଜର ମୃଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଦାନ୍ତ ପଶୁପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ ।

ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି । ସେ ଗୁଡିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗୟଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ, କୁମ୍ଭୀର , ମୟୂର, ଶୁଆଶାରୀ, ଚିଲ, ଛଞ୍ଚାଣ, ପେଚା, କୋଚିଲାଖାଇ ଆଦି ଦେଖାଯାଆନ୍ତି । ପଶ୍ଚିମ ବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି । ହିମାଳୟ ପାଦ ଦେଶାଞ୍ଚଳ, ଓଡ଼ିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି । ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସକରନ୍ତି । ଭାରତୀୟ ଗଣ୍ଡା ଅନ୍ୟଦେଶର ଗଣ୍ଡାଙ୍କ ଠାରୁ ବଡ଼ ହୋଇଥାଆନ୍ତି । ହିମାଳୟ ପାର୍ବତ୍ୟାଞ୍ଚଳ(ଆସାମ ନେପାଳ ସୀମା)ରେ ଚମରୀ ଗାଈ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ । ମଧ୍ୟ ପ୍ରଦେଶ, ଓଡ଼ିଶା, ଉତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି । ଓଡ଼ିଶାର ସରୀସୃପମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଘଡ଼ିଆଳ କୁମ୍ଭୀର ଓ ଗୋଧି ଆଦି ପ୍ରଧାନ । ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି ।

ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡିଛି । ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲଡ୍ ଆକ୍ସନ ପ୍ଲାନ୍' ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି । ସରକାରଙ୍କ କଠୋର ଆଇନ ଗତ ପଦକ୍ଷେପ ବନ କର୍ମଚାରୀମାନଙ୍କର ସାଧୁତା ଓ ନିଷ୍ଠାପର କର୍ତ୍ତବ୍ୟ ପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇ ପାରିବ ।

"ମିଳିମିଶି କଲେ ପ୍ରାଣୀ ସୁରକ୍ଷା
ମନୁଷ୍ୟ ସମାଜ ହୋଇବ ରକ୍ଷା" ।



# ସେବନ କରନ୍ତୁ ଏକ ମୁଠା ଚଣା



ଗୁଡ ଓ ଚଣା ଉଭୟ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ । ଏହା ସ୍ୱାସ୍ଥ୍ୟ ପାଇଁ ବରଦାନ । ବିଶେଷ କରି ଶୀତଦିନେ ଗୁଡର ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ? ଉପକାରୀ । ମାତ୍ର ଗୁଡ ସହ ଚଣା ମିଶାଇ ଖାଇବା ଦ୍ୱାରା ଏହାର ଉପକାରୀ ଗୁଣ ଦ୍ୱିଗୁଣିତ ହୋଇଯାଏ । ଏଥିରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ , ଫାଇବର ଓ କ୍ୟାଲସିୟମ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି । ଯାହା ସ୍ୱାସ୍ଥ୍ୟ ପାଇଁ ଅନେକ ଉପକାର କରିଥାଏ । ଗୁଡ ଓ ଚଣାର ସେବନ ମଧୁମେହ ରୋଗୀଙ୍କ ପାଇଁ ଖୁବ ଉପକାରୀ । ଏହା ରକ୍ତରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ କରିଥାଏ । ଗର୍ଭବତୀ ମହିଳାମାନେ ଏହାର ସେବନ କରିବା ଦ୍ୱାରା ଅନେକ ଲାଭ ମିଳିଥାଏ । ଏଥିରେ ଆଇରନ ଭରପୁର ମାତ୍ରାରେ ଥିବାରୁ ରକ୍ତର ଅଭାବକୁ ଦୂର କରିଥାଏ । ଚଣାରେ କ୍ଷୀର ଓ ଦହି ଭଳି କ୍ୟାଲସିୟମ ରହିଛି । ଏହା ହାଡକୁ ମଜଭୂତ କରିଥାଏ । ଚଣା ଖାଇବା ଦ୍ୱାରା ହଜମ କ୍ରିୟା ସୁସ୍ଥ ରହିବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ ମଜଭୂତ ହୋଇଥାଏ । ଏହା ଶରୀରକୁ ସୁସ୍ଥ ରଖିଥାଏ । ଗୁଡ ସହ ଚଣାର ସେବନ କରିବା ଦ୍ୱାରା ମସ୍ତିଷ୍କ ସୁସ୍ଥ ଓ ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ । ଖାଦ୍ୟ ମଧ ଭଲ ଭାବେ ହଜମ ହୋଇଥାଏ । ଫାଇବରରେ ଭରପୁର ଚଣାର ସେବନ କରିବା ଦ୍ୱାରା ପେଟ ଅଧିକ ସମୟ ଯାଏଁ ଭର୍ତ୍ତି ହେବା ଭଳି ରହିଥାଏ । ବାରମ୍ବାର ଭୋକ ଲାଗିନଥାଏ । ଫଳରେ ଓଜନ ହ୍ରାସ ସହଜରେ ହୋଇଥାଏ । ଦୁର୍ବଳତା କାରଣରୁ ଅନେକ ସମୟରେ ମହିଳାଙ୍କ ଅଣ୍ଟାରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଏଥିରୁ ମୁକ୍ତି ପାଇବା ପାଇଁ ନିୟମିତ ଏକ ମୁଠା ଚଣା ଓ ଅଳ୍ପ ପରିମାଣରେ ଗୁଡର ସେବନ କରନ୍ତୁ ।



# ଅଧିକ ଲୁଣ ଥିବା ଖାଦ୍ୟର ମାରାତ୍ମକ



ବର୍ତ୍ତମାନ କର୍ମବ୍ୟସ୍ତତା ହେଉ ଅଥବା ପରିବର୍ତ୍ତନଶୀଳ ଜୀବନଶୈଳୀ କାରଣରୁ ଅଧିକାଂଶ ମାନସିକ ଦୁଶ୍ଚିନ୍ତାରେ ରହିଥାଆନ୍ତି । ନିଜର ଖାଦ୍ୟପେୟ ଓ କାର୍ଯ୍ୟକଳାପ ମସ୍ତିଷ୍କ ଉପରେ ଅନେକ ପ୍ରଭାବ ପକାଇଥାଏ । ତେବେ ବିଶେଷ କରି କାମର ଅଧିକ ପ୍ରଭାବ, ପାରିବାରିକ ସମସ୍ୟା ଓ ଦାୟିତ୍ୱ କାରଣରୁ ସଭିଏଁ ଚିନ୍ତାଗ୍ରସ୍ତ ରଖିଥାଆନ୍ତି । ମାତ୍ର ବର୍ତ୍ତମାନ ଏକ ଅଧ୍ୟୟନ ଅନୁଯାୟୀ ବିଶେଷଜ୍ଞଙ୍କ ମତରେ ସଠିକ ଭାବେ ଖାଦ୍ୟପେୟ ସେବନ ନକରିବା ଦ୍ୱାରା ଏହାସହ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ନଦେବା ଦ୍ୱାରା ଏହା ମସ୍ତିଷ୍କ ଉପରେ ଅନେକ ପ୍ରଭାବ ପକାଇଥାଏ । ଦୁଶ୍ଚିନ୍ତା ବଢାଇଥାଏ । ଅଧ୍ୟୟନ ଅନୁଯାୟୀ, ନିଜ ଖାଦ୍ୟରେ ଅଧିକ ଲୁଣ ସେବନ କରୁଥିଲେ, ଅଧିକ ଲୁଣ ବ୍ୟବହାର ହେଉଥିବା ଖାଦ୍ୟ ଖାଇଲେ ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇଥାଏ । ଅନେକ ଲୋକେ ଭୋଜନରେ ଅଧିକ ଲୁଣ ଖାଇବାକୁ ପସନ୍ଦ କରିଥାଆନ୍ତି । ତାଙ୍କର ଏହି ଅଭ୍ୟାସ ପାଇଁ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ସୃଷ୍ଟି ହେବା ସହ ଅନେକ ଗମ୍ଭୀର ରୋଗର କାରଣ ପାଲଟିଥାଏ । ବିଶେଷ କରି ଉଚ୍ଚ ରକ୍ତଚାପ, କୋଲେଷ୍ଟେରୋଲ ରୋଗୀଙ୍କୁ କମ୍ ଲୁଣ ଖାଇବାକୁ ପରାମର୍ଶ ଦିଆଯାଇଥାଏ । ବିଶେଷଜ୍ଞଙ୍କ ମତାନୁଯାୟୀ, ଅଧିକ ଲୁଣ ସେବନ କରିବା ଦ୍ୱାରା ମସ୍ତିଷ୍କ ଉପରେ କୁପ୍ରଭାବ ପଡିଥାଏ । ମସ୍ତିଷ୍କ ଉପରେ ପ୍ରାୟ ୭୫% ଯାଏଁ ପ୍ରଭାବ ପକାଇଥାଏ । ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ କ୍ଷତିକାରକ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ, ଉତ୍ତମ ସ୍ୱାସ୍ଥ୍ୟ ଅନୁଯାୟୀ, ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ଗୋଟିଏ ଦିନରେ ପ୍ରାୟ ୬ ଗ୍ରାମ ଲୁଣ ସେବନ କରିବା ଆବଶ୍ୟକ । ମାତ୍ର ଅଧିକାଂଶ ଲୋକେ ଦିନ ମଧ୍ୟରେ ପ୍ରାୟ ୯ ଗ୍ରାମ ଲୁଣର ବ୍ୟବହାର କରିଥାଆନ୍ତି । ଅଧିକ ଲୁଣର ସେବନ ହୃଦରୋଗ, ହୃଦ ଜନିତ ସମସ୍ୟା,ଷ୍ଟ୍ରୋକ୍‌ର ସମ୍ଭାବନା ଅଧିକ ସୃଷ୍ଟି ହୋଇଥାଏ । ଅଧିକ ଲୁଣର ସେବନ ଦ୍ୱାରା ବ୍ୟବହାରରେ ପରିବର୍ତ୍ତନ ସହ ଚିଡଚିଡାପଣ ବୃଦ୍ଧି ପାଇଥାଏ ।ଏହାସହ ଅନ୍ୟାନ୍ୟ ଶାରୀରିକ ସମସ୍ୟା ସୃଷ୍ଟି କରିଥାଏ ।

# ମନିପ୍ଲାଣ୍ଟ ଗଛ କରିଦେଇପାରେ କାଙ୍ଗାଳ



ଯେଉଁ ଘରେ ମନି ପ୍ଲାଣ୍ଟ ଲଗାଯାଇଥାଏ, ସେହି ଘରେ ଅର୍ଥର ଅଭାବ ରୁହେନି । ଏହି ଗଛକୁ ଘରେ ଲଗାଇବା ଦ୍ୱାରା ପାରିବାରିକ ଜୀବନ ସୁଖ ଏବଂ ସମୃଦ୍ଧିରେ ଭରିଯାଏ ବୋଲି ବିଶ୍ୱାସ ରହିଛି । କିନ୍ତୁ ଏହି ଗଛ ଠିକ୍ ଫଳ ସେତେବେଳେ ଦେଇଥାଏ ଯେତେବେଳେ ଏହାକୁ ବାସ୍ତୁଶାସ୍ତ୍ର ଅନୁଯାୟୀ ଘରେ ଲଗାଯାଇଥାଏ । ନଚେତ ଏହା ଆପଣଙ୍କୁ ଧନୀ ପରିବର୍ତ୍ତେ ଗରିବ କରିବାର ବି ଆଶଙ୍କା ରହିଛି । ଘରେ ଯେପରି କେବେ ଟଙ୍କାର ଅଭାବ ପରିଲକ୍ଷିତ ନ ହେବ, ସେହି ଆଶାରେ ଲୋକେ ଘରେ ମନିପ୍ଲାଣ୍ଟ ଲଗାଇଥାନ୍ତି । କିନ୍ତୁ ଯଦି ଏହି ଗଛ ଲଗାଇବା ଦ୍ୱାରା ଆପଣଙ୍କ ଘରେ ଉନ୍ନତି ନୁହେଁ ଅବନତି ପରିଲକ୍ଷିତ ନୁହେଁ, ସବୁବେଳେ ଧନସମ୍ପତ୍ତିରେ ଭରପୂର ରହୁଥିବା ଘରେ ଟଙ୍କାର ଅଭାବ ଅନୁଭୂତ ହୁଏ, ତେବେ ଆପଣ ଜାଣି ରଖନ୍ତୁ ଆପଣ ମନିପ୍ଲାଣ୍ଟ ଲଗାଇବାରେ ଠିକ୍ ? ଭାବେ ବାସ୍ତୁଶାସ୍ତ୍ରକୁ ପାଳନ କରି ନାହାନ୍ତି । ତେଣୁ ଜାଣି ରଖନ୍ତୁ, କିପରି ଏହି ଗଛ ଲଗାଇବେ ଯାହାକୁ ଆପଣଙ୍କ ଆଶା ମୁତାବକ ଫଳ ଦେବ । ୧- ଘରର ସୁଖ ଏବଂ ସମୃଦ୍ଧି ବଜାୟ ରହୁ ବୋଲି ଚାହୁଁଥିଲେ ଘରର ଉତ୍ତର-ପୂର୍ବ ଦିଗରେ କଦାପି ଏହି ଗଛ ଲଗାନ୍ତୁ ନାହିଁ । କୁହାଯାଏ ଯଦି ଆପଣ ଏହି ଦିଗରେ ଏକ ମନି ପ୍ଲାଣ୍ଟ ଲଗାନ୍ତି ତେବେ ଆପଣ ଋଣଗ୍ରସ୍ତ ହେବେ ।

# ଚାଣକ୍ୟ ନୀତି



ଚାଣକ୍ୟଙ୍କ ଅନୁଯାୟୀ, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ହେଉଛି ଦୁନିଆର ସବୁଠାରୁ ଶକ୍ତିଶାଳୀ ସମ୍ପର୍କ । ଏହି ସମ୍ପର୍କରେ ଏହି ଜିନିଷଗୁଡ଼ିକୁ କେବେବି ଅନୁମତି ଦିଆଯିବା ଉଚିତ୍ ନୁହେଁ । ଚାଣକ୍ୟ ନିତୀରେ ଆଚାର୍ଯ୍ୟ ଚାଣତ୍ୟ ମଧ ଏକ ସୁଖୀ ଦାମ୍ପତ୍ୟ ଜୀବନ ବିଷୟରେ ଆଲୋଚନା କରିଛନ୍ତି । ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କକୁ କିପରି ମଜବୁତ କରାଯିବ ଓ କେଉଁ ଜିନିଷଗୁଡ଼ିକର ଯତ୍ନ ନିଆଯିବା ଉଚିତ୍ । ୧. ଚାଣକ୍ୟ ନୀତି ଅନୁଯାୟୀ, ଏହି ସମ୍ପର୍କରେ ସନ୍ଦେହକୁ ଅନୁମତି ଦେବା ଉଚିତ୍ ନୁହେଁ । ଏହି ସମ୍ପର୍କକୁ ଦୁର୍ବଳ କରିବାରେ ସନ୍ଦେହ ସବୁଠାରୁ ବିଶେଷ ଭୂମିକା ଗ୍ରହଣ କରିଥାଏ । ଏହା ଭୁଲ ବୁଝାମଣାର କାରଣ ହୋଇଥାଏ ଓ ପରେ ଏହି ସନ୍ଦେହ ଜୀବନରେ ବିଷ ଭରି ଦେଇଥାଏ । କୁହାଯାଏ ଯେ ଥରେ ସନ୍ଦେହ ପ୍ରବେଶ କଲେ ଏହା ସହଜରେ ଦୂର ହୁଏ ନାହିଁ । ସମ୍ପର୍କରେ ପରିପକ୍ୱତା ରହିବା ଉଚିତ୍ । ୨. ଚାଣକ୍ୟ ନିତୀରେ କୁହାଯାଇଛି ଯେ ଇଗୋ ବିବାହିତ ଜୀବନରେ ବିଷକୁ ତରଳାଇବା ପାଇଁ କାମ କରେ । ଏହା ସମ୍ପର୍କକୁ ନଷ୍ଟ କରିଥାଏ । ଏଥିରୁ ଦୂରରେ ରହିବାକୁ ଚେଷ୍ଟା କରନ୍ତୁ । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଇଗୋ ପାଇଁ କୌଣସି ସ୍ଥାନ ରହିବା ଉଚିତ୍ ନୁହେଁ । ୩. ଆଚାର୍ଯ୍ୟ ଚାଣକ୍ୟଙ୍କ ଅନୁଯାୟୀ, ଯଦି ଦାମ୍ପତ୍ୟ ଜୀବନକୁ ସୁଖମୟ କରାଯାଏ, ତେବେ ଏଥିରେ ମିଥ୍ୟା ରହିବାର ସ୍ଥାନ ରହିବା ଉଚିତ୍ ନୁହେଁ । ମିଥ୍ୟା ସ୍ୱାମୀ ଓ ସ୍ତ୍ରୀଙ୍କ ସମ୍ପର୍କକୁ ଦୁର୍ବଳ କରିବାକୁ ଚେଷ୍ଟା କରେ । ତେଣୁ ଆପଣ ଏଥିରୁ ଦୂରରେ ରହିବା ଉଚିତ୍ ।

# ଘରେ ବାସ୍ତୁଦୋଷ ଅଛି କି ?



ଘରେ ବାସ୍ତୁଦୋଷ ଅଛି ବୋଲି ଜାଣିବେ କିପରି ? ଘରେ ବାସ୍ତୁ ଦୋଷ ରହିଲେ ବିଭିନ୍ନ ସମସ୍ୟା ଉପୁଜେ । ଅନେକ ସମୟରେ ଆମେ ସେହି ସବୁ ସମସ୍ୟା ଘରର ବାସ୍ତୁଦୋଷ ହେତୁ ଘଟୁଛି ବୋଲି ଜାଣିପାରୁନାହିଁ । ସେଥିପାଇଁ ଯେତେ ଯାହା କଲେ ବି ସେଗୁଡ଼ିକର ସମାଧାନ ହୋଇପାରେ ନାହିଁ । ତା'ହେଲେ ଘରେ ବାସ୍ତୁଦୋଷ ଅଛି ବୋଲି କେମିତି ଜାଣିବେ ? ଏନେଇ ଜଣାଶୁଣା ବାସ୍ତବିଦ୍ ଡକ୍ଟର ମନୋଜ ଲେଙ୍କା କିଛି ଟିପ୍ସ ଦେଇଛନ୍ତି । ସେଗୁଡ଼ିକ ସଂପର୍କରେ ଜାଣି ନିଅନ୍ତୁ । ବିନା କାରଣରେ ଘରେ ଛୋଟ ପିଲା ବାରମ୍ବାର କାନ୍ଦିବା ଘରର ଛାତ ଦୁମ୍ ଦୁମ୍ ହେବା , ରାତିରେ ଘରେ ଭୟ ଲାଗିବା, ଘରେ ଜିନିଷ ଆପେ ଆପେ ପଡ଼ିବା ଓ ଭାଙ୍ଗିଯିବା କାରଣ ନଥାଇ ମାନସିକ ଅଶାନ୍ତି ଦେଖାଦେବା, ଘରେ କଳହ ଲାଗି ରହିବା, ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା, ପିଲାମାନେ ଅବାଧ ହେବା, ବାରମ୍ବାର ଦୁର୍ଘଟଣାର ଶିକାର ହେବା, ଆର୍ଥିକ ସ୍ଥିତି ଖରାପ ହେବା, କ୍ୟାରିୟରରେ ସମସ୍ୟା ଦେଖାଦେବା, କେସ୍ ? କଚେରି ମାମଲାରେ ଜଡ଼ିତ ରହିବା, ବିବାହରେ ବିଳମ୍ବ ହେବା, ଘରେ କୌଣସି ଶୁଭ କାମ ନ ହେବା

# ଶୋଇବା ପୂର୍ବରୁ ଖାଆନ୍ତୁ ନାହିଁ ଏହି ଜିନିଷ



ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ଲୋକମାନେ ଶୋଇବାକୁ ସମୟ ପାଉନାହାନ୍ତି । ଦିନଯାକର କାମ ସାରି ଖଟକୁ ଯାଉ ଯାଉ ରାତି ୧୨ଟା ବାଜୁଛି । ପ୍ରାୟ ୯୦ ପ୍ରତିଶତ ଲୋକ ରାତିରେ ୧୨ଟା ପରେ ଶୋଇବାକୁ ଯାଇଥାନ୍ତି । ମାତ୍ର ଡାକ୍ତରଙ୍କ କହିବାନୁସାରେ ରାତିରେ ଡେରିରେ ଶୋଉଥିବା ଲୋକଙ୍କ ସ୍ୱାସ୍ଥ୍ୟରେ ...ବନତି ଘଟିଥାଏ । ଏମାନେ ଶୀଘ୍ର ରୋଗାଗ୍ରସ୍ତ ... କେବଳ ଏତିକି ନୁହେଁ ଡେରିରେ ଶୋଉଥିବା ଲୋକଙ୍କ ...କ୍ତଚାପ, ମୋଟାପଣ, ଆଳସ୍ୟ, ବଦହଜମି ଆଦି ସମସ୍ୟା ...ଦେଖାଯାଏ । ଏଣୁ ଲୋକଙ୍କୁ ଶୀଘ୍ର ଶୋଇ ଶୀଘ୍ର ଉଠିବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି । କିଛି ଲୋକଙ୍କୁ ଅନେକ କାରଣ ବଶତଃ ଶୀଘ୍ର ନିଦ ମଧ ଆସେ ନାହିଁ । ରାତିରେ ଯଦି ଆପଣଙ୍କୁ ଭଲ ନିଦ ହେଉନି ତେବେ ସର୍ବପ୍ରଥମେ ଆପଣ ଶୋଇବା ପୂର୍ବରୁ ଗ୍ରହଣ କରୁଥିବା ଖାଦ୍ୟ ବଦଳାଇବା ଆବଶ୍ୟକ । କାରଣ ଗ୍ୟାସ୍ ସମସ୍ୟା ସୃଷ୍ଟି କରୁଥିବା ଖାଦ୍ୟ, ଅମ୍ଳୀୟ ଖାଦ୍ୟ, ମସଲାଯୁକ୍ତ ଖାଦ୍ୟ, ମିଠା ଖାଦ୍ୟ ନିଦ୍ରାକୁ ପ୍ରଭାବିତ କରିଥାଏ । ଶାନ୍ତି ନିଦ୍ରା ପାଇଁ ରାତ୍ରି ଭୋଜନ ଉପରେ ଧ୍ୟାନ ଦେବା ଜରୁରୀ । ଶୋଇବା ପୂର୍ବରୁ ଯଦି ଆପଣ ଭୁଲ ଖାଦ୍ୟ ଖାଆନ୍ତି ଏହା ଆପଣଙ୍କ ଆଖିରୁ ନିଦ ହଜାଇ ନେବା ସ୍ୱାଭାବିକ ।ଏବେ ଜାଣନ୍ତୁ ରାତିରେ ଶୋଇବା ପୂର୍ବରୁ କେଉଁ ଜିନିଷଠୁ ଦୂରେଇ ରହିବା ଜରୁରୀ । ଶୋଇବା ପୂର୍ବରୁ ଚା କିମ୍ବା କଫି ପିଅନ୍ତୁ ନାହିଁ : ଚା, କଫି ଓ ସୋଡାରେ କ୍ୟାଫିନ୍‌ଯୁକ୍ତ ଖାଦ୍ୟ ପଦାର୍ଥ ହୋଇଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଶୋଇବା ପୂର୍ବରୁ ପିଇବାକୁ ବାରଣ କରିଥାନ୍ତି ।

# ଟେନସନରେ ରହୁଥିଲେ



ନିଶ୍ୱାସ ନେବା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ଜନ୍ମରୁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଏହି କାର୍ଯ୍ୟ କ୍ରମାଗତ ଭାବରେ ଚାଲିଥାଏ । ଅନେକ ଥର ଆପଣ ନିଶ୍ଚୟ ଅନୁଭବ କରିଥିବେ ଯେ ଆପଣ ଏକ ଗଭୀର ନିଶ୍ୱାସ ନେବା ମାତ୍ରେ ରିଲାକ୍ସ ଲାଗେ । ଅଧିକାଂଶ ବିଶେଷଜ୍ଞ କୁହନ୍ତି ଯେ ଏହା କରିବା ମାନସିକ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ । ଏବେ ଜାଣନ୍ତୁ ଦୀର୍ଘ ନିଶ୍ୱାସ ନେବା ଦ୍ୱାରା କେଉଁ ସମସ୍ୟାରୁ ମୁକ୍ତି ମିଳିଥାଏ.. ମନ ଭଲ ରହିବ: ଶ୍ୱାସକ୍ରିୟା ମାଧ୍ୟମରେ, ଆମେ ଆମର ଚିନ୍ତାଧାରାକୁ ଆମ ମନରୁ ବାହାର କରିପାରିବା । ଯେତେବେଳେ ତୁମେ ତୁମର ନିଶ୍ୱାସ ସହିତ ସଂଯୋଗ କରିବାକୁ ସକ୍ଷମ, ତୁମେ ନିଜ ସହିତ ଏକ ଗଭୀର ସଂଯୋଗ ଅନୁଭବ କରିବା ଆରମ୍ଭ କର । ଏହା ଆତ୍ମ ପ୍ରେମ ପ୍ରକ୍ରିୟା ଆରମ୍ଭ କରେ । ଇମ୍ୟୁନିଟି ବୁଷ୍ଟ: ଡାଏଫ୍ରାଗମେଟିକ୍ ଶ୍ୱାସକ୍ରିୟା ଫୁସଫୁସକୁ ସମ୍ପ୍ରସାରଣ କରେ, ଅମ୍ଳଜାନ ଅବଶୋଷଣ କ୍ଷମତା ବଢାଏ, କର୍ଟିସୋଲ୍ ସ୍ତରକୁ ହ୍ରାସ କରେ, ରକ୍ତଚାପ ନିୟନ୍ତ୍ରଣ ରଖେ ।, ସ୍ୱୟଂଶାସିତ ସ୍ନାୟୁ ପ୍ରଣାଳୀରେ ଉନ୍ନତି ଆଣେ, ଯାହାଦ୍ୱାରା ଆମର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଅମ୍ଳଜାନ ଶକ୍ତି : ଶ୍ୱାସକ୍ରିୟା ରକ୍ତରେ ଅମ୍ଳଜାନ କ୍ଷମତାକୁ ଉନ୍ନତ କରିଥାଏ ଯାହାଦ୍ୱାରା ଶକ୍ତି ସ୍ତର ଏବଂ ଦୃଢତା ବଢିଥାଏ । ସଠିକ୍ ଶ୍ୱାସକ୍ରିୟା ଦ୍ୱାରା ରକ୍ତ ପ୍ରବାହ ବୃଦ୍ଧି ପାଇଥାଏ, ଯାହା ହଜମକାରୀ ଅଙ୍ଗକୁ ଭଲ କାମ କରିବାରେ ସାହାଯ୍ୟ କରିଥାଏ ଏବଂ ଏହା ମେଟାବୋଲିଜିମ୍ କୁ ତ୍ୱରାନ୍ୱିତ କରିଥାଏ । ଟେନସନରୁ ମୁକ୍ତି: ଯେତେବେଳେ ଟେନସନ ଥାଏ, ଆମେ ନିଶ୍ୱାସ ନେବାରେ ଟିକେ ସମସ୍ୟା ହୋଇଥାଏ । । ଏମିତିରେ ଟେନସନ ଅଧିକ ମଧ ବଢ଼େ । ତେଣୁ ଚିନ୍ତାରେ ଥିବା ସମୟରେ ଭାରି ନିଶ୍ୱାସ ନିଅନ୍ତୁ । ଏମିତିରେ ଆପଣଙ୍କୁ ଟିକେ ରିଲାକ୍ସ ମଧ ଲାଗିବ । ଦୁଶ୍ଚିନ୍ତା ଓ ଅବସାଦ: ନିଶ୍ୱାସ ପ୍ରଶ୍ୱାସ ମାନସିକ ସ୍ୱାସ୍ଥ୍ୟ ସମସ୍ତ ସୂଚନା କୁ ଦର୍ଶାଇଥାଏ। ଡିପ ବ୍ରେଥ ଦ୍ୱାରା ଆମ ମନ ଭଲ ରୁହେ । ଏବଂ କିଛି ନୂଆ କରିବାକୁ ଇଚ୍ଛା ହୁଏ । ଗଭୀର ନିଦ୍ରା: ଶ୍ୱାସକ୍ରିୟା ବ୍ୟାୟାମ ଆମକୁ ଅତ୍ୟଧିକ ଚିନ୍ତା କରିବାରୁ ରୋକିଥାଏ ଏବଂ ସତର୍କ ରହିବାକୁ ସାହାଯ୍ୟ କରିଥାଏ, ଯାହାଦ୍ୱାରା ଆପଣ ପରିସ୍ଥିତିରେ ନିଜକୁ କଣ୍ଟ୍ରୋଲ କରିପାରିବେ । । ଶ୍ୱାସକ୍ରିୟା ବ୍ୟାୟାମ ଆମ ପାରାସିମ୍ପାଥେଟିକ୍ ସ୍ନାୟୁ ପ୍ରଣାଳୀକୁ ସିଧାସଳଖ ପ୍ରଭାବିତ କରିଥାଏ ଏବଂ ଶରୀରକୁ ଶାନ୍ତ ହେବାକୁ ସଙ୍କେତ ଦେଇଥାଏ ।

# ଧ୍ୟାନ



ସୁସ୍ଥ ଶରୀର ପାଇଁ ବ୍ୟାୟାମ ଓ ଧ୍ୟାନ କରିବା ନିତାନ୍ତ ଆବଶ୍ୟକ । ସାରା ଦିନ ଭଲରେ ବିତିବା ପାଇଁ ସକାଳ ସମୟରେ ଧ୍ୟାନ କରିବା ଏକ ସ୍ୱାସ୍ଥ୍ୟକର ଉପାୟ । କିଛି ସମୟର ଧ୍ୟାନ ଦୁଶ୍ଚିନ୍ତା ସ୍ତରକୁ ସମ୍ପୂର୍ଣ୍ଣ ଭାବେ ହ୍ରାସ କରିଥାଏ । ଚିନ୍ତାକୁ ନିଜ ଠାରୁ ଦୂରେଇ ରଖିବା ପାଇଁ ସଠିକ ନିଷ୍ପତ୍ତି ନେବା ପାଇଁ ଧ୍ୟାନ କରିବା ଖୁବ ସହାୟକ ହୋଇଥାଏ । ଧ୍ୟାନ ଶରୀର ସହ ଜଡିତ ହେଉଥିବା ଏକ ଅଦ୍ଭୁତ ଅଭ୍ୟାସ । ଏହା ହୃଦୟ ଗତିକୁ ନିୟନ୍ତ୍ରଣ ରଖିବା ସହ ନିଶ୍ୱାସ ପ୍ରଶ୍ୱାସ ନେବାରେ ଥିବା ସମସ୍ତ ବାଧା ଦୂର କରେ । ନିଜ ବିଚାରକୁ ଉନ୍ନତରୁ ଉନ୍ନତ କରିବାରେ ସହାୟକ ହୋଇଥାଏ । ସଠିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ । ମନକୁ ଶାନ୍ତ ଓ ରାଗକୁ ନିୟନ୍ତ୍ରଣରେ ରଖେ । ଧ୍ୟାନ କରିବା ଦ୍ୱାରା ଚିନ୍ତାଧାରା ନିୟନ୍ତ୍ରଣ ହୋଇ ରହିବା ସହ ଏହା ଶରୀରରେ ଏକ ପ୍ରକାର ହରମୋନ୍ ? ବଢାଇ ଥାଏ । ଯାହା ଦ୍ୱାରା ଆପଣ ସୁସ୍ଥ ଓ ସତେଜ ଅନୁଭବ କରିଥାଆନ୍ତି । ସକାଳେ ଧ୍ୟାନ ନିଶ୍ଚୟ କରନ୍ତୁ । ଏହାଦ୍ୱାରା କାମ ପାଇଁ ଆଗ୍ରହ ଆସିବା ସହ ଚିନ୍ତା କମ ହୋଇଥାଏ । ଧ୍ୟାନ କରିବା ଦ୍ୱାରା ଧୈର୍ଯ୍ୟ ଶକ୍ତି ବୃଦ୍ଧି ହେବା ସହ ପାଗ ପରିବର୍ତ୍ତନ କାରଣରୁ ହେଉଥିବା ବିଭିନ୍ନ ପ୍ରକାର ସଂକ୍ରମଣକୁ ଶରୀରକୁ ଦୂରେଇ ରଖିଥାଏ । ଶରୀରର ଯନ୍ତ୍ରଣା,ମୁଣ୍ଡବିନ୍ଧା ଆଦି ଦୂର କରିଥାଏ । ମସ୍ତିଷ୍କକୁ ସୁସ୍ଥ ରଖିବାରେ ମଧ ବେଶ ସହାୟକ ହୋଇଥାଏ ।

# ଏମ୍ ବି କେ ଓ ସିଆରପିଙ୍କ ଧାରଣା ଦ୍ୱିତୀୟ ଦିନରେ ପଂଚାୟତ ସମିତି ବୈଠକକୁ ଆସି ହଟହଟା ହେଲେ ବିଧାୟକ



ମାହାଙ୍ଗା୩୦/୧ (ନି.ପ୍ର): କଟକ ଜିଲ୍ଲା ମାହାଙ୍ଗା ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଏମ୍‌ବିକେ ଏବଂ ସିଆରପିଙ୍କ ଧାରଣା ଦ୍ୱିତୀୟ ଦିନରେ ପହ□ଥିବା ବେଳେ ବୁଧବାର ପଂଚାୟତ ସମିତି ବୈଠକ ଆୟୋଜନ ବେଳେ ଘଟିଲା ତୁମୁଳ କାଣ୍ଡ । ବିଧାୟକଙ୍କ ସହିତ ଆସିଥିବା ଶତାଧିକ ସମର୍ଥକମାନଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟ ପରିସର ଭିତରକୁ ପ୍ରବେଶ କରିବାକୁ ବାରଣ କରାଯାଇଥିଲା । ବିଧାୟକ ଏକୁଟିଆ ପଂଚାୟତ ସମିତି କାର୍ଯ୍ୟାଳୟକୁ ଯାଇଥିଲେ । ଯାହାକୁ ନେଇ ତାତି ଉଠିଥିଲେ ବିଧାୟକଙ୍କ ସମର୍ଥକ । ବାହାରେ ରହି ହୋହାଲ୍ଲା କରିବା ସହ ଭିତରେ ବସିଥିବା ମହିଳାମାନଙ୍କୁ ଇଙ୍ଗିତ କରି କଟୂଭାଷା କହିଥିଲେ । ଏପରିକି ଯୋରଜବରଦସ୍ତ ଭିତରକୁ ପ୍ରବେଶ କରିବାକୁ ମଧ୍ୟ ଚେଷ୍ଟା କରିଥିଲେ । ଯାହାକୁ ନେଇ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା । ସୂଚନା ମୁତାବକ ବୁଧବାର ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ନିଜ କର୍ମୀ ଓ ସମର୍ଥକଙ୍କ ସହ ପଂଚାୟତ ସମିତି ବୈଠକରେ ଯୋଗଦେବାକୁ ଆସିଥିଲେ । ଏହି ସମୟରେ ଧାରଣାରେ ବସିଥିବା ଏମ୍ ବିକେ , ସିଆରପି ମାଆମାନଙ୍କୁ ସହିତ କୌଣସି ଆଲୋଚନା ନକରି ସିଧା ସମ୍ମିଳନୀ କକ୍ଷକୁ ଚାଲିଯାଇଥିଲେ । ବିଧାୟକ ଧାରଣାରତ ମହିଳାମାନଙ୍କୁ ଅଣଦେଖା କରି ଚାଲିଯାଇଥିବାରୁ ମହିଳାମାନଙ୍କ ପକ୍ଷରୁ ବିଧାୟକ ବିରୋଧି ନାରା ଶୁଣିବାକୁ ମିଳିଥିଲା । ଖୋଦ୍ ବିଧାୟକଙ୍କ ଉପସ୍ଥିତିରେ ଧାରଣାରତ ଏମ୍‌ବିକେ ଓ ସିଆରପିମାନେ ବିଧାୟକ ଓ ତାଙ୍କ ସମର୍ଥକଙ୍କୁ ଛକା ସମ୍ବୋଧନ କରି ଅଟହାସ୍ୟ କରିଥିଲା ବେଳେ ବାହାରେ ଥିବା ବିଧାୟକଙ୍କ ସମର୍ଥକମାନେ ହୂଳାହୂଳୀ ପକାଇବା ସହ ମାଆମାନଙ୍କୁ ଉପହାସ କରି ଆପତ୍ତି ଜନକ ବ୍ୟବହାର ପ୍ରଦର୍ଶନ କରିଥିଲେ । ଏଥିରେ ଏମ୍ ବିକେ , ସିଆରପି ସଂଘର କର୍ମକର୍ତ୍ତାମାନେ ଉତ୍କ୍ଷିପ୍ତ ହୋଇ ପଡିଥିଲେ ଓ ବିଧାୟକ ଆମ କଥା ବୁଝନ୍ତୁ କି ନବୁଝନ୍ତୁ ସରକାରଙ୍କଠାରୁ ଆମେ ଆମର ନାର୍ଯ୍ୟଦାବି ପାଇବୁ ବୋଲି ଗଳାଫଟାଇ ଚିତ୍କାର କରି କହିଥିଲେ ଛକା ବିଧାରୟକ ହାଏ ହାଏ, ବୁଲୁ ପ୍ରଧାନ ହାଏ ହାଏ ।

## ଅବସରପ୍ରାପ୍ତ ସେନା କର୍ମଚାରୀ ଙ୍କ ପରଲୋକ ରେ ଶୋକ

ପାଟଣା ୩୦/୧ (ନି.ପ୍ର): ଗତକାଲି ସାହାରପଡ଼ା ବ୍ଲକ ଅନ୍ତର୍ଗତ ହରିଡ଼ାଗୋଠ ନିବାସୀ ଅବସରପ୍ରାପ୍ତ ସେନା ହାବିଲଦାର କୀର୍ତ୍ତନ ବିହାରି ଚାତାର ଙ୍କ ର ଅପରାହ୍ନ ରେ ତାଙ୍କ ପୈତୃକ ବାସଭବନ ରେ ପରଲୋକ ଘଟିଛି । ଏହି ଖବର ପାଇ ଭେଟେରାନ୍ ୱେଲଫେୟାର ଆସୋସିଏସନ୍ ପାଟଣା-ସାହାରପଡ଼ା ର ସଦସ୍ୟ ଗଣ ତାଙ୍କ ପୈତୃକ ବାସ ଭବନ ରେ ପହଞ୍ଚି ସ୍ୱର୍ଗତ ଚାତାର ଙ୍କ ମର ଶରୀର ଉପରେ ଜାତୀୟ ପତାକା ରଖି ପୁଷ୍ପାଞ୍ଜଳୀ ଦେଇ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । କୀର୍ତ୍ତନ ବିହାରି ଚାତାର ବିହାର ରେଜିମେଣ୍ଟ ରୁ ୨୪ ବର୍ଷ ହାବିଲଦାର ପଦବୀରେ ସେବା କରିବା ପରେ ୨୦୦୦ ମସିହା ରେ ଅବସର ନେଇଥିଲେ । ସେ ବହୁ ଦିନ ଧରି ଶାରୀରିକ ଅସୁସ୍ଥତା କାରଣ ରୁ ଘରେ ଚିକିତ୍ସିତ ହେଉଥିଲେ ।ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା । ଶେଷ ମୁହୂର୍ତ୍ତରେ ରେ ପରିବାର ର ତିନି ପୁତ୍ର, ଦୁଇ ନାତି, ତାଙ୍କ ପତ୍ନୀ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ ।ଏହି ଦୁଃଖଦ ସମୟ ରେ ଆସୋସିଏସନ୍ ତରଫରୁ କ୍ୟାପଟେନ୍ ଉପେନ୍ଦ୍ର ମହାନ୍ତ,ଲାଲମୋହନ ମୁଣ୍ଡା, ସୁବେଦାର ନାରାୟଣ ବାରିକ୍, ହନେରି ନାଏବ ସୁବେଦାର ଭରତ ମହାନ୍ତ, ଜେ ଡବ୍ଲୁଓ ଭଗବାନ ମହାନ୍ତ, ହାବିଲଦାର ଶରତ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଶୋକସନ୍ତପ ପାରିବାର ବର୍ଗ ଙ୍କୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି ।

## ଜାମଦା ବ୍ଲକରେ ଦୁଇ ଦିବସୀୟ ଚକ୍ଷୁ ସ୍ୱାସ୍ଥ୍ୟ ଶିବିର

ମୟୂରଭଞ୍ଜ ୩୦/୧ (ନି.ପ୍ର): ଜାମଦା ବ୍ଲକ ର ପ୍ରଥମ ଦିବସରେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ହେସେଲପାଟାଠାରେ ଏବଂ ଦ୍ୱିତୀୟ ଦିବସରେ କାଣ୍ଡସର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚକ୍ଷୁ ସ୍ୱାସ୍ଥ୍ୟ ଶିବିର ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ଯୋଜନା ଅନୁଷ୍ଠିତ ହୋଇଯାଇଛି ।ଏବିଇଓ ଅଭିରାମ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଆରପି(ସିଡବ୍ଲ୍ୟୁଏସ୍‌ଏନ୍) ଜାମଦାର ସତ୍ୟବାନ ଗିରି,ବିପିଓ ରେବତୀ ଦିଦିଙ୍କ ଅଧ୍ୟକ୍ଷତାରେ ଦୁଇ ଦିବସୀୟ ଭିଜନ ଚ୍ୟାକଅପ୍ ଶିବିର ଅନୁଷ୍ଠିତ ହୋଇଯାଇଛି ।ଟେକ୍ନିକାଲ୍ ଟିମ୍‌ଅମିତ କୁମାର ସେନାପତି,ମୀନକେତନ ଦାସ,ବୁଦ୍ଧେଶ୍ୱର ସୋରେନଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଯାଇଥିଲା ।ଏଥିରେ ୩୦୪ଜଣ ପିଲାଙ୍କର ଆଖି ପରୀକ୍ଷା କରାଯାଇଥିଲା ।୭୪ ଜଣ ପିଲାଙ୍କୁ ଚଷମା ମିଳିବା ନିମନ୍ତେ ଚୟନ କରାଯାଇଛି ।ତତ୍ ସହିତ ୫ଜଣ ପିଲାଙ୍କୁ ଉଚ୍ଚ ଡାକ୍ତରଖାନାକୁ ଆଖି ପରୀକ୍ଷା ପାଇଁ ପଠାଯିବାର ସ୍ଥିର କପାଯାଇଛି ଏବଂ ୯୩ ଜଣ ପିଲାଙ୍କୁ ଔଷଧ ବଣ୍ଟନ କରାଯାଇଛି ।

## ଲକ୍ଷପତି ଦିଦିଙ୍କ ୨ଦିନିଆ ତାଲିମ୍ ଶିବିର

ନିମାପଡ଼ା ୩୦/୧ (ନି.ପ୍ର): ଜଳେଶ୍ୱର ପଡା ଗ୍ରାମପଞ୍ଚାୟତର ପଞ୍ଚାୟତ ସ୍ତରୀୟ ମହିଳା ସଂଗଠନର ସଭାନେତ୍ରୀ ତୁଳସୀ ଦେଇ,ସମ୍ପାଦିକା ଅପରାଜିତା ଛାଟୋଇଙ୍କ ନେତୃତ୍ୱରେ ପଞ୍ଚାୟତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ନେଇ ମିଶନ ଶକ୍ତି ଗୃହରେ ଲକ୍ଷପତି ଦିଦିଙ୍କ ୨ଦିନିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଜୀବିକା ମିଶନ ଓ ପଞ୍ଚାୟତ ସମିତି ଦ୍ୱାରା ଆୟୋଜିତ ତାଲିମ ଶିବିରରେ ବି ପି ସି ଉପେନ୍ଦ୍ର ବେହେରା,ବି ପି ଏମ୍ ମଧୁଛନ୍ଦା ପ୍ରଧାନ ଓ ବି ଏଲ ସି ଲୁନାରାଣୀ ଖୁଣ୍ଟିଆ ଯୋଗଦେଇ ଲକ୍ଷପତି ଦିଦି କାହାକୁ କହିବା, ଲକ୍ଷପତି ଦିଦି କାହିଁକି ହେବା, ଲକ୍ଷପତି ଦିଦି କେମିତି ହେବା, ଲକ୍ଷପତି ଦିଦି ହେବା ପାଇଁ ସାମ୍ଭାବ୍ୟ ସୁଯୋଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଏହି ତାଲିମ୍ ଶିବିରରେ ପ୍ରଶିକ୍ଷକ ନେବାପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଦେଖାଯାଉଥିବା ଉପସ୍ଥାନରୁ ପରିଲକ୍ଷିତ ହୋଇଥିଲା ।

## ଆଜି ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ

ବେଲଗୁଣ୍ଠା ୩୦/୧ (ନି.ପ୍ର):ଗତ ସେପଟ୍ମ୍ବର ମାସରେ ବେଲଗୁଣ୍ଠା ପଞ୍ଚାୟତ ସମିତିର ତତ୍କାଳୀନ ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ପରଲୋକ ଘଟିବା ପରେ ପ୍ରଶାସନ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ତେବେ ଛଅ ମାସ ମଧ୍ୟରେ ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ହେବାର ନିୟମ ଥିବାରୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଜାନୁୟାରି ତିରିଶି ତାରିଖରେ ଅଧ୍ୟକ୍ଷ ନିର୍ବାଚନ ପାଇଁ ରାଜ୍ୟ ସରକାର ଦିନ ଧାର୍ଯ୍ୟ କରିଛନ୍ତି ଓ ବେଲଗୁଣ୍ଠା ବ୍ଲକ୍ ର ୧୮ ଟି ପଂଚାୟତରୁ ୧୭ ଜଣ ସମିତି ସଭ୍ୟ ଥିବା ବେଳେ ଅଧ୍ୟକ୍ଷ ସ୍ୱର୍ଗତ ନାୟକଙ୍କ ଦେହାନ୍ତ ପରେ ଧୂମୁଛାଇ ସମିତିସଭ୍ୟ ପଦବୀ ଖାଲି ପଡିଛି । ତେଣୁ ବର୍ତ୍ତମାନ ୧୭ ଜଣ ସମିତିସଭ୍ୟ ଆଜି ଅଧ୍ୟକ୍ଷ ନିର୍ବାଚନ କରିବେ । ଏନେଇ ପ୍ରଶାସନ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଭଞ୍ଜନଗର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଅଧିକାରୀ ରୂପେ ଭଞ୍ଜନଗର ତହସିଲଦାର ଦାୟିତ୍ୱ ତୁଲାଉଥିବା ବେଳେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ବିଡିଓ ବିଭିନ୍ନ ଦାୟିତ୍ୱରେ ରହି ନିର୍ବାଚନକୁ ପରିଚାଳନା କରିବେ ବୋଲି ସୂଚନା ମିଳିଛି । ଅପରାହ୍ନ ୧୨ ଘଣ୍ଟା ୩୦ ମିନିଟ୍ ରୁ ୨ ଘଣ୍ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ଆଜି ହିଁ ଭୋଟ୍ ଗଣତି କରାଯିବ ।

## ବିର୍ସାମୁଣ୍ଡା ଜୟନ୍ତୀ ଉତ୍ସବ ପାଳିତ: ଆଦିବାସୀ ନୃତ୍ୟ ସଂଗୀତ ରେ ମଞ୍ଚ ଦୁଲୁକିଲା



ବାଲିଗୁଡା ୩୦/୧ (ନି.ପ୍ର): କନ୍ଧମାଳ ଜ଼ିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ସିମନବାଡ଼ି ଶିବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଭଗବାନ ବିର୍ସାମୁଣ୍ଡା ଙ୍କ ୧୫୦ ତମ ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି । ସାଂସ୍କୃତିକ ସନ୍ଧ୍ୟାରେ କନ୍ଧମାଳ ଜ଼ିଲ୍ଲା ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କନ୍ଧମାଳ କଳା ବିକାଶ କେନ୍ଦ୍ର ବାଲିଗୁଡା ର କଳାକାର ଙ୍କ ଆଦିବାସୀ ନୃତ୍ୟ ଓ ସଂଗୀତ ଉପସ୍ଥିତ ଦର୍ଶକ ଙ୍କୁ ବିମୋହିତ କରିଥିଲା କ୍ଷ ଅନୁଷ୍ଠାନ ର ସମ୍ପାଦକ ପ୍ରମୋଦ ଦଣ୍ଡସେନା ଙ୍କ ନେତୃତ୍ୱ ରେ କୋଡିଏ ଜଣିଆ ଦଳ ଅଂଶ ଗ୍ରହଣ କରିଥିଲେ । ବରିଷ୍ଠ କଣ୍ଠ ଶିଳ୍ପୀ ଚରଣ ବିନ୍ଧାଣୀ ଙ୍କ ଲୋକପ୍ରିୟ କୁଇ ଗୀତ 'ବାଦୁବାଦୁଲା ରାଧା କୁଞ୍ଜ ବନ ତାନି ସାନା ' ଗୀତ ଓ ନୃତ୍ୟରେ ମଞ୍ଚ ଦୁଲୁକିଥିଲା । ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଆଇ. ଟି. ଡ଼ି. ଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଜାତୀୟ ଜନ ଜାତି ଲୋକ କଳା ସଂଯୋଜକ ନିରଞ୍ଜନ ପଣ୍ଡା, ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନନ୍ୟାର ଅଧ୍ୟକ୍ଷ ଦୁର୍ଗା ମାଧବ ଆଚାର୍ଯ୍ୟ, ସଂସ୍କାର ଭାରତୀ ର ମୁଖ୍ୟ ଶାନ୍ତନୁ ରଥ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ କଳାକାର ଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି କଳାକାର ମାନଙ୍କ ସହିତ ଆଦିବାସୀ ନୃତ୍ୟ ର ତାଳେ ତାଳେ ନାଚିଥିଲେ । ଦେବାଶିଷ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

## ଆକାଉଣ୍ଟାଣ୍ଟ ଓ ଏମଆଇଏସ କୋଡ଼ିନେଟରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କଣାସ ୩୦/୧ (ନି.ପ୍ର): ସାରା ରାଜ୍ୟରେ ବିଭିନ୍ନ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି ଅଳ୍ପ ବେତନରେ କାର୍ଯ୍ୟକରି ଆସୁଥିବା ଆକାଉଣ୍ଟାଣ୍ଟ ଓ ଏମଆଇଏସ ପ୍ଲାନିଂ କୋଡ଼ିନେଟରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ପାଇଁ ସଂଘ ପକ୍ଷରୁ ଡ଼ାକରା ଦିଆଯାଇଛି ।ଏହି ପରିପ୍ରେକ୍ଷୀରେ କଣାସ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଆକାଉଣ୍ଟାଣ୍ଟ ଓ ଏମଆଇଏସ ପ୍ଲାନିଂ କୋଡ଼ିନେଟରଙ୍କ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ କାର୍ଯ ବନ୍ଦ ଆନ୍ଦୋଳନର କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।ଖବର ନେବାରେ ଜଣାପଡିଛି ଦୀର୍ଘ ୧୨ ବର୍ଷରୁ ଉର୍ଦ୍ଧ ସମୟ ଧରି କାର୍ଯ୍ୟ କରିଆସୁଥିବା ଆକାଉଣ୍ଟାଣ୍ଟ ଓ ଏମଆଇଏସ ପ୍ଲାନିଂ କୋଡ଼ିନେଟରଙ୍କ ଚାକିରୀରେ କୌଣସି ସ୍ଥାୟୀତ୍ୱ ନଥିବା,ଅଳ୍ପ ବେତନରେ କର୍ଯ୍ୟକ୍ରିବା ଯାହା ଦ୍ୱାରା ପରିବାର ପ୍ରତିପୋଷଣ କରିବା ସମ୍ଭବ ନୁହେଁ ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଲୋୟରପିଏମଜି ଠାରେ ସଂଘ ଆନ୍ଦୋଳନ କରିବା ପାଇଁ ସଜବାଜ ହେଉଥିବା ଜଣାପଡିଛି ।ଏହା ଦ୍ୱାରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହେବବୋଲି ଜଣାପଡିଛି ।ଦାବୀ ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ସଂଘ କହିଛି ।

# ନବରଙ୍ଗପୁର ମହାବିଦ୍ୟାଳୟରେ ଦ୍ୱି-ଦିବସୀୟ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦଯାପିତ




ନବରଙ୍ଗପୁର ୩୦/୧ (ନି.ପ୍ର): ନବରଙ୍ଗପୁର ମହାବିଦ୍ୟାଳୟର ପ୍ରଥମ ଖେଳ ପଡ଼ିଆ ଠାରେ ଦ୍ୱି-ଦିବସୀୟ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦଯାପିତ ହୋଇଯାଇଛି । ଏହି କ୍ରୀଡ଼ା ମହୋତ୍ସବର ପ୍ରଥମ ଦିନରେ ମହାବିଦ୍ୟାଳୟର କ୍ରୀଡ଼ା ସଂସଦ ଉପ ସଭାପତି ଡ଼. ଜାହାଙ୍ଗୀର ମହମ୍ମଦଙ୍କ ନେତୃତ୍ୱରେ ମା' ଭଣ୍ଡାର ଘରଣୀ ମନ୍ଦିର ପ୍ରାଙ୍ଗଣରୁ ମଶାଲ ଶୋଭଯାତ୍ରା ଆରମ୍ଭ କରିଥିଲେ ।ମହାବିଦ୍ୟାଳୟର ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓ ସମସ୍ତ କର୍ମଚାରୀମାନଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ବାର୍ଷିକ କ୍ରୀଡ଼ା ମହୋତ୍ସବକୁ ଉଦଘାଟନ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ ଏବଂ କ୍ରୀଡ଼ା ସଂସଦର କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଦୁଇ ଦିନ ଧରି ଚାଲିଥିବା କ୍ରୀଡ଼ା ମହୋତ୍ସବର ଦ୍ୱିତୀୟ ଦିନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ ଏବଂ ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ମାରାଥନ୍ ବ୍ୟକ୍ତିତ୍ୱ ଭାବେ ପରିଚିତ ଶ୍ରୀ ଚିତ୍ତରଞ୍ଜନ ପାତ୍ର, ଜିଲ୍ଲା କ୍ରୀଡ଼ା ସଂସଦ ଉପ ସଭାପତି ତଥା ଭାରତୀୟ କ୍ରିକେଟ୍ ଟିମର ପୂର୍ବତନ ମ୍ୟାନେଜର ଶ୍ରୀ ବାଳକୃଷ୍ଣ ରାଓ ପ୍ରମୁଖ ଅତିଥିମାନଙ୍କ ଉପସ୍ଥିତରେ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଶ୍ରୀ ନାୟକ କ୍ରୀଡ଼ା ମାଧ୍ୟମରେ ପିଲାମାନଙ୍କୁ ଶାରୀରିକ ଓ ବ୍ୟକ୍ତିତ୍ୱର ବିକାଶ ପାଇଁ ଅଧିକ ଧ୍ୟାନ ଦେବାକୁ କହିବା ସହ ମୋବାଇଲ୍ ଫୋନ ଠାରୁ ଦୂରେଇ ରହି କ୍ରୀଡ଼ା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଶ୍ରୀ ପାତ୍ର ବରିଷ୍ଠ ନାଗରିକ ବର୍ଗରେ ଦେଶ ବିଦେଶରେ ମାରାଥନ୍ କରି କୃତିତ୍ୱ ଅର୍ଜନ କରିଥିବା ତାଙ୍କର ଅନୁଭୂତି ବଖାଣିବା ସହିତ ପିଲାମାନଙ୍କୁ ଶାରୀରିକ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଏବଂ ଶ୍ରୀ ବାଳକୃଷ୍ଣ ରାଓ ମହାବିଦ୍ୟାଳୟର ପୁରାତନ ଛାତ୍ର ଭାବରେ ତାଙ୍କର କଲେଜ ଜୀବନର କ୍ରୀଡ଼ା ଅନୁଭୂତି କହିବା ସହିତ ଖେଳ ମାଧ୍ୟମରେ ଉତ୍ତମ କ୍ୟାରିୟର ଗଠନ କରିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ ଏବଂ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାର ପ୍ରଥମ ସ୍ଥାନ ହାସଲ କରିଥିବା ଦୁଇ ଖେଳାଳିଙ୍କୁ କଟକ ବାରବାଟୀରେ ହେବାକୁ ଥିବା ଭାରତ ଓ ଇଂଲଣ୍ଡ ମ୍ୟାଚ୍ ଦେଖିବା ପାଇଁ ଟିକେଟ ପ୍ରଦାନ କରିବାକୁ ଘୋଷଣା କରିଥିଲେ ।ମହାବିଦ୍ୟାଳୟର ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନିର ଶତାଧିକ ଛାତ୍ରଛାତ୍ରୀମାନେ ବିଭିନ୍ନ ବର୍ଗର ଦୌଡ଼ ପ୍ରତିଯୋଗିତା,ଲମ୍ଫଡିଆଁ, ଉଚ୍ଚ ଡିଆଁ, ବର୍ଚ୍ଛା ଫିଙ୍ଗା, ଲୌହ ଥାଳିଆ ଫିଙ୍ଗା, ଲୌହ ଗୁଳା ଫିଙ୍ଗା, ମ୍ୟୁଜିକାଲ୍ ଚେୟାର ଇତ୍ୟାଦି ବିଭିନ୍ନ ପ୍ରକାର ଖେଳରେ ଉତ୍ସାହର ସହିତ ଭାଗ ନେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଉଦଯାପନୀ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।ମହାବିଦ୍ୟାଳୟର କ୍ରୀଡ଼ା ସଂସଦ ଉପ ସଭାପତି ଡ଼. ଜାହାଙ୍ଗୀର ମହମ୍ମଦଙ୍କ ନେତୃତ୍ୱରେ ଦୁଇ ଦିନ ଧରି ହୋଇଥିବା ବିଭିନ୍ନ ପ୍ରତିଯୋଗିତା ସଂପର୍କରେ ସୂଚନା ଦେଇଥିଲେ ଏବଂ ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ ଶ୍ରୀ ଶମ୍ଭୁ ପ୍ରସାଦ ହୋତା କ୍ରୀଡ଼ା ମହୋତ୍ସବର ଉଦଯାପନୀ ସମାରୋହରେ ଛାତ୍ର ଛାତ୍ରୀମାନଙ୍କୁ ଉଦବୋଧନ ଦେବା ସହିତ ମଞ୍ଚ ପରିଚାଳନା କରିଥିଲେ । ପରିଶେଷରେ ମହାବିଦ୍ୟାଳୟର କ୍ରୀଡ଼ା ସଂସଦର ସହକାରୀ ଉପସଭାପତି ଶ୍ରୀ ଆଲୋକ କୁମାର ଦାସ ମଞ୍ଚରେ ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ୍ ଦେବା ସହ ମହାବିଦ୍ୟାଳୟ କ୍ରୀଡ଼ା ସଂସଦର ଅନ୍ୟ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଅଧ୍ୟାପକ ଶ୍ରୀ ପ୍ରଦୀପ୍ତ ଦାସ,ଶ୍ରୀ ନିରଞ୍ଜନ ତ୍ରିପାଠୀ, ଅଧ୍ୟାପିକା ଅନୁପମା ମାଝୀ,ରାଜନ୍ ତ୍ରିପାଠୀ ,ବନମାଳୀ ବେହେରା,ସୁନାଧର ଭତ୍ରା,ଅଶୋକ ପାତ୍ର ପ୍ରମୁଖ ସହଯୋଗ କରିଥିବାବେଳେ ବିଭିନ୍ନ ବିଭାଗର ଅଧ୍ୟାପକ - ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇ ଏହି କ୍ରୀଡା ଉତ୍ସବକୁ ସାଫଲ୍ୟମଣ୍ଡିତ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## କଟକ ଆରକ୍ଷୀ ଅଧିକ୍ଷକ (ଗ୍ରାମାଂଚଳ)ଙ୍କ ପ୍ରଚେଷ୍ଟାରେ ବିଦେଶ ମାଟିରେ ଓଡିଆ ଯୁବକଙ୍କ ଶେଷକୃତ୍ୟ ସଂପନ୍ନ

ମାହାଙ୍ଗା୩୦/୧ (ନି.ପ୍ର): କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଗୋତରା ଗ୍ରାମ ପଂଚାୟତ କାହ୍ନୁପୁର ଗ୍ରାମର ନେତ୍ରାନନ୍ଦ ସ୍ୱାଇଁଙ୍କ ପୁତ୍ର ବଳରାମ ସ୍ୱାଇଁ(୩୦) ଲାଓସଠାରେ ରହି ଶ୍ରମିକ ଭାବେ କାର୍ଯ୍ୟକରୁଥିଲେ । କୌଣସି କାରଣରୁ ତା.୨୬.୦୧.୨୦୨୫ ରିଖରେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା । ପରିବାରର ଲୋକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ବଳରାମଙ୍କ ମର ଶରୀରକୁ ବିଦେଶରୁ ନିଜ ଜନ୍ମମାଟିକୁ ଫେରାଇ ଆଣିବା ପରିବାର ପକ୍ଷରେ ସମ୍ଭବପର ନହେବାରୁ ପରିବାର ଲୋକେ ଗ୍ରାମାଂଚଳ ଆରକ୍ଷୀ ଅଧିକ୍ଷକ କଟକ ଜିଲ୍ଲାଙ୍କୁ ନିଜର ଦୁଃଖ ଜଣାଇବା ସହ ମୃତକଙ୍କ ମର ଶରୀରକୁ ବିଦେଶ ମାଟିରେ ଶେଷକୃତ୍ୟ ସଂପନ୍ନ କରିବା ପାଇଁ ଅନୁରୋଧ କରିଥିଲେ । ସେଠାରେ କାର୍ଯ୍ୟରତ ମୃତକଙ୍କ ଓଡିଆଙ୍କ ସାଙ୍ଗ ରବିନ୍ଦ୍ର କୁମାର ସେଠୀଙ୍କୁ ମର ଶରୀର ହସ୍ତାନ୍ତର କରିବା ପାଇଁ ନିବେଦନ କରିଥିଲେ । ପ୍ରଶାସନ ପକ୍ଷରୁ ଲାଓସରେ ଥିବା ଭାରତୀୟ ଦୂତାବାସ ସହ ଯୋଗାଯୋଗ କରାଯାଇ ରବିନ୍ଦ୍ରଙ୍କ ସହଯୋଗରେ ତା.୨୯.୦୧.୨୦୨୫ ରିଖରେ ବିଦେଶ ମାଟିରେ ମୃତକ ଓଡିଆ ପୁଅ ବଳରାମଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଛି ।

## ଏମବିକେ ,ସିଆରପିମାନଙ୍କୁ ଆଶ୍ୱାସନା ଦେଲେ ମାହାଙ୍ଗା ବିଜେପି ନେତା ସୁମନ୍ତ ଘଡେଇ

ମାହାଙ୍ଗା୩୦/୧ (ନି.ପ୍ର): ମାହାଙ୍ଗା ବ୍ଲକ ପରିସରରେ ଦୁଇ ଦିନ ଧରି ଧାରଣାରେ ବସିଥିବା ୧୪ ଟି ପଂଚାୟତର ଏମ୍.ବି.କେ. ଓ ସିଆରପି ମାନଙ୍କୁ ମାହାଙ୍ଗା ବିଜେପି ନେତା ସୁମନ୍ତ କୁମାର ଘଡେଇ ଭେଟି ସେମାନଙ୍କର ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଧାରଣାରତ ମହିଳାମାନଙ୍କ ମଧ୍ୟରୁ ଏକ ପ୍ରତିନିଧି ମଣ୍ଡଳୀ କଟକ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବା ସହିତ ଏହି ସମସ୍ୟାର ଆଶୁ ସମାଧାନ ନିମନ୍ତେ ଭେଟି ଆଲୋଚନା କରିବା ପାଇଁ ନିଷ୍ପତି ନିଆଯାଇଛି । ଏ ନେଇ ଜିଲ୍ଲାପାଳ ଓ ମିଶନଶକ୍ତି ନିର୍ଦ୍ଦେଶିକାଙ୍କ ସହିତ ଶ୍ରୀ ଘଡେଇ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ମାହାଙ୍ଗା ମଣ୍ଡଳ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା ଓ ତହସିଲଦାର ସୁଶାନ୍ତ ମିଶ୍ର ଉପସ୍ଥିତ ଥିଲେ ।

## ପ୍ରଭୂ ଶ୍ରୀ ଗୁରୁଦେବ ଙ୍କ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ନିମାପଡ଼ା ୩୦/୧ (ନି.ପ୍ର): ପବିତ୍ର ତ୍ରିବେଣୀ ଅମାବାସ୍ୟା ଅବସରରେ ପୁଣ୍ୟ ତୋୟା ପ୍ରାଚୀ ଉପତ୍ୟକା ର ବନ୍ଦେଶ୍ୱର ଗ୍ରାମ ରେ ପୂଜା ପାଇ ଆସୁଥିବା ପ୍ରଭୂ ଶ୍ରୀ ଗୁରୁଦେବ ଠାକୁର ଙ୍କ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ତୁଳସୀପୁର ବ୍ରାହ୍ମଣ ଶାସନ ର ଗ୍ରାମବାସୀ ମାନେ ପ୍ରାତଃ ରେ ବନ୍ଦେଶ୍ୱର ଗ୍ରାମ କୁ ଯାଇ ଠାକୁର ଙ୍କୁ ପ୍ରାଚୀ ନଦୀ ର ଶୁଦ୍ଧ ଜଳ ରେ ସ୍ନାନ କରିବା ସହିତ ନବବସ୍ତ୍ର ପରିଧାନ କରାଇଥିଲେ । ଏହି ଅବସର ରେ ପଣ୍ଡିତ ବିଦ୍ୟା ଭୁଷଣ ମିଶ୍ର ମନ୍ଦିର ରେ ଗୀତା ପାଠ କରିଥିବାବେଳେ ପଣ୍ଡିତ ସହଦେବ ମିଶ୍ର ଠାକୁର ଙ୍କ ସମ୍ମୁଖରେ ହୋମ ଓ ଘୃତଯଜ୍ଞ କରିଥିଲେ । କର୍ତ୍ତା ଭାବେ ଅବନିନ୍ଦ୍ର ତ୍ରିପାଠୀ ସମସ୍ତ ପୂଜା କାର୍ଯ୍ୟ କରିଥିବାବେଳେ ପୂଜକ ଭାବେ ଚୈତନ୍ୟ ପାଣି ଓ କୈଳାସ ପାଣି ଠାକୁର ଙ୍କ ପୂଜା ନୀତି ଅନୁଷ୍ଠିତ କରିଥିଲେ । ଶେଷରେ ଠାକୁର ଙ୍କ ନିକଟରେ ଗ୍ରାମବାସୀ ମାନଙ୍କ ପକ୍ଷରୁ ଅନ୍ନପ୍ରସାଦ ଓ କ୍ଷୀରି ଭୋଗ ଲାଗି କରାଯାଇଥିଲା । ଏହି ଉତ୍ସବ ରେ ପୂର୍ବତନ ସରପଞ୍ଚ ଭଗବାନ ମିଶ୍ର, ଗ୍ରାମବାସୀ ବନ ବିହାରୀ ଦାଶ,ସନ୍ତୋଷ ଦାଶ, ରଜନୀକାନ୍ତ ତ୍ରିପାଠୀ,ନବଘନ ସାହୁ, ଚନ୍ଦ୍ରଶେଖର ମହାପାତ୍ର,ଡମ୍ବରୁ ମିଶ୍ର, କ୍ଷମାନିଧି ତ୍ରିପାଠୀ, ନିରଞ୍ଜନ କର, ରମାକାନ୍ତ ତ୍ରିପାଠୀ, ଚକ୍ରଧର ପାଣି, ସ୍ୱାଧୀନ ନାୟକ, ମହେଶ୍ୱର ମହାନ୍ତି, ସନ୍ତୋଷ ସ୍ୱାଇଁ,ପୂର୍ଣ୍ଣ କାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## ଦୁମାଡ଼ିହି ରେ ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଟ୍ ଅନୁଷ୍ଠିତ;ନେଉତି ଫୁଟବଲ ଟିମ୍ ଚାମ୍ପିୟନ

ମୟୂରଭଞ୍ଜ ୩୦/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ଜଣାଶୁଣା ଗ୍ରାମ ତାଳଗାଁ ଗ୍ରାମ ପଞ୍ଚାୟତ ଦୁମାଡ଼ିହି ଗାଁ ରେ ଦୁଇ ଦିବସୀୟ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଖେଳକୁ ଲେଫାରୀ କମଲ ଭାନୁ କିସ୍କୁ,ସୁନାରାମ ହେମ୍ବ୍ରମ,ଦୟାନିଧି ସୋଏ ପରିଚାଳନା କରିଥିଲେ ।କାଦେ ଟୁଡୁ,ଠାଟୁ ମୁର୍ମୁ,କୁଶାଲ ସର୍ଦ୍ଦାର ପ୍ରମୁଖ ଦୁଇ ଦିବସୀୟ ଖେଳ ନିମନ୍ତେ ଧାରା ବିବରଣୀ ପ୍ରଦାନ କରିଥିଲେ ।ଚାମ୍ପିୟନ ଟିମ୍ ନେଉତିକୁ ମୁଖ୍ୟ ଅତିଥି ସ୍ଥାନୀୟ ସରପଞ୍ଚ ଡମ୍ବରୁଧର ହେମ୍ବ୍ରମ ୧୨୦୦୦ଟଂକା ଏବଂ ସମ୍ମାନୀୟ ଅତିଥି ସମାଜସେବୀ ଲକ୍ଷ୍ମୀଧର ମହାନ୍ତ ଶିବନାଥ ବ୍ରଦର୍ସ ଫୁଟବଲ୍ ଟିମ୍ କୁ ୧୦୦୦୦ଟଂକା ପୁରସ୍କାର ପ୍ରଦାନ କରିଥିଲେ ।ସୂଚନା ଯୋଗ୍ୟ ଯେ ଦୀର୍ଘ ୨୨ବର୍ଷ ହେଲାଣି ଦୁମାଡ଼ିହି ଗାଁ ର ସଦସ୍ୟମାନେ ଏହି ଫୁଟବଲ ଖେଳ ଆୟୋଜନ କରିଆସୁଛନ୍ତି ।

## ବାଲିଗୁଡା ଉପଖଣ୍ଡ ପ୍ରଶାସନ ପକ୍ଷରୁ ବରିଷ୍ଠ ମଞ୍ଚ କଳାକାର ତଥା ନାଟ୍ୟକାର ପ୍ରମୋଦ ଦଣ୍ଡସେନା ସମ୍ବର୍ଦ୍ଧିତ




ବାଲିଗୁଡା ୩୦/୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସଂସ୍କୃତିକ ଅନୁଷ୍ଠାନ ର ସମ୍ପାଦକ ପ୍ରମୋଦ ଦଣ୍ଡସେନା ଙ୍କୁ ବାଲିଗୁଡା ଉପଖଣ୍ଡ ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସରେ ସମ୍ବର୍ଦ୍ଧିତ କରାଯାଇଛି । କନ୍ଧମାଳ ଜିଲ୍ଲାର ଅନନ୍ୟ ପ୍ରତିଭା ବରିଷ୍ଠ ମଞ୍ଚ ଅଭିନେତା ତଥା ନାଟ୍ୟକାର ପ୍ରମୋଦ କୁମାର ଦଣ୍ଡସେନା ଙ୍କୁ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ମୂଖ୍ୟ ଅତିଥି ବାଲିଗୁଡା ଉପ ଜ଼ିଲ୍ଲାପାଳ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି କ୍ଷ ସୂଚନାଯୋଗ୍ୟ ଯେ ପ୍ରମୋଦ ମାତ୍ର ପଞ୍ଚମ ଶ୍ରେଣୀରୁ ଅଭିନୟ ଜୀବନ ଆରମ୍ଭ କରି ଏଯାବତ୍ ୫୦ ରୁ ଉର୍ଦ୍ଧ୍ୱ ମଞ୍ଚ ନାଟକ ରେ ଅଭିନୟ ର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ଏଂ ତିନୋଟି ନାଟକ ରଚନା ଓ ନିର୍ଦ୍ଦେଶନା ଦେଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ନାଟକ ଗୁମୁରୀ କାନ୍ଦୁଛି ଗୁମୁଡୁମକ୍ଷହା , ଶିଶୁ ନାଟକ ଖେମୂଣ୍ଡି ର ପାଟରାଣୀ ମାଆ ପାଟଖଣ୍ଡା , ନାଟକ ' ଝାଂ ଦି ଫରେଷ୍ଟ ଅନ୍ୟତମ କ୍ଷ ଶହେ ରୁ ଉର୍ଦ୍ଧ୍ୱ ପଥପ୍ରାନ୍ତ ନାଟକ ରେ ଅଭିନୟ ଓ ପଚାଶ ରୁ ଉର୍ଦ୍ଧ୍ୱ ପଥପ୍ରାନ୍ତ ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରମୋଦ ଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ଓଡ଼ିଶା ର ବିଭିନ୍ନ ମଞ୍ଚରେ ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି କ୍ଷ ଓଡ଼ିଶା ବାହାରେ ମଧ୍ୟସେ ନାଟକ ପାଇଁ କାମ କରିଛନ୍ତି କ୍ଷ କେବଳ ମଞ୍ଚ ନାଟକ ନୁହେଁ ଲୋକ କଳା ଲୋକ ସଙ୍ଗୀତ ପାରମ୍ପରିକ କଳାକୁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରଦର୍ଶନ କରି କନ୍ଧମାଳ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି । ଉପଖଣ୍ଡ ପ୍ରଶାସନ ଏହିଭଳି ପ୍ରତିଭା କୁ ଚିହ୍ନଟ କରି ସମ୍ମାନିତ କରିଥିବା ରୁ ପ୍ରମୋଦ ବେଶ ଖୁସି ପ୍ରକଟ କରିବା ସହିତ ପ୍ରଶାସନ କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଗରମ ମିଶ୍ରଣ ପିଚୁ ପ୍ଲାଣ୍ଟ ବନ୍ଦ୍ ଦାବିରେ ଶତାଧିକ ସ୍ଥାନୀୟ ଗ୍ରାମବାସୀ ନର୍ଲା ଥାନା ର ଦ୍ୱାରସ୍ଥ



କଳାହାଣ୍ଡି ୩୦/୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ରୁପ୍ରା ରୋଡ ପଞ୍ଚାୟତ ବିଲାଟ୍ ମୌଜା ରେ ଥିବା ପିଚୁ ପ୍ଲାଣ୍ଟ କୁ ବନ୍ଦ୍ କରିବା ଦାବିରେ ଉକ୍ତ ଅଞ୍ଚଳ ର ଶତାଧିକ ମହିଳା ଓ ପୁରୁଷ ନର୍ଲା ଥାନା ର ଦ୍ୱାରସ୍ଥ ହୋଇ ଥିବା ଦେଖି ବାକୁ ମିଳିଛି । ସ୍ଥାନୀୟ ଲୋକ ଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତପିଚୁ ପ୍ଲାଣ୍ଟଟି ଜନ ବସତି ସହିତ ରାସ୍ତା କଡ଼ରେଥିବାରୁ ରାସ୍ତା ରେ ଯିବା ଆସିବା ସମୟରେ ଧୁଆଁ ଓ ପଥର ଗୁଣ୍ଡ ଆଖି ରେ ପଶିବା ସହିତ ସ୍ଥାନୀୟ ଚାଷୀ ଙ୍କ ଫସଲ ନଷ୍ଟ ହେଉଛି । ଏଥିପାଇଁ ଅନେକ ଥର ନର୍ଲା ଥାନା ସହିତ ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି କିନ୍ତୁ କିଛି ସୁଫଳ ମିଳୁ ନ ଥିବାରୁ ଆଗାମୀ ଦିନରେ ଆନ୍ଦୋଳନ ର ପନ୍ଥା ଆପଣେଇବେ ବୋଲି ପ୍ରକାଶ କରିଛନ୍ତି । ସେପଟେ ପିଚୁ ପ୍ଲାଣ୍ଟ ମାଲିକ୍ ଙ୍କୁ ଏ ବିଷୟରେ ପଚାରିବାରୁ ଆମ ପାଖରେ ସରକାରୀ ନିୟମ ମୁତାବକ୍ ଆଇନ୍ ଗତ ସମସ୍ତ ଦସ୍ତାବେଜ୍ ମହଜୁଦ୍ ଅଛି ଓ ପରିବେଶ ସୁରକ୍ଷା ଅନୁପାଳନ କରିଥିବା ପ୍ରକାଶ କରିଛନ୍ତି ।

# ଶ୍ମଶାନ ଜମି ଜବରଦଖଲ ନ୍ୟାୟ ପାଇଁ ସାମ୍ବାଦିକ ସମ୍ମିଳନୀ



କଳାହାଣ୍ଡି ୩୦/୧ (ନି.ପ୍ର): ସହରରେ ପୁରୁଷ ପୁରୁଷ ଧରି ବସବାସ କରୁଥିବା ଦେବାଙ୍ଗ ସଂଘମ ସମ୍ପ୍ରଦାୟ ଲୋକଙ୍କ ମଶାଣି ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି । ସରକାରୀ ଖାତାରେ ସେହି ସ୍ଥାନ ମଶାଣି ପାଇଁ ଦିଆଯାଇଥିବା ବେଳେ ସେଠାରେ ପାଣି ଟାଙ୍କି, ରାସ୍ତା ଇତ୍ୟାଦି ନିର୍ମାଣ ହେଉଥିବା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦେବାଙ୍ଗ ସଂଘମର ସଦସ୍ୟ ମାନେ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ଉପକଣ୍ଠ ଦୁଆରସୁନି ପଞ୍ଚାୟତ ଅନ୍ତର୍ଗତ ଦାମୋଦରପୁର ଗାଁର ଖାତା ନଂ ୫୪ ରୁ ୧ ଏକଡ଼ ୫୮ ଡିସମିଲ ଜାଗା ଦେବାଙ୍ଗ ସଂଘମର ଶ୍ମଶାନ ପାଇଁ ରହିଛି । ଶହ ଶହ ଶହ ବର୍ଷ ଧରି ଶ୍ମଶାନରେ ଧାର୍ମିକ ପରମ୍ପରା ଅନୁସାରେ ମୃତକଙ୍କୁ ସମାଧି ଦିଆଯାଉଛି । କିନ୍ତୁ ଉକ୍ତ ଶ୍ମଶାନ ଜମିରେ ବିଭିନ୍ନ ବିଭାଗ ପକ୍ଷରୁ ୨ ଟି ପାଣି ଟାଙ୍କି, ଶ୍ମଶାନ ମଝିରେ ଏକ କଚ୍ଚା ରାସ୍ତା ନିର୍ମାଣ କରାଯାଇଛି । କିଛି ମାସ ତଳେ ଦେବାଙ୍ଗ ସଂଘମର ଜଣଙ୍କ ଶେଷକୃତ୍ୟ ପାଇଁ ନେଇଥିବା ବେଳେ କିଛି ବ୍ୟକ୍ତି ବିରୋଧ କରିଥିଲେ । ଫଳରେ ମୃତକ ଙ୍କୁ ଅନ୍ୟ ଏକ ଶ୍ମଶାନ ରେ ଅନୁମତି ସହିତ ସମାଧି ଦିଆଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଶହ ଶହ ଶହ ବର୍ଷ ଧରି ଏହି ଶ୍ମଶାନରେ ନିଜ ୫/୭ ପିଢିଙ୍କ ଶେଷକୃତ୍ୟ କରିଥିବା ଓ ଶ୍ମାଶନ ପଟ୍ଟା ହାସଲ କରିଥିଲେ । ମଧ୍ୟ ଏହି ସମ୍ପ୍ରଦାୟ ଲୋକଙ୍କୁ ସେଠାରେ ଶେଷକୃତ୍ୟ କରିବା ପାଇଁ ବିରୋଧ କରାଯିବା ଦୁର୍ଭାଗ୍ୟ ଜନକ ବୋଲି କୁହାଯାଉଛି । ଏନେଇ ବାରମ୍ବାର ଜିଲ୍ଲା ପ୍ରଶାସନକୁ ଲିଖିତ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ । ଫଳରେ ସମ୍ମାନ ପୂର୍ବକ ମୃତଦେହର ଶେଷକୃତ୍ୟ ସମ୍ପନ୍ନ ହେଇପାରୁନାହିଁ । ଏହା ଚିନ୍ତାର ବିଷୟ ହେଉଛି । ଶ୍ମଶାନ ଜମି ଜବରଦଖଲ ବୋଲି ସାମ୍ବାଦିକ ସମ୍ମିଳନୀରେ ଡା. ରବି ନାରାୟଣ ସେନାପତି, ସୂର୍ଯ୍ୟ ନାରାୟଣ ସେନାପତି, ରମେଶ ସେନାପତିଙ୍କ ସମେତ ଦେବାଙ୍ଗ ସଂଘମର ବହୁ ବରିଷ୍ଠ ସଦସ୍ୟ ଚିନ୍ତା ବ୍ୟକ୍ତ କରିଥିଲେ । ଏଭଳି ସ୍ପର୍ଶକାତର ବିଷୟକୁ ଜିଲ୍ଲାପାଳ ଗୁରୁତ୍ୱର ସହିତ ବିଚାର କରି ଶବକୁ ନ୍ୟାୟ ପ୍ରଦାନ ପାଇଁ ଦେବାଙ୍ଗ ସଂଘମ ପକ୍ଷରୁ ଦାବି କରାଯାଇଛି । ସଂପ୍ରତି ସହରର ସମ୍ପ୍ରସାରଣ ହେଉଥିବା ବେଳେ ଜିଲ୍ଲା ମହକୁମାରେ ଅନେକ ସରକାରୀ ଜମି ଜବରଦଖଲ ହେଉଛି । ଏପରିସ୍ଥଳେ ଶ୍ମଶାନ ଜମି ଜବରଦଖଲ ହେବା ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି କରିଛି ।

## ବୁଗୁଡା ବନାଞ୍ଚଳରେ କୃଷ୍ଣସାର ମୃଗ ସଂଖ୍ୟା ୨୪.୯୫ % ବୃଦ୍ଧି



ବୁଗୁଡା ୩୦/୧ (ନି.ପ୍ର): ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡା ବନାଞ୍ଚଳରେ କୃଷ୍ଣସାର ମୃଗ ଗଣନା ଶେଷ ହୋଇଥିବା ବେଳେ ଗତ ଗଣନା ଅପେକ୍ଷା ୨୪.୯୫ % ବୃଦ୍ଧି ହୋଇଥିବା ଜଣାପଡିଛି । ୨୦୨୫ ମସିହା ଜାନୁଆରୀ ୨୯ ତାରିଖ ଦିନ ହୋଇଥିବା କୃଷ୍ଣସାର ମୃଗ ଗଣନା ପ୍ରକାରେ ବୁଗୁଡା ବନାଞ୍ଚଳରେ ୫୩୨ ଅଣ୍ଡିରା କୃଷ୍ଣସାର, ୧୬୨୩ ମାଈ କୃଷ୍ଣସାର ଓ ୬୦୯ ଯୁବ କୃଷ୍ଣସାର, ଏହିପରି ମୋଟ ୨୭୬୪ କୃଷ୍ଣସାର ମୃଗ ଥିବା ଜଣାପଡିଛି । ଗତ ୨୦୨୩ ରେ ହୋଇଥିବା ଗଣତିରେ ୫୨୪ ଅଣ୍ଡିରା କୃଷ୍ଣସାର, ୧୩୩୬ ମାଈ କୃଷ୍ଣସାର ଓ ୩୫୨ ଯୁବ କୃଷ୍ଣସାର, ଏହିପରି ମୋଟ ୨୨୧୨ କୃଷ୍ଣସାର ମୃଗ ଥିଲେ । ଦୁଇ ବର୍ଷରେ ମୋଟ ୫୫୨ କୃଷ୍ଣସାର ମୃଗ ଅଧିକ ହୋଇ ପ୍ରାୟ ୨୪.୯୫ % ମୃଗ ସଂଖ୍ୟା ବୃଦ୍ଧି ପାଇଛି । ଅଣ୍ଡିରା କୃଷ୍ଣସାର ମୃଗ ମାତ୍ର ୮ ଟି ଅଧିକ ହୋଇଥିବା ବେଳେ ମାଈ କୃଷ୍ଣସାର ସଂଖ୍ୟା ୨୮୭ ବୃଦ୍ଧି ପାଇଛି । ସେହିପରି ଯୁବ କୃଷ୍ଣସାର ମୃଗ ୨୫୭ ଟି ଅଧିକ ହୋଇଛି । ସେହିପରି ପୋଲସରା ବନାଞ୍ଚଳରେ ମୋଟ ୫୪୩ କୃଷ୍ଣସାର ମୃଗଥିବା ଗଣନାରୁ ଜଣାପଡିଛି । କର୍ମଚାରୀଙ୍କ ଦ୍ୱାରା ଗଣତିରୁ ଏହି ସଂଖ୍ୟା ଜଣାପଡ଼ିଥିବା ବେଳେ ସେଟ ଲାଇଟ ଗଣନା ପରେ ସଠିକ ସଂଖ୍ୟା ଜଣାପଡିବ ।

## ଆଦିବାସୀ ଅଞ୍ଚଳ ରେ ପାନୀୟଜଳ ସମସ୍ୟା ନେଇ ବିଡ଼ିଓଙ୍କୁ ଦାବୀ ପତ୍ର



ପୋଲସରା ୩୦/୧ (ନି.ପ୍ର): ଗଞ୍ଜାମ ଜିଲ୍ଲାର ପୋଲସରା ବ୍ଲକ ଅନ୍ତର୍ଗତ ପାଣ୍ଡିରୀପଡା ଓ ଗୋଛାବାଡି ପଞ୍ଚାୟତ ର ବହୁ ଆଦିବାସୀ ବହୁଳ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଥିବା ଜଣାପଡିଛି । ଜାନୁଆରୀ ୨୯ ତାରିଖ ଦିନ ଚାଷୀ ମୁଲିଆ ସଂଘ, ପୋଲସରା ବ୍ଲକ କମିଟି ପକ୍ଷରୁ ପାନୀୟ ଜଳ ସମସ୍ୟା ନେଇ ପୋଲସରା ବିଡ଼ିଓଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ପାଣ୍ଡିରୀପଡା ପଞ୍ଚାୟତର ପୁଞ୍ଜିଆମା, ବଡ଼ ତଇଲା, ନାଡୀଆମ୍ବା ଏବଂ ଗୋଛାବାଡି ପଞ୍ଚାୟତର ଭାଲିଆ ମାଳ, ଜୋକବନ୍ଧ, ଶିକିରି ପ୍ରଭୃତି ଆଦିବାସୀ ଗ୍ରାମମାନଙ୍କରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଜଳ ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରକାର ସମାଧାନ ନହେବା ଯୋଗୁଁ ଚାଷୀ ମୁଲିଆ ସଂଘ, ପୋଲସରା ବ୍ଲକ କମିଟି ପକ୍ଷରୁ ପୋଲସରା ବିଡ଼ିଓଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି ବୋଲି ରଞ୍ଜନ ଶବର, ପବନା ଶବର, ରମେଶ ଶବର ପ୍ରମୁଖ ପ୍ରକାଶ କରିଥିଲେ । ପ୍ରମୁଖ ଗ୍ରାମମାନଙ୍କରେ ସୌରଚାଳିତ ପ୍ରକଳ୍ପ ତିଆରି କରାଯାଇଥିବା ବେଳେ ଦୁଇରୁ ତିନି ମାସ ଚାଲିବା ପରେ ଅଚଳ ହୋଇଯାଇଛି । ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ ନହେଲେ ଆଗାମୀ ଦିନରେ ଆଦିବାସୀ ସମାଜ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ନିରଞ୍ଜନ ଶବର, ସୁଦର୍ଶନ ଶବର, ସୁରେଶ ଶବର ସମେତ ବହୁ ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିଲେ ।

## ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ରେ ତିନି ଦିନିଆ କର୍ମଶାଳା

ତେନ୍ତୁଳିଖୁଣ୍ଟି ୩୦/୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଆତ୍ମା କାର୍ଯ୍ୟାଳୟ ପ୍ରଶିକ୍ଷଣ ଭବନ ରେ ତିନି ଦିନିଆ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ମାଧ୍ୟମରେ ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ୨୭ ତାରିଖ ରୁ ଆରମ୍ଭ ହୋଇ ଥିବା କର୍ମଶାଳା ରେ ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ ପ୍ରାରମ୍ଭିକ ଅଭିଭାଷଣ ରେ ଚାଷ କହିଲେ ଧାନ, ମକା କିମ୍ବା ବିରି ମାଣ୍ଡିଆ ବୁଟ ମୁଗ ରେ କେବଳ ସରକାରୀ ପ୍ରୋତ୍ସାହନ ସୀମିତ ନାହିଁ । ଉଦ୍ୟାନ କୃଷି , ମତ୍ସ୍ୟ ଚାଷ ପଶୁ ପାଳନ ଆଦି ଚାଷ ପାଇଁ ସରକାର ବହୁ ସବ୍ସିଡି ଓ ମାଗଣା ବିହନ ଚାରା ଆଦି ଦେଉଛନ୍ତି । ସେସବୁ ର ସୁଯୋଗ ନେବାକୁ ଆହ୍ୱାନ କରିଥିଲେ । ଡ୍ରିପ ଇରୀଗେଶନ ପାଇଁ ସତୁରୀ ପ୍ରତିଶତ ସବ୍ସିଡି ଦିଆଯାଉଛି । ଆଳୁ ଚାଷ ପାଇଁ ବିହନ ଦିଆଯାଉଛି, ହଳଦୀ ଚାଷ ପାଇଁ ବିହନ ଦିଆଯାଉଛି ଏସବୁ ଚାଷ ରେ ମଧ୍ୟ ଚାଷୀ ଲାଭ ପାଇ ପାରିବ । ଛତୁ ଚାଷ, ଫୁଲ ଚାଷ , ପନିପରିବା ଚାଷ ଆଦି କରି ଚାଷୀ ଧାନ ଆଦି ଚାଷ ରୁ ଅଧିକ ଅର୍ଥ ପାଇପାରିବ ଏସବୁ ର ସୁଯୋଗ ନେବାକୁ ସହକାରୀ ଉଦ୍ୟାନ କୃଷି ଅଧିକାରୀ ତେଜସ୍ୱିନି ନାୟକ ଉପସ୍ଥିତ ଚାଷୀ ଙ୍କୁ ବୁଝାଇଥିଲେ । ଏହି କର୍ମଶାଳା ରେ ଉଦ୍ୟାନ କୃଷି କର୍ମଚାରୀ ପ୍ରଜ୍ଞା ସଗରିଆ ମଧ୍ୟ ଉଦ୍ୟାନ କୃଷି ବିଭାଗ ର ଯୋଜନା ସମ୍ପର୍କରେ ଉପସ୍ଥିତ ରହି ବୁଝାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କୃଷି ଓଭରସୀୟର ମଧୁସ୍ମିତା ପତି,ବନ୍ଦିତା ମହାରଣା ଜିତେନ୍ଦ୍ର ଟାକ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମୁକ୍ତି ପ୍ରଶିକ୍ଷଣ ବେଦାନ୍ତ ଆଶ୍ରମ ତରଫରୁ ଶୀତ ବସ୍ତ୍ର ବଣ୍ଟନ



ବାଲିଗୁଡା ୩୦/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ମୁକ୍ତି ପ୍ରଶିକ୍ଷଣ ବେଦାନ୍ତ ଆଶ୍ରମ ଓ ପଞ୍ଜାବର ଗୁରଗାଁଓ ଗୋ ରକ୍ଷକ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲା ବିଞ୍ଝଣା ଗ୍ରାମ ସ୍ଥିତ ସଦଗୁରୁ ବାବା ଶ୍ରୀ ହରିଶଙ୍କର ସ୍ୱାମୀଜୀ ଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସୁନାପାଙ୍ଗା ସ୍ଥିତ ସନ୍ତୋଷୀ ମା' ମନ୍ଦିର ପରିସର ମଧ୍ୟରେ ସାହିର ପ୍ରାୟ ୫୦୦ ରୁ ଉର୍ଦ୍ଧ ଗରିବ ବୃଦ୍ଧ ବୃଦ୍ଧା ମାନଙ୍କୁ କମ୍ବଳ, ଟୋପି, ସ୍ୱେଟର, ମୋଜା, ଜ୍ୟାକେଟ ଭଳି ବିଭିନ୍ନ ପ୍ରକାର ଶୀତ ବସ୍ତ୍ର ବଣ୍ଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ମନ୍ଦିର ପରିଚାଳନା କମିଟି ତରଫରୁ ସନ୍ୟାସୀ ବେହେରା, ଅଞ୍ଚଳ ନାୟକ, ଦଣ୍ଡପାଣି ବେହେରା, ରେଢ଼ାଖୋଲ ଅଞ୍ଚଳର ବରିଷ୍ଠ ଶ୍ରମିକ ନେତା ଭିକାରୀ ପ୍ରଧାନ ଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ପ୍ରକାଶ ଯୋଗ୍ୟ ଯେ, ଏହି ସଦଗୁରୁ ବାବା ଶ୍ରୀ ହରିଶଙ୍କର ସ୍ୱାମୀଜୀ ଓଡିଶା ଗୋ' ରକ୍ଷକ ସମିତି ର ରାଜ୍ୟ ସଭାପତି ଭାବେ ମନୋନୀତ ହୋଇ ଏ ଭଳି ଜନ ହିତକର କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସାଧାରଣରେ ପ୍ରଶଂସା ସାଉଁଟିଥିଲେ । ଆଗାମୀ ଦିନରେ ସମଗ୍ର ଅଞ୍ଚଳରେ ଗୋ'ରକ୍ଷକ ସମିତି ତରଫରୁ ଏହି ଭଳି ଜନହିତକର କାର୍ଯ୍ୟକ୍ରମ ମାନ ଆୟୋଜନ କରାଯିବ ବୋଲି ସ୍ୱାମୀଜୀ ପ୍ରକାଶ କରିଥିଲେ ।

## ମନରେଖା ଯୋଜନା ରେ ଶ୍ରମିକ ଙ୍କୁ ପ୍ରାପ୍ତ ଦେବାରେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଅବହେଳା



ନୂଆପଡା ୩୦/୧ (ନି.ପ୍ର): ଦାଦନ ସମସ୍ୟାକୁ ରୋକିବା ପାଇଁ ତଥା ଗରିବ ଶ୍ରେଣୀ ର ଶ୍ରମିକ ମାନଙ୍କୁ ବର୍ଷ କୁ ଶହେ ଦିନ ର କାମ ଯୋଗାଇ ଦେବାକୁ ମନରେଖା ଯୋଜନା ପ୍ରସ୍ତୁତି କରି କୋଟି କୋଟି ଟଙ୍କା ସରକାର ଯୋଗାଇ ଦେଇଆସୁଛନ୍ତି । ନୂଆପଡା ଜିଲ୍ଲା ଭଳି ଅନେକ ଜିଲ୍ଲା ର ଲୋକେ ମନରେଖା ଯୋଜନାରେ କାର୍ଯ୍ୟ ଚାଲୁଥିବା ବିଭିନ୍ନ ପ୍ରକଳ୍ପ କାର୍ଯର ପ୍ରାପ୍ତ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଙ୍କ ଅବହେଳା ଯୋଗୁଁ ଶ୍ରମିକ ମାନେ ନିଜ ପାରିଶ୍ରମିକ ମାସ ମାସ ଧରି ନପାଇବାରୁ ଅଶନ୍ତୋଷ ଦେଖା ଦେବା ସହ ଦୌନିକ ଜୀବନ ଯାପନ ରେ ଅସୁବିଧା ଦେଖା ଦେଇଛି । ଏଠାରେ ପ୍ରକାଶ ଯେ ମନରେଖା ଯୋଜନାରେ ସମଗ୍ର ରାଜ୍ୟ ରେ ଥିବା ବିଭିନ୍ନ ଯଥା ବନିକରଣ, ରାସ୍ତା ନିର୍ମାଣ, ମୋ ପୋଖରୀ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଭଳି ଅନେକ କାର୍ଯ୍ୟ ଶ୍ରମିକ ମାଧ୍ୟମରେ ହେଉଛି । ଜଣେ ଶ୍ରମିକର ସପ୍ତାହ କୁ ୬ ଦିନ କାମ ର ହାଜିର ପଡିଥାଏ । ଓ ୬ ଦିନର ପ୍ରାପ୍ତ ବାବଦକୁ ମୋଟ ୨୧୧୨ଟଙ୍କା ପାଇଥାଏ । ଏହି କାର୍ଯ୍ୟ ର ୩୦୦ ଦିନ ଜବ କାର୍ଡ ଧାରୀ ଶ୍ରମିକଙ୍କୁ ମାଷ୍ଟର ରୋଲ ନିର୍ଦ୍ଦିଷ୍ଟ କାର୍ଯାଳୟ ରେ ଦାଖଲ ଦିନ କାମର ଖାତା କୁ ୧୫/୨୦ ଦିନରେ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଙ୍କ ଟଙ୍କା ପଡୁଥିବା ବେଳେ ବାକି କମ ଦିନ ଜବ କାର୍ଡ ଧାରୀ କାମ କରି ଥିବା ଶ୍ରମିକ ମାନଙ୍କୁ ମିଳି ପାରୁନାହିଁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଙ୍କ ଟଙ୍କା । ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟି ଦେଇ ମାଷ୍ଟର ରୋଲ ଦାଖଲ କରିବାର ୪/୫ ଦିନରେ ଶ୍ରମିକ ମାନଙ୍କ ପାରିଶ୍ରମିକ ଦେଲେ ଆଗାମୀ ଦିନରେ ଦାଦନ ସମସ୍ୟା ଦୂର ହେଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ରଖିଛନ୍ତି ।

## ଦକ୍ଷତା ବିକାଶ ଯୋଜନା ରେ ମହିଳା ଙ୍କୁ ସିଲେଇ ମେସିନ୍ ବଣ୍ଟନ

ପାଟଣା ୩୦/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳିପଶି ପଞ୍ଚାୟତ ଅଞ୍ଚଳ ରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ମାଧ୍ୟମରେ ଏକମାସ ଧରି ୨୬ଜଣ ମହିଳା ଙ୍କୁ ସିଲେଇ ତାଲିମ ଦିଆଯାଇଥିଲା । ଏହି ତାଲିମପ୍ରାପ୍ତ ମହିଳା ମାନଙ୍କୁ ଏକ କାର୍ଯ୍ୟକ୍ରମ ମାଧ୍ୟମ ରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ପକ୍ଷ ରୁ କେନ୍ଦୁଝର ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି,ପାଟଣା ଜଳ ବିଭାଜିକା ପ୍ରକଳ୍ପ ସହକାରୀ ନିର୍ଦ୍ଦେଶିକା ଦୀପ୍ତିମୟୀ ଦାଶ,ନିରକ୍ଷିକ ଅଧିକାରୀ ଅରୁଣ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ତାଲିମ ପ୍ରାପ୍ତ ମହିଳା ମାନଙ୍କୁ ସିଲେଇ ମେସିନ ବଣ୍ଟନ କରିଛନ୍ତି ।

## ବ୍ଲକସ୍ତରୀୟ ଆକାଉଟେଣ୍ଟ ଏବଂ ଏମଆଇଏସମାନଙ୍କ ଗଣଧାରଣା

କୋଟପାଡ଼ ୩୦/୧ (ନି.ପ୍ର): ଚଳିତମାସ ୨୯ ତାରିଖରୁ ଆକାଉଟେଣ୍ଟ ତଥା ସପର୍ଟ ଷ୍ଟାପ ଏବଂ ଏମଆଇଏସ ତଥା ପ୍ଲାନିଙ୍ଗ କୋର୍ଡିନେଟରମାନଙ୍କ ଚାରିଦଫା ଦାବୀ ପୂରଣ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଥିବାର ଖବର ହସ୍ତଗତ ହୋଇଛି ।ସେମାନେ ସେମାନଙ୍କ ଦାବୀରେ ଚାକିରି ନିୟମିତ କରିବା, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନରେ ନିଆଯିବା,ଠିକା ପ୍ରଥା ଉଚ୍ଛେଦ ଏବଂ ଅସେପା କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀ ପ୍ରଦାନ ଭଳି ଦାବୀକୁ ନେଇ କୋରାପୁଟ ଜିଲ୍ଲାର ମୋଟ ୩୦ଜଣ ଆକାଉଟେଣ୍ଟ ଓ ୧୦ଜଣ ପ୍ଲାନିଙ୍ଗ ଆନ୍ଦୋଳନରେ ଯୋଗଦାନ କରିଥିବାରୁ ଶିକ୍ଷା ପ୍ରଶାସନରେ ବିଭିନ୍ନ ପ୍ରକାରର ଅସୁବିଧା ଦେଖିବାକୁ ମିଳିଛି । ଆନ୍ଦୋଳନ ଯୋଗୁଁ କନିଷ୍ଠ ଶିକ୍ଷକ, କନିଷ୍ଠ ଶିକ୍ଷକ ଯୋଜନାଭିତ୍ତିକ, ଏକ୍ସକ୍ୟାଡର ଶିକ୍ଷକ ଓ ଗଣଶିକ୍ଷକମାନଙ୍କ ଦରମା ପାଇବାରେ ଅସୁବିଧା ସହ ସମଗ୍ର ଶିକ୍ଷାର ବିଭିନ୍ନ ଅନୁଦାନ ବିନିଯୋଗରେ ସମସ୍ୟା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି ।ବିଭିନ୍ନ କାର୍ଯ୍ୟକୁ ଠିକଭାବେ ଉଭୟ ଆକାଉଟେଣ୍ଟ ଓ ପ୍ଲାନିଙ୍ଗ କୋର୍ଡିନେଟରମାନେ ଠିକଭାବେ ନିର୍ବାହ କରିଆସୁଥିଲେ ମଧ୍ୟ ସ୍ୱଳ୍ପ ଦରମା ତଥା ଚାକିରି ସର୍ତ୍ତାବଳୀରେ ଅସଙ୍ଗତି ଯୋଗୁଁ ନିଜ ଦାବୀଗୁଡ଼ିକୁ ଗଣତାନ୍ତ୍ରିକ ଉପାୟରେ ସରକାରଙ୍କ ନିକଟରେ ଉପସ୍ଥାପନ କରିଆସୁଥିବାବେଳେ ରାଜ୍ୟ ସରକାରଙ୍କ ଶୁଭଦୃଷ୍ଟି ଏହି କର୍ମଚାରୀମାନଙ୍କ ଉପରେ କେବେ ପଡୁଛି ଦେଖିବାକୁ ବାକି ରହିଲା ।

## ସହିଦ ଦିବସରେ ମହାତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଓ ନିରବତା ପାଳନ

ଯାଜପୁର, ତା ୩୦/୦୧ : ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଅଶୋକ କୁମାର ବେହୁରିଆଙ୍କ ଅଧ୍ୟକ୍ଷତାରେ ଜାତୀୟ ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ତଥା ସହିଦ ଦିବସ ପାଳିତ ହୋଇଯାଇଅଛି ।ଆଜି ପୂର୍ବାହ୍ନରେ ଗାନ୍ଧୀ ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ବେହୁରିଆ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ମହାତ୍ମା ଗାନ୍ଧୀ ଆମ ଗହଣରେ ଆଜି ନାହାଁନ୍ତି ସତ, ହେଲେ ତାଙ୍କ ଆଦର୍ଶ ଓ କାର୍ଯ୍ୟ କଳାପ ତାଙ୍କୁ ଚିରଦିନ ଧରାପୃଷ୍ଠରେ ଅମର କରି ରଖିଥିବ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବେହୁରିଆ କହିଥିଲେ । ଅଧ୍ୟବସାୟ, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଓ ମାତୃଭୂମି ପାଇଁ ତାଙ୍କର ଅବଦାନ ସମଗ୍ର ବିଶ୍ୱକୁ ଚମକୃତ କରିଛି । ତାଙ୍କର ଅହିଂସା ମନ୍ତ୍ର ସମଗ୍ର ବିଶ୍ୱକୁ ଆକୃଷ୍ଟ ଓ ପ୍ରଭାବିତ କରିଛି ବୋଲି କହିବା ସହ ତାଙ୍କ ପଦାଙ୍କ ଅନୁସରଣ କରିବାକୁ ଶ୍ରୀ ବେହୁରିଆ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଏହି ଉପଲକ୍ଷେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଯେଉଁ ମହାମାନିଷୀ ମାନେ ନିଜ ଜୀବନକୁ ତିଳ ତିଳ ଜାଳି ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ସଂଗ୍ରାମ କରି ସହିଦ ହୋଇଯାଇଛନ୍ତି, ସେହିପରି ଯାଜପୁର ଜିଲ୍ଲାର ବର୍ଷୀୟାନ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ନୀଳମଣି ସାମଲ, ବୀର ଯବାନ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ସଭାରେ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ ଶ୍ରୀ କୁଳମଣି ନାୟକ, ଡେପୁଟି କଲେକ୍ଟର ଶ୍ରୀ ତାପସ କୁମାର ସାହୁ, ଡେପୁଟି କଲେକ୍ଟର ସୁଶ୍ରୀ ଶାଶ୍ୱତୀ ଷଡଙ୍ଗୀ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀମତୀ ସୋନାଲୀ ବେହେରା, ଭୂ ଅର୍ଜନ ଅଧିକାରୀ ଶ୍ରୀ ସାହେବ୍ ରାମ ବାସ୍କେ, ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଅଧିକାରୀ, ଜ୍ଞାନ ରଞ୍ଜନ ସେଠୀ, ଡି.ଏମ.ଏଫ୍ ଟିମ୍ ଲିଡର ଡ. କୁମାର ସୁବାଶିଷ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।

## ଟାଙ୍ଗରପଡା ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ

ପାଟଣା ୩୦/୧ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଟାଙ୍ଗରପଡା ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ସମାରୋହ ଆଜି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମକରଧ୍ୱଜ ମହାନ୍ତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ,ମୁଖ୍ୟ ବକ୍ତା ଭାବେ ପାର୍ଥସାରଥୀ ବେଜ,ସମ୍ମାନୀତ ଅତିଥି ଭାବେ ବ୍ଲକ ସହ ଶିକ୍ଷାଅଧିକାରୀ ବିଜୟ କୁମାର ଓଝା , ଆଞ୍ଚଳିକ ମହାବିଦ୍ୟାଳୟ ର ଏନ ସି ସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ନବକିଶୋର ପୃଷ୍ଟି,ଟାଙ୍ଗରପଡା ସରପଞ୍ଚ ଅନିରୁଦ୍ଧ ନାଏକ, ୨୨ ନଂ ଜିଲ୍ଲା ପରିଷଦ ସଦସ୍ୟା ସୌଭାଗ୍ୟ ମଞ୍ଜରୀ ନାଏକ,କମଳାକାନ୍ତ ଚୌଧୁରୀ , ବିଶ୍ୱନାଥ ପଲେଇ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ ।କ୍ରୀଡ଼ା ଓ ମେଧା ଅନ୍ୱେଷଣ ପ୍ରତିଯୋଗୀତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ର ସୁନିଲ କୁମାର ପଣ୍ଡା , ମିନତି ପାତ୍ର,ହିମାନି ମହାନ୍ତ ,ବୁଦ୍ଧଦେବ ଦେହୁରୀ ,ସୁରଜ ସିଂ ବାବୁ , ପୀତବାସ ନାହାକ , ଯଯାତି କେଶରୀ ଘଣା , ନଳିନୀ ସାହୁ ଓ ଯମୁନା ନାଏକ ପ୍ରମୁଖ ବାର୍ଷିକ ବିବରଣୀ ପାଠ,ଅତିଥି ପରିଚୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଅଙ୍ଗନବାଡି ଜ୍ଞାନ କେନ୍ଦ୍ରରେ ସୁପୋଷିତ ଗ୍ରାମପଞ୍ଚାୟତ ଅଭିଯାନ



କଣାସ ୩୦/୧ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଆଇସିଡ଼ିଏସ୍ ସିଡିପିଓ ସ୍ମିତା ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଅଙ୍ଗନବାଡି ଜ୍ଞାନ କେନ୍ଦ୍ରରେ ସୁପୋଷିତ ଗ୍ରାମପଞ୍ଚାୟତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଦାମୋଦରପୁର ଅଙ୍ଗନବାଡ଼ି ଜ୍ଞାନ କେନ୍ଦ୍ରରେ ବିନ୍ଧଣ ପଞ୍ଚାୟତର ବାଲିପଡ଼ା ,ଗୋଲାରା,ହରସପଡ଼ା, ବିନ୍ଧଣ ଅଙ୍ଗନବାଡି କେନ୍ଦ୍ରର କର୍ମୀମାନେ ଉପସ୍ଥିତ ରହି ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ । ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା', କିଶୋରୀ ବାଳିକା ଏବଂ ୬ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଲକ୍ଷ୍ୟରେ ରଖି ଏହା ପ୍ରସ୍ତୁତ କରାଯାଇଛି ପୋଷଣ ଯୁକ୍ତ ଖାଦ୍ୟର ବ୍ୟବହାର ଉପକାରିତା ସମ୍ପର୍କରେ ଅଙ୍ଗନବାଡ଼ି କର୍ମୀ ବୁଝାଇବାକୁ ଯାଇ ବାଡ଼ି ବଗିଚାରେ ମିଳୁଥିବା ସବୁଜ ପନିପରିବା, ଶାଗ,ସଜନା ଛୁଇଁ,ଅମୃତଭଣ୍ଡା, ମାଣ୍ଡିଆ, ଗହମ,ଡାଲି,ବୁଟ, ଆଦି ବିଭିନ୍ନ ପୋଷଣ ଯୁକ୍ତ ଖାଦ୍ୟ ଆହାର ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ ।ବିଭିନ୍ନ ଅଙ୍ଗନବାଡ଼ି ଜ୍ଞାନ କେନ୍ଦ୍ରରେ ସୁପରଭାଇଜର ମାନେ ଯୋଗଦେଇ ଖାଦ୍ୟ ଖାଇବା ପୂର୍ବରୁ ହାତ ଧୋଇ ଆହାର କରିବା ଏବଂ ଡାଲି ଜାତୀୟ ଖାଦ୍ୟ ଆହାର ଉପକାରିତା ସମ୍ପର୍କରେ ବୁଝାଇଥିବା ଦେଖିବାକୁ ମିଳିଥିଲା । ଅଙ୍ଗନବାଡି କର୍ମୀ ପ୍ରଶାନ୍ତି ମାର୍ଥାଙ୍କ ପୌରୋହିତରେ ବିଭିନ୍ନ ପୁଷ୍ଟିସାର ଯୁକ୍ତ ଖାଦ୍ୟ ପ୍ରସ୍ତୁତି କରି ପ୍ରଦର୍ଶିତ କରିବା ସହ ସ୍ଥାନୀୟ ଅଞ୍ଚଳରେ ଶୋଭାଯାତ୍ରା ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିଥିଲେ । ଗର୍ଭବତୀ, ପ୍ରସୂତି ମା, ସ୍ୱୟଂ ସାହାଯିକା ମହିଳା, କିଶୋର ବାଳକ, ବାଳିକା ମାନେ ଉପସ୍ଥିତ ରହିଥିଲେ । ସାହାଯିକା ପ୍ରସାଦିନୀ ଜେନା କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ ।

## ପାହାଡଶ୍ରୀଗିଡା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଅତାବିରା ୩୦/୧ (ନି.ପ୍ର): ବୁଧବାର ଦିନ ଅତାବିରା ଅନ୍ତର୍ଗତ ପାହାଡ଼ଶ୍ରୀଗିଡ଼ା ଲାଲ୍ ଡୋଲେଶ୍ୱର୍ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଯାଇଅଛି । ଉକ୍ତ ଉତ୍ସବ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୁଶୀଳ କୁମାର ସେଠ୍ ସଭାପତିତ୍ୱ କରିଥିବା ବେଳେ, ସମ୍ମନିତ ଅଥିତି ଭାବେ ସି ଆର ସି ସି ଶ୍ରୀଯୁକ୍ତ ଜୟଦେବ ନାଏକ ଯୋଗଦାନ କରିଥିବା ବେଳେ ଅନ୍ୟ ତମ ସମ୍ମନିତ୍ ଅଥିତିଭାବେ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଶ୍ରୀମତୀ ତପସ୍ୱିନୀ ମେହର , ଅନ୍ୟ ସମ୍ମାନିତ ଅଥିତି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଗୀତାଞ୍ଜଳି ପ୍ରଧାନ, ହୀରାକୁଦ ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ରାଜେଶ ମହାକୁଡ଼ , ମୁଖ୍ୟ ବକ୍ତା ଭାବରେ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଦୟାନିଧି ସାହୁ ଯୋଗଦାନ କରିଥିଲେ । ବରିଷ୍ଠ ଶିକ୍ଷୟତ୍ରୀ ଶ୍ରୀମତୀ ସୌଦାମିନୀ ସାହୁ ବିବରଣୀ ପଠନ କରିଥିବା ବେଳେ ଶ୍ରୀମତୀ ପ୍ରଭାତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ ପରେ ପୁରସ୍କାର ପ୍ରଦାନ କରାଯାଇଥିଲା । ଯେଉଁମାନେ ନବୋଦୟ , ଓ ଏ ଭି ରେ , ତଥା ବିଭିନ୍ନ କ୍ଷେତ୍ର ରେ ଉତ୍ତୀର୍ଣ୍ଣ ହୋଇଥିଲେ ସେମାନଙ୍କୁ ଶାଇଂନି ଷ୍ଟାର ଆୱାର୍ଡ଼ ରେ ସମ୍ମାନିତ କରାଯାଇଥିଲା । ମଧ୍ୟାହ୍ନ ଭୋଜନ ରେ ଶ୍ରୀମାନ ବିଭୂତି ଭୂଷଣ ମହାପାତ୍ର ଅଥିତି ଭୋଜନ ପ୍ରଦାନ କରିଥିଲେ , ତେଣୁ ତାଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ଶ୍ରୀ ଦେବାନନ୍ଦ ସାହୁ, ଶିକ୍ଷୟତ୍ରୀ ଶ୍ରୀମତୀ ପୁଷ୍ପାଞ୍ଜଳି ପ୍ରଧାନ, ଶ୍ରୀମତୀ ଗୀତାଞ୍ଜଳି ରାଏ, ସୁଶ୍ରୀ ଚାନ୍ଦିନୀ ମାଝୀ ପ୍ରମୁଖ ସାହାଯ୍ୟ କରିଥିଲେ ।

## ପାଟଣା ବନାଞ୍ଚଳ ସ୍ତରୀୟ ବନାଗ୍ନି ନିବାରଣ ସଚେତନତା ଶିବିର

ପାଟଣା ୩୦/୧ (ନି.ପ୍ର): ପାଟଣା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ବୁଧବାର ପାଟଣା ବନାଞ୍ଚଳ ସ୍ତରୀୟ ଜଙ୍ଗଲ ନିଆଁ ବା ବନାଗ୍ନି ନିବାରଣ ସଚେତନତା ଶିବିର ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର ଙ୍କ ସଭାପତିତ୍ୱ ତଥା ସାହାରପଡା ବନପାଳ ଭୂପତି କୁମାର ସେଠୀ ଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ,ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ର କୁମାର ବେହେରା, ସମ୍ମାନୀତ ଅତିଥି ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ,ସାହାରପଡା ବ୍ଲକ ଉପାଧ୍ୟକ୍ଷା ଛବିରାଣୀ ସେଠୀ,ପାଟଣା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସିଦ୍ଧ ମାଝି, ସାହାରପଡା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ତପନ କୁମାର ପଲେଇ,ବରିଷ୍ଠ ସାମ୍ବାଦିକ ତଥା ପ୍ରକୃତିବନ୍ଧୁ ନୃସିଂହ ନାଥ ସିଂହ,ପାଟଣା ରାଜସ୍ୱ ପରିଦର୍ଶକ ବନମାଳୀ ନାଏକ,ସାହାରପଡା ରାଜସ୍ୱ ପରିଦର୍ଶକ ତ୍ରିଲୋଚନ ମହାନ୍ତ, ଟାଟା ପାୱାର ପାଟଣା କନିଷ୍ଠ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ମିଶ୍ର,ତୁରୁମୁଙ୍ଗା ର ଉମେଶ ଭୂୟାଁ,ପାଟଣା ଅଗ୍ନିଶମ ଅଧିକାରୀ ଗୌର ମୋହନ ହେମ୍ବ୍ରମ, ପାଟଣା ବନପାଳ ପିଅନ ନାଏକ,ଖିରେଇଟାଙ୍ଗରି ବନପାଳ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ ଜଙ୍ଗଲ ରେ ନିଆଁ ଲାଗିବାର ସମ୍ଭାବ୍ୟ କାରଣ ଓ ଏହାର ନିରାକରଣ ଉପରେ ସବିଶେଷ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମ ରେ ପାଟଣା ଓ ସାହାରପଡା ବ୍ଲକ ଅଞ୍ଚଳର ବହୁ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ,ବନ ସୁରକ୍ଷା କମିଟି ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି,ଗଜସାଥୀ ପ୍ରମୁଖ ସାମିଲ ରହି ବନାଗ୍ନି ନିବାରଣ ଶପଥ ପାଠ କରିଥିଲେ ।ଘର ଭାଙ୍ଗି ଥିବା ଦଶମୀ ମୁଣ୍ଡା ଓ ଅନ୍ୟ ଜଣେ ହିତାଧିକାରୀଙ୍କୁ ବନ ବିଭାଗ ପକ୍ଷରୁ ମାଗଣା ଧାତୁ ନିର୍ମିତ ଶସ୍ୟ ପାତ୍ର ପ୍ରଦାନ କରାଯାଇଥିବା ବେଳେ ବନରକ୍ଷୀ ରଞ୍ଜିତା ମହାନ୍ତ, ତପସ୍ୱିନୀ ନାଏକ,ଲକ୍ଷ୍ମୀପ୍ରିୟା ମହାନ୍ତ,ଡଳିରାଣୀ ସାହୁ,ଦେବଜାନୀ ମହାନ୍ତ,ଦୀପକ ରଣା ଓ ଟିମ ଲିଡର ରଣଜିତ ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ତେନ୍ତଳାପଶି ରେ ଅଗ୍ନିକାଣ୍ଡ

ପାଟଣା ୩୦/୧ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ତେନ୍ତଳାପଶି ଗ୍ରାମରେ ସୁଦାମ ମହାନ୍ତ ଙ୍କ କୁଟା ବଦାଡ଼ି ରେ କିଛି ଅସାମାଜିକ ଲୋକ ଆଜି ନିଆଁ ଲଗାଇ ଦେଇଥିବା ବେଳେ ପାଟଣା ର ଅଗ୍ନିଶମ ବାହିନୀ ଘଟଣା ସ୍ଥଳକୁ ଯାଇ ନିଆଁ ଲିଭାଉ ଥିବା ବେଳେ କିଛି ଲୋକ ଆଖ ପାଖ ରେ ଥିବା ଲଟା ବୁଦା ଓ କାଜୁ ପଡିଆ ବାଉଁଶ ବୁଦା ରେ ଜବରଦସ୍ତ ନିଆଁ ଲଗାଉଥିବା ଅଭିଯୋଗ ହୋଇଛି । ଆମେ ନିଆଁ ଲଗାଉଛୁ ତମେ ନିଆଁ ଲିଭାଅ କହି ସେମାନେ ଅଗ୍ନିଶମ କର୍ମଚାରୀଙ୍କୁ ଏହା ଉଦ୍ଦେଶ୍ୟ ମୂଳକ ଅଗ୍ନିକାଣ୍ଡ ବୋଲି ସୂଚାଇ ଦେଇଥିଲେ । ବନ ବିଭାଗ ପକ୍ଷରୁ ବନାଗ୍ନି ନିବାରଣ ପାଇଁ ଆଜି ସଚେତନତା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏପରି ଘଟଣା ବନାଗ୍ନି ନିବାରଣ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବା ସମ୍ଭାବନା ଥିବାରୁ ପୁଲିସ ଏଥିପ୍ରତି ନଜର ଦେବାକୁ ସାଧାରଣ ରେ ମତ ପ୍ରକାଶ ପାଇଛି ।

# ଆରମ୍ଭ ହେବ ‘ଆମ ଶାସନ’

ଭୁବନେଶ୍ୱର,୩୦/୧: ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନାଗରିକମାନଙ୍କଠାରୁ ସିଧାସଳଖ ମତାମତ ସଂଗ୍ରହ ବ୍ୟବସ୍ଥା ମାଧ୍ୟମରେ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବୃତ୍ତିଗତତା ଏବଂ ଆଚରଣଗତ ପରିବର୍ତ୍ତନ ଆଣିବା ପାଇଁ ‘ଆମ ଶାସନ’ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛନ୍ତି । ଏହି ପଦକ୍ଷେପ ଅଧୀନରେ ନାଗରିକଙ୍କ ସଂପୃକ୍ତି ବୃଦ୍ଧି, ସେବାର ଗୁଣବତ୍ତାରେ ଉନ୍ନତି ଆଣିବା ଏବଂ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଏକାଧିକ ଉପାୟରେ ନାଗରିକମାନଙ୍କ ମତାମତ ସଂଗ୍ରହ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରତିଷ୍ଠା କରାଯିବ । ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନରେ ଥିବା ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓସିଏସି) ଖୁବ୍ ଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବ । ଜିଲ୍ଲା ପ୍ରଶାସନ ସହାୟତାରେ ସରକାର ଏହି ପଦକ୍ଷେପ ଏବଂ ଏହାର ଲାଭକୁ ସମଗ୍ର ରାଜ୍ୟରେ ଲୋକପ୍ରିୟ କରିବାକୁ ଯୋଜନା କରିଛନ୍ତି । କୌଣସି ନାଗରିକ କୌଣସି ସରକାରୀ କାର୍ଯ୍ୟାଳୟକୁ ଆସିଲେ ସମ୍ପୃକ୍ତ ବିଭାଗ କିମ୍ବା ପକ୍ଷରୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଥିବା ଆବେଦନ ଜରିଆରେ ତାଙ୍କ ବିବରଣୀ ପଞ୍ଜୀକୃତ କରାଯିବ । ହିତାଧିକାରୀଙ୍କ ତଥ୍ୟ ଭଣ୍ଡାର ସୃଷ୍ଟି ପାଇଁ ଏହି ତଥ୍ୟକୁ ସିଧାସଳଖ ଆମ ଶାସନ ଆପ୍ଲିକେସନ୍ କୁ ପଠାଯିବ । ଚୟନ କରାଯାଇଥିବା ନମ୍ବରଗୁଡ଼ିକୁ ଉଠାଯିବ ଏବଂ ସମ୍ପୃକ୍ତ ନାଗରିକଙ୍କ ଠାରୁ ମତାମତ ନେବା ପାଇଁ କଲ୍ କରାଯିବ । ଏହାବ୍ୟତୀତ ୱେବ ପୋର୍ଟାଲ, ସୋସିଆଲ ମିଡିଆ, ଚାଟବଟ୍, ଇମେଲ, ଫୋନ କଲ ଇତ୍ୟାଦି ମାଧ୍ୟମରେ ସିଧାସଳଖ ନିଜର ମତାମତ ଦେବାକୁ ନାଗରିକମାନଙ୍କୁ ପ୍ରୋତ୍ସାହିତ କରାଯିବ । ନାଗରିକଙ୍କ ତଥ୍ୟ ପରିଚାଳନା ଏବଂ ମତାମତ ସଂଗ୍ରହ ପାଇଁ ଏକ ସିଆରଏମ ଏବଂ ରିପୋର୍ଟିଂ କନସୋଲ କାର୍ଯ୍ୟକାରୀ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି । ବର୍ତ୍ତମାନ ବିଭିନ୍ନ ସରକାରୀ ବିଭାଗ ଏବଂ ଜନସେବା କାର୍ଯ୍ୟକ୍ରମରେ କ୍ରମାଗତ ଭାବରେ ମତାମତ ସଂଗ୍ରହ କରିବା ପାଇଁ କେନ୍ଦ୍ରୀକୃତ ବ୍ୟବସ୍ଥାରେ ବ୍ୟବଧାନ



ରହିଛି । ନାଗରିକମାନଙ୍କୁ ପ୍ରାୟତଃ ଭିନ୍ନ ଭିନ୍ନ, ଏକାଧିକ ଚ୍ୟାନେଲ୍ ମାଧ୍ୟମରେ ମତାମତ ପ୍ରଦାନ କରିବାକୁ ପଡିଥାଏ, ଯାହା ଦ୍ୱାରା ଭୁଲ୍ ବୁଝାମଣା ଏବଂ ଭୁଲ ତଥ୍ୟ ମିଳିଥାଏ । ସେହିଭଳି ସରକାର ନିୟମିତ ଭାବେ ନୂଆ ନୂଆ ନୀତି ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି, କିନ୍ତୁ ଏହି ପଦକ୍ଷେପଗୁଡ଼ିକର ସଫଳତା ଓ ପ୍ରଭାବକୁ ମାପିବା ପାଇଁ ଏକ ଗଠନମୂଳକ, ଶୃଙ୍ଖଳିତ ଆଭିମୁଖ୍ୟର ଅଭାବ ରହିଛି । ଜନସାଧାରଣଙ୍କ ଭାବନା ଏବଂ ସେବା ଯୋଗାଣ ଫଳାଫଳ ଉପରେ ସ୍ପଷ୍ଟ ତଥ୍ୟ ବିନା, କର୍ତ୍ତୃପକ୍ଷମାନଙ୍କ ପାଇଁ ଏହି ନୀତିଗୁଡିକର ଫଳପ୍ରଦତା ଆକଳନ କରିବା କିମ୍ବା ଅବଗତ ସଂଶୋଧନ କରିବା ଚ୍ୟାଲେଞ୍ଜ୍ ଅଟେ । ଡିଜିଟାଲ ପ୍ଲାଟଫର୍ମ ଏବଂ ମୋବାଇଲ ଆପ୍ ଗୁଡ଼ିକ କ୍ରମଶଃ ଉପଲବ୍ଧ ହେଉଥିବା ବେଳେ ମତାମତ ପ୍ରଦାନ ପାଇଁ ଉପଭୋକ୍ତା ଅନୁକୂଳ ଏବଂ ସହଜରେ ଉପଲବ୍ଧ ଉପକରଣର ଅଭାବ ଯୋଗୁଁ ନାଗରିକମାନେ ଅନେକ ସମୟରେ ବିଚ୍ଛିନ୍ନ ହେଉଛନ୍ତି୍‌ୟ ଗ୍ରାମୀଣ ଜନସଂଖ୍ୟା କିମ୍ବା ଅବହେଳିତ ସମୁଦାୟରେ ପହଂଚିବା ପାଇଁ ମଧ୍ୟ ସୀମିତ ସମର୍ଥନ ଅଛି ଯେଉଁଠାରେ ଟେକ୍ନୋଲୋଜିର ଉପଲବ୍ଧତା ସୀମିତ ହୋଇପାରେ । ତେଣୁ ଏହି ପଦକ୍ଷେପ ଆମ ଶାସନ ପ୍ଲାଟଫର୍ମ ଜରିଆରେ ତୃଣମୂଳ ସ୍ତରରୁ ମତାମତ ପାଇବାରେ ସରକାରଙ୍କୁ ସହାୟକ ହେବ । ନାଗରିକଙ୍କ ଠାରୁ ମତାମତ ସଂଗ୍ରହ କରିବା ପାଇଁ ଏକ କଲ୍ ସେଣ୍ଟର ପ୍ରତିଷ୍ଠା କରାଯିବ ଯେଉଁଠାରେ ନାଗରିକମାନେ ଉତ୍ସର୍ଗୀକୃତ କଲ୍ ସେଣ୍ଟରକୁ ଫୋନ୍ କରି ଅଭିଯୋଗ ପଞ୍ଜୀକରଣ କରିପାରିବେ କିମ୍ବା ମତାମତ ପ୍ରଦାନ କରିପାରିବେ । ଅଫିସିଆଲ୍ ୱେବସାଇଟ୍‌ସୋସିଆଲ ମିଡିଆ ପ୍ଲାଟଫର୍ମ, ଚାଟବଟ୍ କିମ୍ବା ଇମେଲ୍ ମାଧ୍ୟମରେ ମଧ୍ୟ ମତାମତ ଦାଖଲ କରାଯାଇପାରିବ । ଏହି ଚ୍ୟାନେଲଗୁଡିକର ସମସ୍ତ ମତାମତ ସିଧାସଳଖ ସମାନ କେନ୍ଦ୍ରୀୟ ଡାଟାବେସରେ ସଂଗ୍ରହ କରାଯାଏ । ଏତଦ୍ ବ୍ୟତୀତ ସରକାରୀ ବିଭାଗ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ଏବଂ ବିଭିନ୍ନ ବିଭାଗ ସକ୍ରିୟ ଭାବେ ନାଗରିକମାନଙ୍କୁ ଡାକି ମତାମତ ସଂଗ୍ରହ କରିଥାନ୍ତି । ଏହି ପଦ୍ଧତି ମତାମତ ସଂଗ୍ରହରେ ନିରନ୍ତର ନିୟୋଜିତତା ଏବଂ ଅନ୍ତର୍ଭୁକ୍ତିକୁ ସୁନିଶ୍ଚିତ କରେ ।

## ବୀର ଶହୀଦଙ୍କୁ ଜିଲ୍ଲା ପ୍ରଶାସନର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼(୩୦/୦୧)ଶହୀଦ ଦିବସ ଅବସରରେ ବୀର ଅମର ଶହୀଦମାନଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଆଜି ଦିବା ୧୧ ଘଟିକା ସମୟରେ ୨ ମିନିଟ ପାଇଁ ଏକ ନୀରବ ପ୍ରାଥନା କରାଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତ୍ରିଭୁବନ ଜୟସିଂହଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଡେପୁଟି କଲେକ୍ଟର ରମେଶ ଚନ୍ଦ୍ର ପଣ୍ଡା, ତୃପ୍ତି ମହାନ୍ତି, ପଲ୍ଲବୀ ପତ୍ର ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି ନୀରବ ପ୍ରାର୍ଥନାରେ ଯୋଗ ଦେଇ ଦିବଙ୍ଗତ ଶହୀଦମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସେହିପରି ସକାଳ ୮.୩୦ ମିନିଟ ସମୟରେ ସତ୍ୟ ଓ ଅହିଂସାର ପୂଜାରୀ ଜାତିର ଜନକ ମହାତ୍ମାଗାନ୍ଧୀ ଙ୍କୁ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ଗରାପୁର ଡାକବଙ୍ଗଳା ନିକଟ ଗାନ୍ଧୀଙ୍କ ପ୍ରତିମୂର୍ତିରେ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ତଥା ବରଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ବିମ୍ବାଧର ମୁଦୁଲି ପୁଷ୍ପହାର ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ପ୍ରଫେସର ନନ୍ଦ କିଶୋର ପରିଡା, ଡକ୍ଟର ବାସୁଦେବ ଦାସ, ପଦ୍ମନାଭ ଦାସ, ତୁଷାରକାନ୍ତି ଘୋଷ, ପଞ୍ଚାନନ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ଖଣି ଅଧିକାରୀଙ୍କ ହାବୁଡ଼ରେ ଚୋରା ବାଲି ମାଫିଆ ; ପୋକ୍ଲିନ ସହ ହାଇୱା ଜବତ୍







କେନ୍ଦ୍ରାପଡ଼ା(୩୦/୧)ଜିଲ୍ଲା ନିକିରାଇ ଥାନା ଅଧୀନସ୍ଥ ବେଣୀପୁର ଅଞ୍ଚଳରେ ଦିନକୁ ଦିନ ବାଲି ମାଫିଆଙ୍କ ଦୌରାତ୍ମ ଅସହ୍ୟ ହୋଇ ପଡିଛି । ଅଞ୍ଚଳରେ ଯାଇଥିବା ବିରୂପା ନଦୀ ବେଣୀପୁର ଘାଟ ରୁ ଦିନକୁ ଶହ ଶହ ଟ୍ରିପ ବାଲି ଚୋରି କରି ମାଫିଆ ମାଲା ମାଲ୍ ହେଉଥିବା ବେଳେ ନଦୀ ଅଞ୍ଚଳରେ ବସ ବାସ କରୁଥିବା ଜନ ସାଧାରଣ ପ୍ରଦୂଷଣ ସହ ରାସ୍ତାରେ ଯିବକ୍ଷ ଆସିବା ଅସହ୍ୟ ହେବାରୁ ନୂଆ କରି ଆସିଥିବା ଦବଙ୍ଗ ଖଣି ଅଧିକାରୀ ରଞ୍ଜିତ ବେହେରାଙ୍କୁ ସୂଚନା ଦେଇଥିଲେ । ଗତ ଦୁଇ ଦିନ ଧରି ବିରୂପା ନଦୀ ବେଣୀପୁର ଘାଟରେ ମେସିନ ସାହାର୍ଯ୍ୟରେ ଶହ ଶହ ଟ୍ରିପ ବାଲି ଉତ୍ତୋଳନ କରି ହଇୱା ସାହାର୍ଯ୍ୟରେ ବାଲି ଚୋରା ଚାଲାଣ କରୁଥିବା ବେଳେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଭାରା ପ୍ରାପ୍ତ ଖଣି ଅଧିକାରୀ ରଞ୍ଜିତ ବେହେରା ସ୍ଥାନୀୟ ପୋଲିସଙ୍କ ସହ ମିଶି ଅଚାନକ ଚୋରା ବାଲି ଘାଟରେ ଚଢ଼ାଉ କରିଥିଲେ । ଚଢ଼ାଉ କରି ଗୋଟେ ଟାଟା ପୋକ୍ଲିନ୍ ସହ ଗୋଟେ ଚୋରା ବାଲି ବୋଝେଇ ହାଇୱା ଓ,ଡି ୦୨ ସି,ଜେଡ୍‌୬୩୩୬ କୁ ଜବତ୍ କରି ନିକଟସ୍ଥ ନିକିରାଇ ଥାନାରେ ଜୀମା ଦେଇଛନ୍ତି । ଆଗକୁ ଏମିତି ଚଢ଼ାଉ ଜାରି ରହିବା ସହ କେନ୍ଦ୍ରାପଡ଼ା ଜିଲ୍ଲା ରୁ ସମସ୍ତ ଚୋରା ବାଲି ଖାଦାନ ବନ୍ଦ କରାଯିବା ସହ ଚୋରା କରାବାର ରେ ଲିପ୍ତ ଥିବା ସମସ୍ତ ମାଫିଆ ମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖଣି ଅଧିକାରୀ ରଞ୍ଜିତ ବେହେରା ସୂଚନା ଦେଇଛନ୍ତି ।

## ସ୍ଥାୟୀ ପଟ୍ଟା ପାଇଁ ତହସିଲ ଅଫିସ ରେ ବସ୍ତି ବାସିନ୍ଦା



କେସିଙ୍ଗା,୩୦/୧: କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍ ଏ ସି ୱାର୍ଡ ନ ୧୦ ର ଶହ ଶହ ସଂଖ୍ୟାରେ ୱାର୍ଡ ବାସୀ ମଙ୍ଗଳବାର ଦିନ ସ୍ଥାନୀୟ ତହସିଲ ଅଫିସ ଯାଇ ତହସିଲଦାର ପ୍ରଶାନ୍ତି ପ୍ରଧାନ ଙ୍କୁ ସାକ୍ଷାତ କରି ସ୍ଥାୟୀ ପଟ୍ଟା ପାଇଁ ଅନୁରୋଧ କରିଥିଲେ। ଏଠାରେ ପ୍ରକାଶ ଥାଉକି ଗତ ସୋମବାର ଦିନ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ରେ ଜିଲ୍ଲାପାଳ ଜନଶୁଣାଣୀ ରେ ସମସ୍ତ ୱାର୍ଡ ବାସୀ ଯାଇ ଜିଲ୍ଲାପାଳ ଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଏକ ଲିଖିତ ଅଭିଯୋଗ କରିଥିଲେ ।ପରେ ଜିଲ୍ଲାପାଳ ଅଭିଯୋଗ ପତ୍ର କୁ ତହସିଲଦାର ଙ୍କୁ ଦେଇ ସମସ୍ୟା ର ସମାଧାନ ର ବାଟ ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ପରେ ତହସିଲଦାର ମହୋଦୟ ସମସ୍ତ ୱାର୍ଡବାସୀ ଙ୍କୁ ତହସିଲ ଅଫିସ ଆସିବାକୁ କହିଥିବାରୁ ସମସ୍ତେ ତହସିଲ ଅଫିସ ଯାଇ ତହସିଲଦାର ଙ୍କୁ ସାକ୍ଷାତ କରି ଥିଲେ ।ପରେ ତହସିଲ ଦାର ମହୋଦୟ ବାହାରକୁ ଆସି ସମସ୍ତ ୱାର୍ଡ ବାସୀ ଙ୍କୁ ମୁଁ ଆଜି ଏକା ସରକାର ଙ୍କୁ ଚିଠି ଲେଖି ସର୍ବେ ପାଇଁ ଅନୁରୋଧ କରି ସର୍ବେ କାମ ସରିଲା ପରେ ସମସ୍ତ ୱାର୍ଡ ବାସୀ ଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ ।ପରେ ୱାର୍ଡ ବାସୀ ତହସିଲ ଅଫିସ ରୁ ଫେରିଆସି ଥିଲେ ।

## ମଶା ଦମନ ପାଇଁ ସଜବାଜ



ଭୁବନେଶ୍ୱର,୩୦/୧: ଭୁବନେଶ୍ୱର ମହାନଗର ନିଗମ (ବି ଏମ୍ ସି) ଅଂଚଳରୁ ମଶା ବଂଶ ଲୋପ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କିତ ଏକ ସମୀକ୍ଷା ବୈଠକ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାତ ଦିନ ମଧ୍ୟରେ ମଶା ପ୍ରବଣ ସ୍ଥାନଗୁଡିକୁ ଚିହ୍ନଟ କରିବା ସହ ଦୁଇ ଦିନ ମଧ୍ୟରେ ମଶା ଦମନ ପଦକ୍ଷେପମାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ । ବିଏମ୍ ସିର ସମୟୋଚିତ ପଦକ୍ଷେପ ଯୋଗୁଁ, ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଡେଙ୍ଗୁ ରୋଗୀ ଅନେକ ସଂଖ୍ୟାରେ ହ୍ରାସ ପାଇଛି । ଗତ ବର୍ଷ ୪ ହଜାର ୫ ଶହ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ମାତ୍ର ୧୨ ଶହ ରୋଗୀ ଚିହ୍ନଟ ହୋଇଛନ୍ତି ବୋଲି କହିଥିଲେ କମିଶନର । ସଂପ୍ରତି ବିଏମ୍ ସି ପାଖରେ ୨୦ଟି ଅଟୋ ମାଉଣ୍ଟେଡ୍ ଫଗିଙ୍ଗ ମେସିନ୍, ୩୦ଟି ଛୋଟ ହ୍ୟାଣ୍ଡ ଫଗିଙ୍ଗ ମେସିନ ଏବଂ ୨ଟି ଟ୍ରାକ୍ଟର ମାଉଣ୍ଟେଡ୍ ମେସିନ ରହିଛି । ଏହି ମେସିନ ଜରିଆରେ ବିଭିନ୍ନ ୱାର୍ଡରେ ନିୟମିତ ମଶାମରା ତେଲ ସିଚନ, ମଶା ଧୂଆଁ ଦିଆଯାଉଛି । ମାତ୍ର ଏହା ଯଥେଷ୍ଟ ହୋଇପାରୁ ନାହିଁ । ତେଣୁ ଆଉ ୪ଟି ଟ୍ରାକ୍ଟର ମାଉଣ୍ଟେଟେଡ୍ ମେସିନ ତୁରନ୍ତ କ୍ରୟ କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ମାନବ ସମ୍ବଳ ମଧ୍ୟ କମ୍ ରହିଛି । ସଂଧ୍ୟା ସମୟରେ ଏକ କାଳୀନ ସମସ୍ତ ଅଂଚଳରେ ଫଗିଙ୍ଗ କରିବା ଦାରକାର । ନଚେତ ମଶାମାନେ ଗୋଟିଏ ଅଂଚଳରୁ ଅନ୍ୟ ଅଂଚଳକୁ ଚାଲିଯାଇଥାନ୍ତି । ତେଣୁ ଏକକାଳୀନ ଫଗିଙ୍ଗ କରିବା ପାଇଁ ଉଭୟ ମେସିନ ଓ ମାନବ ସମ୍ବଳର ଆବଶ୍ୟକତା ରହିଛି । ତୁରନ୍ତ ମାନବ ସମ୍ବଳ ବୃଦ୍ଧି କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର ମନ୍ତ୍ରୀ । ଯେତିକି ଆଣ୍ଟି ଲାର୍ଭା ୱାର୍କର ଅଛନ୍ତି, ତାହାକୁ ଦୈନିକ ପ୍ରାପ୍ୟ ଭିତ୍ତିରେ ଦ୍ୱିଗୁଣିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଦୟା ୱେଷ୍ଟ କେନାଲ ମଶା ବଂଶ ବୃଦ୍ଧି କରିବାର ପ୍ରମୁଖ ସ୍ଥଳ ଭାବେ ଚିହ୍ନଟ କରାଯାଇଛି । ତେଣୁ ପ୍ରତି ସପ୍ତାହରେ ଦୟା ୱେଷ୍ଟ କେନାଲରେ ମଶା ତେଲ ସିଚନ କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମଶା ଦମନ ପାଇଁ ସରକାର ଯୋଗାଇ ଦେଉଥିବା କେମିକାଲ ସିଚନ ହେଉଥିବାରୁ ମଶାମାନେ ତା ସହିତ ଅଭ୍ୟସ୍ତ ହୋଇଛନ୍ତି କି ନାହିଁ, ତାର ଗୁଣାତ୍ମକ ମାନ ପରୀକ୍ଷା କରିବାକୁ ମଧ୍ୟ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହା ବ୍ୟତୀତ ଆବସସ୍ଥଳୀଗୁଡିକର ଆଖପାଖ, ମାର୍କେଟ, ବସ୍ ଷ୍ଟାଣ୍ଡ ଏବଂ ଜନ ଗହଳିପୂର୍ଣ୍ଣ ଅଂଚଳରେ ଥିବା ହଟସ୍ପଟଗୁଡିକୁ ଚିହ୍ନଟ କରିବା, ସଠିକ ଭାବେ ଫଗିଙ୍ଗ ଓ ମଶା ତେଲ ସିଚନ ହେଉଛି କି ନାହିଁ, ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ତାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ବୁସ୍ କଟିଂ, ଗମ୍ବୁସିଆ ମାଛ ଛାଡିବା, ଜନ ସଚେତନତା ସୃଷ୍ଟି କରିବା ଆଦି କାମ ସାଧାରଣତଃ ଚାଲୁ ରହିବ । ମାତ୍ର ତୁରନ୍ତ ମଶା ବଂଶ ନାଶ କରିବାକୁ ଏହି ସମସ୍ତ ପଦକ୍ଷେପ ଦୁଇ ଦିନ ମଧ୍ୟରେ କାର୍ଯ୍ୟାରମ୍ଭ କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ‘ମହିଳା ସଶକ୍ତୀକରଣ କେବଳ ସ୍ଲୋଗାନ୍ ନୁହେଁ’, ୨ଟି ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୩୦/୧: ଆମ ପାଇଁ ମହିଳା ସଶକ୍ତୀକରଣ ଏକ ସ୍ଲୋଗାନ ନୁହେଁ ଏହା ଏକ ପ୍ରତିବଦ୍ଧତା । ରାଜ୍ୟର ମହିଳାଙ୍କ ଆଶା, ଆକାଂକ୍ଷା ପୂରଣ କରିବା ପାଇଁ ନୂତନ ସରକାର ଦାୟିତ୍ୱ ନେବାର ଏକ ଘଣ୍ଟା ମଧ୍ୟରେ ସୁଭଦ୍ରା ଯୋଜନା ପ୍ରଣୟନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଯାହା ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପୂରଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ରେ ଆୟୋଜିତ ମହିଳାଙ୍କୁ ନେଇ ସ୍ୱତନ୍ତ୍ର ଅଧିବେଶନ ‘ସୁଭଦ୍ରାରୁ ମୁଦ୍ରା’ ଅବସରରେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ବର୍ତ୍ତମାନ ସୁଦ୍ଧା ସୁଭଦ୍ରା ଯୋଜନାରେ ୧ କୋଟି ୭ ଲକ୍ଷ ଯୋଗ୍ୟ ହିତାଧିକାରୀ ପଞ୍ଜୀକରଣ କରିଛନ୍ତି । ଅଦ୍ୟାବଧି ୮୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟ କିସ୍ତି ପ୍ରଦାନ କରାଯାଇଛି। ସୁଭଦ୍ରା ଯୋଜନାରେ ଦିଆଯାଉଥିବା ସହାୟତାକୁ ବିନିଯୋଗ କରି ମା’ମାନେ ଛୋଟ ଛୋଟ ବ୍ୟବସାୟ କରୁଛନ୍ତି । ସଫଳ ଉଦ୍ୟୋଗୀ ହେବା ପାଇଁ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ କରିବା ପାଇଁ ସେ ସେମାନଙ୍କୁ ଆହ୍ୱାନ ଦେଇଥିଲେ। ମା’ମାନଙ୍କ ଦକ୍ଷତାରେ ଉନ୍ନତି ଆଣିବା ଲାଗି ବିଶ୍ୱ ଦକ୍ଷତା କେନ୍ଦ୍ର ଓ ଆଇଆଇଏମ୍ ସମ୍ବଲପୁର ସହଯୋଗ କରୁଛନ୍ତି। ଆଗାମୀ ଦିନରେ ଆହୁରି ଅନେକ ସଂସ୍ଥା ସେଥିରେ ସାମିଲ ହେବେ ବୋଲି ସେ କହିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ ଯେ ‘ସୁଭଦ୍ରା’ ଯୋଜନା ରାଜ୍ୟର ଏକ କୋଟିରୁ ଊର୍ଦ୍ଧ୍ୱ ନାରୀଙ୍କ ଜୀବନକୁ ପ୍ରଭାବିତ କରି ଲିଙ୍ଗଭିତ୍ତିକ ସମାନତା ଓ ସଶକ୍ତ ଓଡ଼ିଶା ନିର୍ମାଣରେ ସହାୟକ ହୋଇଛି। ମହିଳାମାନଙ୍କ ଡିଜିଟାଲ୍ ଓ ଆର୍ଥିକ ସାକ୍ଷରତା, ଉଦ୍ୟମିତାରେ ଉନ୍ନତି ଓ ନେତୃତ୍ୱ ନେବାର ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ଅବହେଳିତ ତଥା ଜନଜାତି ମହିଳାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସୁଭଦ୍ରା ବହୁମାତ୍ରାରେ ସଫଳ ହୋଇପାରିଛି। ଏହି ଅବସରରେ ମହିଳାମାନଙ୍କୁ ତାଲିମ ଦେବା ଲାଗି ଆଇଆଇଏମ୍ ସମ୍ବଲପୁର ଓ ବିଶ୍ୱ ଦକ୍ଷତା କେନ୍ଦ୍ର ସହିତ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମରେ ଉନ୍ନୟନ କମିସନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ନିକୁଞ୍ଜ ଧଳ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ମନିଷା ବାନାର୍ଜୀ, ମିସନ ଶକ୍ତି ବିଭାଗ ନିର୍ଦ୍ଦେଶକ ମୋନିକା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ‘ମହିଳା ଉଦ୍ୟୋଗୀଙ୍କ ପାଇଁ ଋଣ ସୁବିଧା’ ଏବଂ ‘ମହିଳା ଉଦ୍ୟୋଗୀଙ୍କ ପାଇଁ ବଜାର ସଂଯୋଗ ସୃଷ୍ଟି’ ଶୀର୍ଷକ ଦୁଇଟି ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା ଉଭୟ ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ। ଏଥିରେ ଷ୍ଟେଟ୍ ବ୍ୟାଙ୍କର ଉପ ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର ରଣା, ଭିସାର ବରିଷ୍ଠ ନିର୍ଦ୍ଦେଶକ କବିତା ମୁରଲୀ, ଅଭନ୍ତି ଫାଇନାନ୍ସର ସହପ୍ରତିଷ୍ଠାତା ସୁନୀଲ କୁମାର ତଡ଼େପାଲି, ଜୀବଦା ଭେଞ୍ଚରର ପ୍ରତିଷ୍ଠାତା ଧରିତ୍ରୀ ପଟ୍ଟନାୟକ, ଲେବର ନେଟ୍‌ର ଅଧ୍ୟକ୍ଷ ଗାୟତ୍ରୀ ବାସୁଦେବନ୍, ଉଦୈତି ଫାଉଣ୍ଡେସନ୍‌ର ପ୍ରତିନିଧି କନିକା ସାଙ୍ଗଲ ଅଂଶଗ୍ରହଣ କରିଥିଲେ।

## ବର୍ଜ୍ୟ ପରିଚାଳନା ପାଇଁ ୪୦୭୫ କୋଟିର ପ୍ରସ୍ତାବ

ଭୁବନେଶ୍ୱର,୩୦/୧: ସର୍କୁଲାର ଇକୋନୋମି ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ କମ୍ପାନି ବର୍ଜ୍ୟ ପରିଚାଳନାରେ ୪୦୭୫ କୋଟି ଟଙ୍କା ନିବେଶ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବା ପରେ ରାଜ୍ୟରେ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଥିଲେ ଯେ ଓଡ଼ିଶାର ବିଶାଳ ଶିଳ୍ପ ଏବଂ ଉତ୍ପାଦନ କ୍ଷେତ୍ର ହେତୁ ଥର୍ମାଲ୍ ପାୱାର ପ୍ଲାଣ୍ଟ, ଇସ୍ପାତ କାରଖାନା, ଆଲୁମିନା ରିଫାଇନାରି, ସିମେଣ୍ଟ କାରଖାନାରୁ ଉତ୍ପନ୍ନ ହେଉଥିବା ବର୍ଜ୍ୟ ଆଜିର ସମୟର ଅର୍ଥନୈତିକ ଇଞ୍ଜିନ ଏବଂ ସର୍ବାଧିକ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରୁଛ। ଏହା ଦ୍ୱାରା ରାଜ୍ୟରେ ବର୍ଜ୍ୟରୁ ସମ୍ପଦ ବ୍ୟବସ୍ଥା ସୃଷ୍ଟି ହୋଇପାରିବ। ଓଡ଼ିଶାରେ ବର୍ଜ୍ୟ ପୁନଃଚକ୍ରଣର ବିପୁଳ ସୁଯୋଗ ରହିଛି। ଫ୍ଲାଏ ଆସ୍, ଜିପ୍‌ସମ୍, ପ୍ଲାଷ୍ଟିକ୍, ଇଲେକ୍ଟ୍ରୋନିକ୍ସ ଓ ବୟନ ଶିଳ୍ପରେ କଞ୍ଚାମାଲ ଏବଂ ସମ୍ପୂର୍ଣ୍ଣ ସାମଗ୍ରୀର ଆମଦାନି ଏବଂ ରପ୍ତାନି ପାଇଁ ସୁଯୋଗ ପ୍ରଦାନ କରୁଛି ବୋଲି ସେ କହିଥିଲେ। ସର୍କୁଲାର ଇକୋନୋମି କ୍ଷେତ୍ରରେ କାର୍ଯ୍ୟ କରୁଥିବା ନିବେଶକମାନଙ୍କ ପାଖରେ ପହଞ୍ଚିବାରେ ଉତ୍କର୍ଷ ଓଡ଼ିଶା କନକ୍ଲେଭ୍ ଅନନ୍ୟ ସୁଯୋଗ ପ୍ରଦାନ କରୁଛି ବୋଲି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ କେ ମୁରୁଗେସନ କହିଥିଲେ। ଭାରତରେ ବର୍ଜ୍ୟ ପରିଚାଳନା କ୍ଷେତ୍ରର ବଜାର ମୂଲ୍ୟ ୨୦୨୩ ରେ ପାଖାପାଖି ୧୩.୧ ବିଲିଅନ୍ ଡଲାର ଥିଲା ଏବଂ ୨୦୩୨ ସୁଦ୍ଧା ଏହା ୨୧.୭ ବିଲିଅନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏହି ଅବସରରେ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ, ପୂର୍ବତନ ଡିଜିଏଫ୍ ସିଦ୍ଧାନ୍ତ ଦାସ, ଏନ୍ ସୁବ୍ରମଣ୍ୟମ, ସର୍କୁଲେଟ୍ କ୍ୟାପିଟାଲ୍‌ର ଜେ ପାପ୍ରିୱାଲ୍, ନାଲ୍‌କୋର ପୂର୍ବତନ ସିଏମ୍?ଡି ଡ. ତପନ କୁମାର ଚାନ୍ଦ ଓ ଆଇଆଇଏମ୍ କୋଝିକୋଡ୍‌ର ପ୍ରଫେସର ଡ. ସିଦ୍ଧାର୍ଥ ଏସ୍ ପାଢ଼ୀ ଉପସ୍ଥିତ ଥିଲେ।

## ହଜାରେରୁ ଅଧିକ ଏମଏସଏମଇ ବନ୍ଦ

ଭୁବନେଶ୍ୱର : ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଅନୁକୂଳ ବାତାବରଣ ସୃଷ୍ଟି କରୁଥିବାବେଳେ ରାଜ୍ୟରେ ଜମି ନେଇ ଗଢି ଉଠିଥିବା ଛୋଟ ଛୋଟ ଶିଳ୍ପସଂସ୍ଥା ମଧ୍ୟରୁ ହଜାରେରୁ ଅଧିକ ବନ୍ଦ ହୋଇଯାଇଛି । ୪ଶହରୁ ଅଧିକ ଶିଳ୍ପସଂସ୍ଥା ସେମାନଙ୍କୁ ଯୋଗାଇ ଦିଆଯାଇଥିବା ଜମିକୁ ଅନ୍ୟ କାର୍ଯ୍ୟରେ ଲଗାଇ ଦେଇଛନ୍ତି । ରାଜ୍ୟରେ ଏବେ ଉତ୍କର୍ଷ ଓଡିଶା ଶିଳ୍ପ ମହାକୁମ୍ଭ ଚାଲିଥିବାବେଳେ ବଡ ବଡ ଶିଳ୍ପ ସହିତ ଛୋଟ ଛୋଟ ଶିଳ୍ପ ବିଶେଷକରି ଏମଏସଏମଇ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । କାରଣ ଏହା ଜରିଆରେ ହିଁ ରାଜ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ତେବେ ପୂର୍ବରୁ ଯେଉଁସବୁ ଏମଏସଏମଇ ପ୍ରତିଷ୍ଠା ହୋଇଥିଲା ସେଥି ମଧ୍ୟରୁ ୧୦୪୨ଟି ବନ୍ଦ ହୋଇଯାଇଥିବା ସରକାରୀ ସୂଚନାରୁ ଜଣାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୧୩୫ଟି ଶିଳ୍ପାଞ୍ଚଳରେ ଏମଏସଏମଇ ପାଇଁ ୧୨,୮୦୮ ଏକର ପରିମିତ ଜମି ରହିଛି । ଏଥି ମଧ୍ୟରୁ ୬୫୦୪ଟି ଛୋଟ ଛୋଟ ଶିଳ୍ପସଂସ୍ଥାଙ୍କୁ ୭ହଜାର ଏକର ଜମି ଯୋଗାଇ ଦିଆଯାଇଛି । ଏହିସବୁ ଜମି ଏମଏସଏମଇଗୁଡିକୁ ଲିଜ୍ ସୂତ୍ରରେ ସରକାର ଯୋଗାଇ ଦେଇଛନ୍ତି । ତେବେ ପ୍ରତିଷ୍ଠା ହୋଇଥିବା ଶିଳ୍ପସଂସ୍ଥା ମଧ୍ୟରୁ ସାଢେ ୩ହଜାର ଶିଳ୍ପସଂସ୍ଥା କାର୍ଯ୍ୟକ୍ଷମ ଥିବାବେଳେ ହଜାରେରୁ ଅଧିକ ବନ୍ଦହୋଇ ଗଲାଣି । ୪ଶହରୁ ଅଧିକ ଶିଳ୍ପସଂସ୍ଥା ସେମାନଙ୍କୁ ଲିଜ୍ ? ସୂତ୍ରରେ ମିଳିଥିବା ଜମିକୁ ଅନ୍ୟ ଶିଳ୍ପ କାର୍ଯ୍ୟରେ ବ୍ୟବହାର କରିଛନ୍ତି । ତେବେ ପାଖାପାଖି ୬ଶହ ଶିଳ୍ପସଂସ୍ଥା କୌଣସି ଉତ୍ପାଦନ ନକରି ଏକ ପ୍ରକାର ଅଚଳ ସ୍ଥିତିରେ ରହିଛନ୍ତି । ଶିଳ୍ପାଞ୍ଚଳଗୁଡିକରେ ଯୋଗାଇଥିବା ଜମିକୁ ଶିଳ୍ପସଂସ୍ଥାମାନେ ଅନ୍ୟ କାର୍ଯ୍ୟରେ ବ୍ୟବହାର କରୁଥିଲେ ତାହାର ଲିଜ୍ ବାତିଲ ପାଇଁ ଇଡ୍‌କୋ କର୍ତ୍ତୃପକ୍ଷ ପଦକ୍ଷେପ ନେଉଛନ୍ତି । ଏଥିପାଇଁ ମାମଲା ରୁଜୁ ହେଉଥିଲେ ବି ତାହାର ସେଭଳି କୌଣସି ଫରକ ପଡୁନାହିଁ । ରାଜଧାନୀ ମଧ୍ୟରେ ଥିବା ମଞ୍ଚେଶ୍ୱର ଓ ଚନ୍ଦକା ଶିଳ୍ପାଞ୍ଚଳରେ ଶିଳ୍ପ ବଦଳରେ ଅଣଶିଳ୍ପ ସଂଖ୍ୟା ଅଧିକ । ଏଠାରେ ଏକାଧିକ ଶିକ୍ଷାନୁଷ୍ଠାନ ସହିତ ଗାଡି ସୋରୁମ୍ ?ମାନ ଗଢି ଉଠିଛି । ତେବେ ଏଠାରେ ଜମି ମୂଲ୍ୟ ସହିତ ଘରଭଡା ଆକାଶଛୁଆଁ ହୋଇଥିବାରୁ ଶିଳ୍ପ ପ୍ରତିଷ୍ଠାପାଇଁ ଦିଆଯାଇଥିବା ଜମି ଉପରେ ଘର ତିଆରି କରି ଲୋକେ ଭଡାରେ ଲଗାଇ ଦେଇଛନ୍ତି । ଧର୍ମକୁ ଆଖିଠାର ମାରିଲା ଭଳି ଘର ଆଗରେ ଶିଳ୍ପସଂସ୍ଥାର ନାଁ ଲେଖି ଫଳକଟିଏ ଟଙ୍ଗାଇ ଦେଉଛନ୍ତି । ବର୍ତ୍ତମାନ ରାଜ୍ୟ ସରକାର ଉତ୍କର୍ଷ ଓଡିଶାରେ ଶିଳ୍ପ ପ୍ରତିଷ୍ଠା ଉପରେ ବିଶେଷକରି ଏମଏସଏମଇ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବାରୁ ତୁରନ୍ତ ବନ୍ଦ ହୋଇ ପଡିଥିବା ଏମଏସଏମଇ ଓ ଅନ୍ୟ କାର୍ଯ୍ୟରେ ବ୍ୟବହାର ହୋଇଥିବା ଶିଳ୍ପସଂସ୍ଥାରୁ ଜମିର ଲିଜ୍ ବାତିଲ କରି ତାହାକୁ ଯୁବ ଉଦ୍ୟୋଗୀମାନଙ୍କୁ ଯୋଗାଇ ଦେବାକୁ ମତପ୍ରକାଶ ପାଉଛି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ